51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୫/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, September 25/2025 | Page 14 | ₹ 7.00

୫୧ଶ ଭାଗ ୩୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 301 | ମୂଲ୍ୟ ₹୭/-




**ଫାଇନାଲରେ ଭାରତ**

ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ଭାରତ ବୁଧବାର ୪୧ ରନରେ ବାଂଲାଦେଶକୁ ହରାଇ ଏସିଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି।

୧୪

୦୨

**'ବଲିଉଡ୍‌ରେ ରାଜନୀତିର ଶିକାର ହୋଇଛି'**

ବଲିଉଡ୍‌ରେ ସେ ରାଜନୀତିର ଶିକାର ହୋଇଛନ୍ତି ବୋଲି ଅଭିନେତ୍ରୀ ଅମୃତା ରାଓ ବୁଧବାର ଏକ ପୋଡ୍‌କାଷ୍ଟରେ କହିଛନ୍ତି।



# ଲେହ୍‌ରେ ହିଂସା

## ପୋଲିସ ଗୁଳିରେ ୪ ମୃତ, ୭୦ ଆହତ

### ଲଦାଖକୁ ରାଜ୍ୟ ମାନ୍ୟତା ଦାବି

କେନ୍ଦ୍ରଶାସିତ ଅଞ୍ଚଳ ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଦାବିରେ ବୁଧବାର ଲେହ୍‌ଠାରେ ବନ୍ଦ ପାଳନ ସମୟରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ଲେହ୍ ଆପେକ୍ସ ବଡି (ଏଲ୍‌ଏବି) ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ବେଳେ ପୋଲିସ ଗୁଳିରେ ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨୦ ପୋଲିସ କର୍ମଚାରୀ ଅଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି କ୍ଲାଇମେଟ୍ ଆକ୍ଟିଭିଷ୍ଟ ସୋନମ୍ ୱାଙ୍ଗ୍‌ଚୁକ ଅନଶନ ଭଙ୍ଗକରି ତତ୍କାଳ ବନ୍ଦ ପ୍ରତ୍ୟାହାର କରିବାକୁ ପରାମର୍ଶ ଦେଇଛନ୍ତି। ୫ ବର୍ଷ ହେଲା ଯୁବପିଢ଼ି ରୋଜଗାର ପାଉ ନ ଥିବାରୁ 'ଜେନ୍-ଜି ଧରଣର ଆନ୍ଦୋଳନ' ମୁଣ୍ଡ ଟେକିଛି। ଏହା ଏକ ସାମାଜିକ ଆନ୍ଦୋଳନ। ଲଦାଖରେ କୌଣସି ଗଣତାନ୍ତ୍ରିକ ମଞ୍ଚ ନାହିଁ। ତେବେ ହିଂସା ଯୋଗୁ ଲଦାଖବାସୀଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। ସ୍ଥିତି ଆହୁରି ଖରାପ ଆଡ଼କୁ ଗତି କରିପାରେ। ଲଦାଖ ଓ ଦେଶରେ ଅସ୍ଥିରତା ସୃଷ୍ଟି କରିବା ଅନୁଚିତ ବୋଲି ଅନଶନସ୍ଥଳରେ ୱାଙ୍ଗ୍‌ଚୁକ ନିଜ ସମର୍ଥକମାନଙ୍କୁ ସମ୍ବୋଧିତ କରି କହିଛନ୍ତି।



ଲେହ୍‌ରେ ବିକ୍ଷୋଭବେଳେ ଆନ୍ଦୋଳନକାରୀମାନେ ଏକ ପୋଲିସ ଗାଡ଼ିକୁ ପୋଡ଼ି ଦେଇଛନ୍ତି।

**ଲେହ୍,୨୪।୯ (ପି.ଟି. /ରଏଟର୍ସ)**

ହିଂସାକୁ ଦୃଷ୍ଟିରେ ରଖି ଲେହ୍ ଜିଲାର ବିଭିନ୍ନ ଭାଗରେ ଭାରତୀୟ ନାଗରିକ ସଂହିତା (ବିଏନ୍‌ଏସ୍) ଧାରା ୧୬୩ ଜାରି କରାଯାଇଛି। ତଦନୁସାରେ ସମ୍ପୃକ୍ତ ଅଞ୍ଚଳରେ ୫ କିମ୍ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ଏକତ୍ର ହୋଇପାରିବେ ନାହିଁ ବୋଲି ବିକ୍ଷୋଭକାରୀଙ୍କୁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରର ରାଜ୍ୟ ମାନ୍ୟତା ପ୍ରତ୍ୟାହାରକରି ଏହାକୁ ଜମ୍ମୁ-କଶ୍ମୀର ଏବଂ ଲଦାଖ ରୂପେ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ଏହା ପରଠୁ ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଓ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ସାମିଲ ଦାବିରେ ଅନେକ ସମୟରେ ବିକ୍ଷୋଭ ☞ପୃଷ୍ଠା-୪

# ଫେବୃଆରୀ ୧୭ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

**ଭୁବନେଶ୍ୱର,୨୪।୯(ସୁଚିସ୍ମିତା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷାର ସମ୍ଭାବ୍ୟ ତାରିଖ ବୁଧବାର ଘୋଷଣା କରାଯାଇଛି। ୨୦୨୬ ଫେବୃଆରୀ ୧୭ରୁ ଏହି ୨ ପରୀକ୍ଷା ଆରମ୍ଭ ହେବ ବୋଲି ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ସନ୍ୟାମ ଭରଦ୍ୱାଜ ସୂଚନା ଦେଇଛନ୍ତି। ୫ ମାସ ପୂର୍ବରୁ ପରୀକ୍ଷା ନେଇ ସମୟସାରଣୀ ପ୍ରକାଶ ପାଇଥିବାରୁ ଏଥିପାଇଁ ଛାତ୍ରୀଛାତ୍ର ନିଜକୁ ଭଲଭାବେ ପ୍ରସ୍ତୁତ କରିପାରିବେ ବୋଲି ଆଶା କରାଯାଉଛି।

ସିବିଏସ୍‌ଇର ସୂଚନାନୁସାରେ, ଚଳିତ ବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପାଖାପାଖି ୪୫ ଲକ୍ଷ ପିଲା ପରୀକ୍ଷା ଦେବେ। ଉଭୟ ଶ୍ରେଣୀ ପରୀକ୍ଷା ଗୋଟିଏ ଶିଫ୍ଟରେ ଆରମ୍ଭ ହେବ। ପରୀକ୍ଷା ସହ ଖାତାଦେଖା ଓ ଫଳାଫଳ ଆଦି ପ୍ରକ୍ରିୟା ଜୁଲାଇ ୧୫ ଭିତରେ ଶେଷ କରିବାର ଯୋଜନା ରହିଛି। ସିବିଏସ୍‌ଇ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା (ଦଶମ) ଫେବୃଆରୀ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ ଯାଏ ଚାଲିବ। ସେହିପରି ସିବିଏସ୍‌ଇ ସିନିୟର ସ୍କୁଲ ସାର୍ଟିଫିକେଟ ପରୀକ୍ଷା (ଦ୍ୱାଦଶ) ଏପ୍ରିଲ ୯ରେ ଶେଷ ହେବ। ପରୀକ୍ଷା ଶେଷ ହେବାର ୧୦ ଦିନ ପରେ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ ଓ ଏହା ୧୨ଦିନ ଭିତରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ନେଇ ପରୀକ୍ଷା ନିୟନ୍ତ୍ରକ ଡ. ଭରଦ୍ୱାଜ ସୂଚନା ଦେଇଛନ୍ତି।

# ଡାକ୍ତରୀ ପଢ଼ିବେ ନାହିଁ ବୋଲି ଆତ୍ମହତ୍ୟା

## ଏନ୍‌ଇଇଟିରେ ପାଇଛନ୍ତି ୯୯.୯୯ ପର୍ସେଣ୍ଟାଇଲ

**ଚନ୍ଦ୍ରପୁର, ୨୪।୯**



ଅନୁରାଗ ଅନିଲ ବୋର୍‌କାର

ଭାରତରେ ଦିନକୁ ଦିନ ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ଏକାଡେମିକ୍ କ୍ୟାରିୟର ଏବଂ ପାଠପଢ଼ାକୁ ନେଇ ଅନେକ ଛାତ୍ରୀଛାତ୍ର ଚାପରେ ରହୁଛନ୍ତି। ଖାସ୍‌କରି ପରୀକ୍ଷାଫଳ ଏବଂ କ୍ୟାରିୟରକୁ ନେଇ ମା'ବାପାଙ୍କ ପକ୍ଷରୁ ପଡୁଥିବା ଚାପ ଛାତ୍ରୀଛାତ୍ରଙ୍କ ପକ୍ଷେ ଅସହ୍ୟ ହୋଇପଡୁଛି। ରାଜସ୍ଥାନର କୋଟାରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଫଳ ହେବାପରେ ଏହି ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ମହାରାଷ୍ଟ୍ରର ଚନ୍ଦ୍ରପୁରରେ ୧୯ ବର୍ଷୀୟ ଛାତ୍ର ଅନୁରାଗ ଅନିଲ ବୋର୍‌କାର ନିକଟରେ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି ୟୁଜିରେ ☞ପୃଷ୍ଠା-୪

# ଆଇଟିଡିଏରେ ୧୪୮.୭୫ କୋଟିର ବେଆଇନ କାରବାର

## ସିଏଜି ଧରିଲେ ଆଦିବାସୀ କଲ୍ୟାଣ ପାଣ୍ଠି ଅନିୟମିତତା

**ଭୁବନେଶ୍ୱର,୨୪।୯ (ରବିନାରାୟଣ ଜେନା)**

ରାଜ୍ୟରେ ଆଦିବାସୀଙ୍କ କଲ୍ୟାଣ ନାମରେ ବହୁ କୋଟି ଟଙ୍କାର ସରକାରୀ ଅର୍ଥ ଅପବ୍ୟବହାର ହୋଇଛି। କେଉଁଠି ସରକାରୀ ଅର୍ଥରେ ଯନ୍ତ୍ରୀମାନେ ମୋବାଇଲ ରିଚାର୍ଜ କରିଛନ୍ତି ତ' ଆଉ କେଉଁଠି ଏଟିଏମ୍ ଉଠାଣ, ୟୁପିଆଇ କାରବାର ଓ ବୀମା ପ୍ରିମିୟମ୍ ଦେୟ କରିଛନ୍ତି। ସବୁଠାରୁ ବଡ଼କଥା ହେଲା, ସମନ୍ୱିତ ଆଦିବାସୀ କଲ୍ୟାଣ ସଂସ୍ଥା ବା ଇଣ୍ଟିଗ୍ରେଟେଡ୍ ଟ୍ରାଇବାଲ୍ ଡେଭେଲପ୍‌ମେଣ୍ଟ ଏଜେନ୍ସି(ଆଇଟିଡିଏ) ଅର୍ଥକୁ ଯନ୍ତ୍ରୀମାନେ ସେମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟ ବା ଖାତାରେ କାରବାର କରିଛନ୍ତି, ଯାହାର ପରିମାଣ ୧୪୮.୭୫ କୋଟିରୁ ଊର୍ଦ୍ଧ୍ୱ ବୋଲି ଭାରତର ମହାନିୟନ୍ତ୍ରକ ଓ ମହାଲେଖାକାର (ସିଏଜି)ଙ୍କ ପକ୍ଷରୁ କୁହାଯାଇଛି। ପ୍ରମୁଖ ମହାଲେଖାକାରଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାଲେଖାକାର ସୁବୁ ଆର୍ ଏବଂ ଅତୁଲ ପ୍ରକାଶ ୨୦୧୮ରୁ ୨୦୨୩ ମାର୍ଚ୍ଚ ସୁଦ୍ଧା ରିପୋର୍ଟ ଉପସ୍ଥାପନ କରି କହିଛନ୍ତି, ଆଇଟିଡିଏ ଅର୍ଥକୁ ଯନ୍ତ୍ରୀମାନେ ସରକାରୀ ଅର୍ଥକୁ ବିପୁଳ ମାତ୍ରାରେ ଅନିୟମିତତା ଭାବେ ଖର୍ଚ୍ଚ କରିଛନ୍ତି। ସେମାନେ ଏଟିଏମ୍‌ରୁ ଟଙ୍କା ଉଠାଣ କରିବା ସହିତ ମୋବାଇଲ ରିଚାର୍ଜ କରିବା, ୟୁପିଆଇ ମୋଡ୍‌ରେ ଟଙ୍କା ଦେବା ଭଳି ବେଆଇନ କାର୍ଯ୍ୟ କରିଛନ୍ତି। ସେହିପରି ଆଦିବାସୀ କଲ୍ୟାଣ ନାମରେ ଆଇଟିଡିଏ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ୩.୩୮କୋଟି ଟଙ୍କାର କୌଣସି ଭାଉଚର ପ୍ରସ୍ତୁତ କରାଯାଇନାହିଁ। ଏପରି କି ୩.୨୩ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭାବନାର ବାସ୍ତବତା


**B.J.B. AUTONOMOUS COLLEGE, BHUBANESWAR-751014**
NAAC ACCREDITED WITH "A"
No. CAD-1836 APPROVED BY AICTE

**ADMISSION NOTICE FOR THE SESSION 2025-2026**

Applications are invited (Third Phase) in online mode for admission for few available seats into the following Self-Financing Programmes: MBA(Agri-Business Management), M.Com FC, IMCA, B.Sc.ITM, MA JMC & MA-PM&IR, for the Session 2025-26. The Admission Prospectus and Online Application form will be available in college website www.bjbcollege.in from 23.09.2025 to 08.10.2025 till 11.55 PM. The details about the programmes, Application form and Form fill-up procedures, etc. are available in Admission Prospectus. The details of the courses are given below.

INTEGRATED (5 YEARS) / UNDERGRADUATE COURSES (3YEARS)

IMCA – Integrated Master in Computer Application
Eligibility : Passed +2 Science with Mathematics, 40% marks in aggregate

B.Sc.ITM – Bachelor of Science in Information Technology and Management
Eligibility : Passed +2 Science with Mathematics, 40% marks in aggregate

POST GRADUATE COURSES (2YEARS)

MBA (Agri -Business Management)
Eligibility : Graduate in any stream, with minimum 40% in aggregate

MAJMC – MA in journalism and Mass Communication
Eligibility : Graduate in any stream/Equivalent, with minimum40% in aggregate

MA-PM&IR – MA in Personnel Management & Industrial Relations
Eligibility : Graduate in any stream/Equivalent, with minimum 40% in aggregate

M.Com FC – Master of Commerce in Finance and Control
Eligibility : Graduate in any Stream / Equivalent, with minimum 40% in aggregate.

| ENTRANCE TEST | | |
|---|---|---|
| | MAJMC , IMCA 10.10.2025 11.00AM -12.00 Noon | MBA (Agri -Business Management) 11.10.2025 11.00AM - 12.00 Noon |
| | MA-PM&IR, B.Sc.ITM 10.10.2025 2.00 PM - 3.00 PM | MCFC 11.10.2025 2.00PM - 3.00PM |

FOR FURTHER DETAILS CONTACT : B.Sc.ITM/IMCA : 9861048056/9938511866 MBA (Agri-Business Managment) : 9777612056/8917672546 MAJMC: 7008678166/8637202388, MA-PM&IR : 8917672546/9776987162 M.Com FC : 9938511866/8328889298/9692480554

Application form for the above courses, complete in all respects, should be submitted on or before 08.10.2025 (11.55pm) in online mode.
NB: - The Final Print out of the application form along with all the relevant documents shall be submitted in the concern department at B.J.B. Autonomous College, Bhubaneswar Physically, on the day or before the entrance test of the respective programes.
Sd/- Principal
OIPR-11011/11/0046/2526








**KALINGA INSTITUTE OF INDUSTRIAL TECHNOLOGY (KIIT)**
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

21ST ANNUAL CONVOCATION 2025

Date: 26th - 28th September, 2025 | Venue: KIIT Campus 3 (Kathajodi)

Graced by

Prof. Mohan Munasinghe
Nobel Laureate, Sri Lanka — 26th Sept. 2025

Justice Abdulqawi Ahmed Yusuf
Judge, International Court of Justice (ICJ), The Hague

Justice Dalveer Bhandari
Judge, International Court of Justice (ICJ), The Hague — 27th Sept. 2025

H.E. Ouided Bouchamaoui
Nobel Laureate, Tunisia — 28th Sept. 2025

This year, the KIIT Convocation will be held over three days from 26th - 28th September 2025, discipline-wise, to facilitate greater participation of students and parents.

Website: www.kiit.ac.in | Email: kiit@kiit.ac.in

## ସଂକ୍ଷେପରେ

### ଜମ୍ମୁ-କଶ୍ମୀର: ୪ ଆସନ ପାଇଁ ଅକ୍ଟୋବର ୨୪ରେ ରାଜ୍ୟ ସଭା ନିର୍ବାଚନ

ନୂଆଦିଲ୍ଲୀ, ୨୪।୯

ନିର୍ବାଚନ ଆୟୋଗ (ଇସି) ବୁଧବାର ଜମ୍ମୁ-କଶ୍ମୀର ୪ ରାଜ୍ୟ ସଭା ଆସନ ପାଇଁ ତାରିଖର ଘୋଷଣା କରିଛନ୍ତି। ଏହାସହ ପଞ୍ଜାବର ଗୋଟିଏ ରାଜ୍ୟ ସଭା ଆସନ ପାଇଁ ଉପନିର୍ବାଚନର ମଧ ତାରିଖ ଘୋଷଣା ହୋଇଛି। ଆସନ୍ତା ଅକ୍ଟୋବର ୨୪ରେ ଏହି ରାଜ୍ୟ ସଭା ନିର୍ବାଚନ ଅନୁଷ୍ଠିତ ହେବା ସହ ଏହାର ଫଳାଫଳ ଘୋଷଣା ହେବ। ଏଥିପାଇଁ ଆସନ୍ତା ୬ରେ ବିଜ୍ଞପ୍ତି ପ୍ରକାଶ ପାଇବ। ୨୦୨୧ ଫେବୃଆରୀ ପରଠାରୁ ଜମ୍ମୁ-କଶ୍ମୀରର ସମସ୍ତ ୪ ରାଜ୍ୟ ସଭା ଆସନର ସିଟ୍ ଖାଲିପଡ଼ିଛି। ୨୦୨୪ ଯାଏ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଥିବାରୁ ଏହି ରାଜ୍ୟ ସଭା ନିର୍ବାଚନ ହୋଇପାରି ନ ଥିଲା ବୋଲି ଇସି କହିଛନ୍ତି।

### ଆଜି ଟ୍ରମ୍ପଙ୍କୁ ଭେଟିବାକୁ ୱାଶିଂଟନ ଯିବେ ପାକିସ୍ତାନ ପ୍ରଧାନମନ୍ତ୍ରୀ

ୱାଶିଂଟନ୍,୨୪।୯

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବା ପାଇଁ ୱାଶିଂଟନ୍ ଗସ୍ତ କରିବେ। ଜାତିସଂଘ ସାଧାରଣ ସଭାରେ ଯୋଗଦେବା ପାଇଁ ନ୍ୟୁୟର୍କରେ ଥିବା ଶେହବାଜ ଓ ଟ୍ରମ୍ପଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ଆଲୋଚନା ପରେ ଶେହବାଜ ହ୍ୱାଇଟ୍ ହାଉସ୍‌ରୁ ପୁଣି ନ୍ୟୁୟର୍କକୁ ଫେରିବେ। ୨୦୧୯ ପରେ ଆମେରିକା ରାଷ୍ଟ୍ରପତିଙ୍କ ସହ ଜଣେ ପାକିସ୍ତାନୀ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ସାକ୍ଷାତ୍ ହେବାକୁ ଯାଉଛି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ନିଜ ଶାସନ କାଳରେ ପାକିସ୍ତାନକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ତେବେ ଗତ ଜାନୁଆରୀରେ ଟ୍ରମ୍ପ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରେ ପାକିସ୍ତାନ-ଆମେରିକା ସମ୍ପର୍କରେ ନାଟକୀୟ ପରିବର୍ତ୍ତନ ଆସିଛି। ଗତ ଜୁନ୍‌ରେ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ପାକିସ୍ତାନୀ ସେନାମୁଖ୍ୟ ଆସିମ୍ ମୁନିରଙ୍କୁ ରାତ୍ରିଭୋଜନରେ ଆପ୍ୟାୟିତ କରିଥିଲେ।

### ଇସି ଆଣିଲେ ଇ-ଭେରିଫିକେଶନ ସିଷ୍ଟମ୍

ନୂଆଦିଲ୍ଲୀ,୨୪।୯

ଭୋଟର ତାଲିକାରୁ ନାମ ହଟାଇବା ନେଇ ରହିଥିବା ନିୟମର ଦୁରୁପଯୋଗ ରୋକିବା ପାଇଁ ନିର୍ବାଚନ କମିଶନ (ଇସି) ଏକ ଇ-ଭେରିଫିକେଶନ ସିଷ୍ଟମ୍ ଆଣିଛନ୍ତି। ଯେଉଁମାନେ ନିଜ ନାମ ହଟାଇବା କିମ୍ବା ତାଲିକାରେ ନାମ ପଞ୍ଜୀକରଣ ପାଇଁ ଚାହୁଁଥିବେ, ସେମାନଙ୍କ ମୋବାଇଲ ଫୋନ୍‌କୁ ଏକ ୱାନ୍-ଟାଇମ୍ ପାସ୍‌ୱାର୍ଡ (ଓଟିପି) ଯିବ। ଉକ୍ତ ଓଟିପି ଜରିଆରେ ସମ୍ପୃକ୍ତ ବ୍ୟକ୍ତି ଅନ୍‌ଲାଇନରେ ନିଜ ଆପତ୍ତି ଜଣାଇପାରିବେ। ଏହି ଫିଚର ଯୋଗୁ ନିୟମର ଦୁରୁପଯୋଗ ରୋକାଯାଇପାରିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କର୍ଣ୍ଣାଟକର ଆଲନ୍ଦ ବିଧାନସଭା ନିର୍ବାଚନମଣ୍ଡଳୀରେ କେତେଜଣ ଭୋଟରଙ୍କ ନାମ ହଟାଯାଇଥିବା ନେଇ ଅଭିଯୋଗ ଆସିବା ପରେ ଏହି ବ୍ୟବସ୍ଥା ଆପଣାଯାଇଥିବା କୁହାଯାଉଛି।



ଇସ୍ରାଏଲର ସାମରିକ ଅପରେଶନ ଯୋଗୁ ବିସ୍ଥାପିତ ପାଲେଷ୍ଟାଇନୀୟମାନେ କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ରୁ ଦକ୍ଷିଣ ଭାଗକୁ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

## 'ମୋ ରୁମ୍‌କୁ ଆସ, ତୁମକୁ ବିଦେଶ ନେଇଯିବି'

### ସ୍ୱାମୀ ଚୈତନ୍ୟନନ୍ଦଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ୧୭ ଛାତ୍ରୀ

ନୂଆଦିଲ୍ଲୀ, ୨୪।୯

ଦିଲ୍ଲୀର ଏକ ଜଣାଶୁଣା ଆଶ୍ରମ ଚଳାଉଥିବା ସ୍ୱାମୀ ଚୈତନ୍ୟନନ୍ଦ ସରସ୍ୱତୀ ଓରଫ୍ ପାର୍ଥ ସାରଥିଙ୍କ କଳା କାରନାମା ସାମ୍ନାକୁ ଆସିଛି। ସେ ଦିଲ୍ଲୀର ବାବା ବସନ୍ତକୁଞ୍ଜ ଅଞ୍ଚଳରେ ଥିବା ଏକ ପ୍ରାଇଭେଟ୍ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟରେ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଉକ୍ତ ପ୍ରତିଷ୍ଠାନରେ ମ୍ୟାନେଜମେଣ୍ଟ ପଢୁଥିବା ୧୭ ଛାତ୍ରୀ ତାଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ନେଇ ପୋଲିସ ଉକ୍ତ ଆଶ୍ରମରେ ଚଢ଼ାଉ କରିଥିବା ବେଳେ ସ୍ୱାମୀ ଚୈତନ୍ୟନନ୍ଦ ଏବେ ଫେରାର ରହିଛନ୍ତି। ସ୍ୱାମୀ ଚୈତନ୍ୟନନ୍ଦ ସେମାନଙ୍କ ସହ କରିଥିବା ଅଶ୍ଳୀଳ ଚାଟ୍‌କୁ ଛାତ୍ରୀମାନେ ପୋଲିସ ନିକଟରେ ଉପସ୍ଥାପନ କରିଛନ୍ତି। ଏହି ଚାଟ୍‌ରେ ସେ ପୀଡ଼ିତା ଛାତ୍ରୀମାନଙ୍କୁ କହିଛନ୍ତି, "ମୋ କୋଠରିକୁ ଆସ, ବିନା ଖର୍ଚ୍ଚରେ ତୁମକୁ ବିଦେଶ ନେଇଯିବି। ଯଦି କଥା ନ ମାନ, ତେବେ ତୁମମାନଙ୍କୁ ଫେଲ୍ କରିଦେବି।" ପୀଡ଼ିତାମାନେ ସ୍ୱାମୀ ଚୈତନ୍ୟନନ୍ଦଙ୍କ ସହ ଆଶ୍ରମର ୩ ମହିଳା ୱାର୍ଡେନଙ୍କ ବିରୋଧରେ ମଧ ଅଭିଯୋଗ କରିଛନ୍ତି। ଏହି ମହିଳା ୱାର୍ଡେନ ଛାତ୍ରୀମାନଙ୍କୁ



ଧମକାଇବା ସହ ସେମାନଙ୍କ ହ୍ୱାଟ୍ସଆପ୍ ଚାର୍ଟ ଡିଲିଟ୍ କରୁଥିଲେ। ୩ ଅଭିଯୁକ୍ତ ୱାର୍ଡେନଙ୍କୁ ପଚରାଉଚରା କରି ପୋଲିସ ତଦନ୍ତ ଜାରି ରଖିଛି। ଆଶ୍ରମ ସହ ଜଡ଼ିତ ଅନ୍ୟାନ୍ୟ ଦୁର୍ନୀତି ମାମଲା ମଧ ସାମ୍ନାକୁ ଆସିଛି। ସ୍ୱାମୀ ଚୈତନ୍ୟନନ୍ଦଙ୍କ ଗାଡ଼ିରେ ଏକ ନକଲି ଡିପ୍ଲୋମାଟ୍ ନମ୍ବର ପ୍ଲେଟ୍ ଲାଗିଥିବା ପୋଲିସ କହିଛି। ବିଭିନ୍ନ ମାମଲାରେ ତାଙ୍କ ବିରୋଧରେ ପୋଲିସ ୫ ଏଫ୍‌ଆଇଆର୍ ରୁଜୁକରି ତାଙ୍କୁ ଖୋଜିବା ପାଇଁ ପ୍ରୟାସ ଚଳାଇଛି।

# ବିଧ୍ୱଂସକ ଅସ୍ତ୍ର ଦୌଡ଼ରେ ବିଶ୍ୱ

ଜାତିସଂଘ,୨୪।୯

### ରୁଷିଆର ଯୁଦ୍ଧ ଅଟକାଇବାକୁ ୟୁଏନ୍‌ଜିଏରେ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ଆହ୍ୱାନ

ସମ୍ପ୍ରତି ବିଶ୍ୱରେ ଇତିହାସର ସବୁଠୁ ବିଧ୍ୱଂସକ ଅସ୍ତ୍ର ଦୌଡ଼ ଚାଲିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୟୁରୋପରେ ଯୁଦ୍ଧର ପରିସୀମା ବୃଦ୍ଧି ଘଟାଇବାକୁ ଚାହୁଁଛନ୍ତି। ଅନ୍ତର୍ଜାତୀୟ ସମୁଦାୟ ରୁଷିଆ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଏହାର ୟୁକ୍ରେନ୍ ବିରୋଧୀ ଯୁଦ୍ଧକୁ ରୋକିବା ଜରୁରୀ ହୋଇପଡ଼ିଛି। ଏହି ଯୁଦ୍ଧକୁ ରୋକା ନ ଗଲେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଆହୁରି ତୀବ୍ରତର ହେବ, ଯାହାର ପରିଣାମ ସମଗ୍ର ବିଶ୍ୱକୁ ଭୋଗିବାକୁ ପଡ଼ିପାରେ ବୋଲି ବୁଧବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସତର୍କ କରାଇଛନ୍ତି।

ନ୍ୟୁୟର୍କସ୍ଥିତ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନକୁ ସମ୍ବୋଧିତ କରି ଜେଲେନ୍‌ସ୍କି କହିଛନ୍ତି, ବର୍ତ୍ତମାନ ଆମେ ଇତିହାସର ସବୁଠୁ ବିଧ୍ୱଂସକ ଅସ୍ତ୍ର ପ୍ରତିଯୋଗିତା ଦେଇ ଗତିକରୁଛେ।



ଭୋଲୋଡିମିର ଜେଲେନ୍‌ସ୍କି

ୟୁକ୍ରେନ୍ ଏହାକୁ ପ୍ରଥମେ ସାମ୍ନା କରିଛି। ରୁଷୀୟ ଡ୍ରୋନ୍‌ଗୁଡ଼ିକ ୟୁରୋପୀୟ ଆକାଶମାର୍ଗରେ ଉଡ଼ାଣ କରୁଛି। ରୁଷିଆର ଅପରେଶନ୍ ଅନେକ ଦେଶକୁ ବିସ୍ତାରିତ ହେବାରେ ଲାଗିଛି ଏବଂ ପୁଟିନ୍ ଯୁଦ୍ଧର ପରିସୀମା ବଢ଼ାଇ ଏହାକୁ ଜାରି ରଖିବାକୁ ଚାହୁଁଛନ୍ତି। ୧୯୩ ରାଷ୍ଟ୍ର ସଦସ୍ୟ ଥିବା ୟୁଏନ୍‌ଜିଏକୁ ନିଜ ଅଭିଭାଷଣରେ ଜେଲେନ୍‌ସ୍କି ଆହୁରି କହିଛନ୍ତି, ଯୁଦ୍ଧ ବନ୍ଦ କରିବା ସମ୍ବେଦନଶୀଳ ଭିତ୍ତିଭୂମି ପାଇଁ ଭୂତଳ କିଣ୍ଡରଗାର୍ଟେନ୍ କିମ୍ବା ବିଶାଳ ବଙ୍କର ନିର୍ମାଣ କରିବାଠାରୁ ଶସ୍ତା। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ସଦସ୍ୟ ପୋଲାଣ୍ଡ ଓ ଏଷ୍ଟୋନିଆର ବାୟୁସୀମା ଉଲ୍ଲଂଘନ କରି ମସ୍କୋ ଡ୍ରୋନ୍ ଉଡ଼ାଇବା ପ୍ରମାଣିତ କରୁଛି ଯେ, ୟୁକ୍ରେନ୍ ଯୁଦ୍ଧରେ ପୁଟିନ୍ ନୂଆ ସୀମାଗୁଡ଼ିକୁ ନେଇ ପ୍ରୟୋଗ ଆରମ୍ଭ କରିଦେଇଛନ୍ତି। ତେବେ ୟୁକ୍ରେନ୍ ନିଜ ସହଯୋଗୀମାନଙ୍କୁ ଅସ୍ତ୍ରଶସ୍ତ୍ର ରପ୍ତାନି କରିବା ଦିଗରେ ଅଗ୍ରସର ହେଉଛି। ଆମେ ଆମ ଆଧୁନିକ ଅସ୍ତ୍ରଶସ୍ତ୍ରକୁ ଆପଣଙ୍କ ଆଧୁନିକ ଅସ୍ତ୍ରଶସ୍ତ୍ରରେ ପରିଣତ କରିବାକୁ ଚାହୁଁଛୁ। ୟୁକ୍ରେନ୍ ଆଗକୁ ଅସ୍ତ୍ର ରପ୍ତାନି କରିବ। ଏହି ପ୍ରଭାବଶାଳୀ ଅସ୍ତ୍ରଗୁଡ଼ିକ ରଣଭୂମିରେ ପରୀକ୍ଷାର ସମ୍ମୁଖୀନ ହୋଇ ଉତ୍ତୀର୍ଣ୍ଣ ହୋଇଛି, ଯେତେବେଳେ କି ପ୍ରତ୍ୟେକ ଅନ୍ତର୍ଜାତୀୟ ସଂସ୍ଥା ବିଫଳ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର ଦିନକ ପରେ ଜେଲେନ୍‌ସ୍କିଙ୍କ ଏହି ପ୍ରତିକ୍ରିୟା ଆସିଛି। ମଙ୍ଗଳବାର ଦୁଇନେତାଙ୍କ ସାକ୍ଷାତ ପରେ ଟ୍ରମ୍ପ କହିଥିଲେ, ୟୁକ୍ରେନ୍ ହରାଇଥିବା ନିଜ ସମସ୍ତ ଭୂଖଣ୍ଡକୁ ଫେରିପାଇବ ବୋଲି ସେ ଆଶାବାଦୀ।

### ଭାରତ ଆମ ସହ ଅଛି: ଜେଲେନ୍‌ସ୍କି

ୱାଶିଂଟନ୍,୨୪।୯

ଭାରତ ପ୍ରାୟତଃ ୟୁକ୍ରେନ୍ ସହ ରହିଥିବା ସେଠାକାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏଥିସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ ନୂଆଦିଲ୍ଲୀ ରୁଷୀୟ ଶକ୍ତି କ୍ଷେତ୍ର ପ୍ରତି ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବ ବୋଲି ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ଫକ୍ସ ନ୍ୟୁଜ୍‌କୁ ସାକ୍ଷାତ୍‌କାର ଦେବାବେଳେ ରୁଷିଆର ୟୁକ୍ରେନ୍ ବିରୋଧୀ ଯୁଦ୍ଧକୁ ଚାଇନା ଓ ଭାରତର ସହଯୋଗ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଜେଲେନ୍‌ସ୍କି ଏପରି ଉତ୍ତର ରଖିଛନ୍ତି। ରୁଷିଆଠାରୁ ଭାରତ ଓ ଚାଇନା ତୈଳ କିଣୁଥିବାରୁ ଟ୍ରମ୍ପ ଏହାକୁ ୟୁକ୍ରେନ୍ ବିରୋଧରେ ମସ୍କୋର ଯୁଦ୍ଧ ପାଇଁ ଇନ୍ଧନ ବୋଲି ଅଭିହିତ କରିଛନ୍ତି। ଏହା ଉପରେ ଜେଲେନ୍‌ସ୍କି କହିଛନ୍ତି, ଭାରତ ପ୍ରାୟତଃ ତାଙ୍କ ସହ ରହିଛି ବୋଲି ସେ ମନେକରନ୍ତି। ତେବେ ଟ୍ରମ୍ପ ୟୁରୋପୀୟଙ୍କ ସହ ମିଶି ଶକ୍ତି କ୍ରୟ ପ୍ରସଙ୍ଗର ସମାଧାନ କରିବେ। ଭାରତକୁ ଏଥିରୁ ଦୂରେଇବା ପାଇଁ ଆମକୁ ସବୁକିଛି କରିବାକୁ ପଡ଼ିବ।

### ଡିଜିଟାଲ ଆରେଷ୍ଟରେ ୩୪ ଦିନ: ଲୁଟିନେଲେ ୨୩ କୋଟି

ନୂଆଦିଲ୍ଲୀ,୨୪।୯

ଦିଲ୍ଲୀର ଜଣେ ଅବସରପ୍ରାପ୍ତ ବ୍ୟାଙ୍କର ଜାଲ୍ 'ଡିଜିଟାଲ ଆରେଷ୍ଟ'ରେ ୨୩ କୋଟି ଟଙ୍କା ହରାଇଛନ୍ତି। ୭୮ ବର୍ଷୀୟ ନରେଶ ମାଲହୋତ୍ରାଙ୍କୁ ତାଙ୍କ ଦିଲ୍ଲୀ ବାସଭବନରେ ଅଗଷ୍ଟ ୧ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଡିଜିଟାଲ ଆରେଷ୍ଟରେ ଅଟକ ରଖାଯାଇଥିଲା। ୩ଟି ବ୍ୟାଙ୍କରେ ଥିବା ନରେଶ ତାଙ୍କ ଆକାଉଣ୍ଟରୁ ୨୦ ଥରରେ ଜୀବନର ସମସ୍ତ ସଞ୍ଚୟ ରାଶି ଅପରାଧୀଙ୍କ ଆକାଉଣ୍ଟକୁ ପଠାଇଦେଇଥିଲେ।

ସାଇବର ଅପରାଧୀମାନେ ନିଜକୁ ଆଇନ ପ୍ରବର୍ତ୍ତନକାରୀ ଅଫିସର ଓ ଟେଲିକମ୍ ଅପରେଟରଙ୍କ ପ୍ରତିନିଧି ପରିଚୟ ଦେଇ ନରେଶଙ୍କ ଆଧାର ତଥ୍ୟ ଓ ଲ୍ୟାଣ୍ଡଲାଇନ୍ ନମ୍ବରକୁ ଜାଲିଆତି କରାଯାଇ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ କାର୍ଯ୍ୟରେ ବ୍ୟବହାର କରାଯାଉଥିବା କହିଥିଲେ। ଯାଞ୍ଚ ପ୍ରକ୍ରିୟା ପାଇଁ ତାଙ୍କୁ ସମ୍ପତ୍ତିର ନଗଦୀକରଣ କରି ଟଙ୍କା ପଠାଇବାକୁ କୁହାଯାଇଥିଲା।

### ଗୋମାଂସ ନେଇ ଯାଉଥିବା ଟ୍ରକ୍‌କୁ ଜାଳିଦେଲେ

ବେଲ୍‌ଗାଭୀ, ୨୪।୯

କର୍ଣ୍ଣାଟକର ବେଲଗାଭୀ ଜିଲାରେ କାଗ୍‌ୱାର୍ଡ ବ୍ଲକ୍‌ସ୍ଥିତ ଏନାପୁରା ଗ୍ରାମରେ ସ୍ଥାନୀୟ ଗୋ ରକ୍ଷକମାନେ ଗୋମାଂସ ନେଇ ଯାଉଥିବା ଏକ ଟ୍ରକ୍‌କୁ ଜାଳି ଦେଇଛନ୍ତି। କୁଡାଚିକ୍ରୁରୁ କାଲା ବର୍ଗିକୁ ଗୋମାଂସ ନେଇ ଯାଉଥିବା ଉକ୍ତ ଟ୍ରକ୍‌କୁ ଏନାପୁରସ୍ଥିତ ସିଦ୍ଧେଶ୍ୱର ମନ୍ଦିର ନିକଟରେ କେତେଜଣ ଗୋ-ରକ୍ଷକ ଅଟକାଇଥିଲେ। ସେମାନେ ଟ୍ରକ୍ ମଧ୍ୟରୁ ୫ ଟନ୍‌ରୁ ଅଧିକ ଗୋମାଂସ ପାଇଥିଲେ। ଫଳରେ ତତ୍‌କ୍ଷଣାତ ସେମାନେ ଉକ୍ତ ଟ୍ରକ୍‌ରେ ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ କାଗୱାଡ୍ ଥାନା ପୋଲିସ ମଙ୍ଗଳବାର ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### 'ଭାରତର ନିୟମ ମାନିବାକୁ ହେବ'

#### କେନ୍ଦ୍ର ବିରୋଧରେ 'X'ର ଆବେଦନକୁ ଖାରଜ କଲେ କର୍ଣ୍ଣାଟକ ହାଇକୋର୍ଟ

ନୂଆଦିଲ୍ଲୀ, ୨୪।୯

ଗତ ମେ'ରେ ଭାରତ-ପାକିସ୍ତାନ ସଂଘର୍ଷ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାକିସ୍ତାନ ସମର୍ଥନରେ ମନ୍ତବ୍ୟ ଦେଇଥିବା ଅନେକ ଆକାଉଣ୍ଟକୁ ହଟାଇ ଦିଆଯାଇଥିଲା। ଏହାକୁ ବିରୋଧ କରି ସାମାଜିକ ଗଣମାଧ୍ୟମ 'X' ପକ୍ଷରୁ ଦାଏର ହୋଇଥିବା ଏକ ଆବେଦନକୁ ବୁଧବାର କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଛନ୍ତି। ହାଇକୋର୍ଟ ନିଜ ରାୟରେ କହିଛନ୍ତି, ଭାରତରେ କାମ କରିବା ପାଇଁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ଦେଶର ଆଇନକୁ ପାଳନ କରିବାକୁ ହେବ। ହାଇକୋର୍ଟରେ 'X' ପକ୍ଷରୁ ଦର୍ଶାଯାଇଥିଲା, ଆମେରିକାର ଆଇନ ଅନୁଯାୟୀ ଏହା କାର୍ଯ୍ୟ କରିଥାଏ। ଏଥିରୁ ହଟାଯାଇଥିବା ଆକାଉଣ୍ଟଗୁଡ଼ିକୁ ମତାମତ ଦେବାର ସ୍ୱାଧୀନତା ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆକାଉଣ୍ଟଗୁଡ଼ିକୁ ହଟାଯିବା ନିଷ୍ପତ୍ତି ବେଆଇନ୍ ବୋଲି 'X' ପକ୍ଷରୁ କୁହାଯାଇଥିଲା। ତେବେ ଆବେଦନର ଶୁଣାଣି ସମୟରେ ହାଇକୋର୍ଟ କହିଛନ୍ତି, ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଉପରେ ନିୟନ୍ତ୍ରଣର ଆବଶ୍ୟକତା ରହିଛି। ତେଣୁ ସୋସିଆଲ ମିଡିଆଗୁଡ଼ିକୁ ବିନା ନିୟନ୍ତ୍ରଣରେ କାମ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ। ନାଗରିକଙ୍କ ମତ ପ୍ରକାଶର ଅଧିକାରକୁ ସୁରକ୍ଷା ଦେଉଥିବା ଭାରତୀୟ ସମ୍ବିଧାନର ଧାରା ୧୯ ବିଦେଶୀ କମ୍ପାନୀ କିମ୍ବା ନାଗରିକଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

## ଫୁରସତ୍

### ପ୍ରିୟ ଚକୋଲେଟ୍ ପାଇଁ ୨୪୦୦ ମାଇଲ ଯାତ୍ରା

ଲଣ୍ଡନ

କିଛି ଲୋକ ଚକୋଲେଟ୍ ଖାଇବାକୁ ଏତେ ଭଲପାଆନ୍ତି ଯେ, ସେମାନେ ଏଥିପାଇଁ କୌଣସି ମଧ ସୀମାକୁ ପାର୍ କରିପାରନ୍ତି। ବ୍ରିଟେନ୍‌ରୁ ଠିକ୍ ଏହିପରି ଏକ ମାମଲା ସାମ୍ନାକୁ ଆସିଛି। ଜଣେ ୩୫ ବର୍ଷୀୟା ଶେଫ୍ କେଟ୍ ତାକାକ୍ସ ନିଜ ପ୍ରିୟ ଚକୋଲେଟ 'ଫେରେରୋ ରୋଚର ପକେଟ କଫି ଚକୋଲେଟ'କୁ କିଣିବା ପାଇଁ ୨୪୦୦ ମାଇଲ (ପ୍ରାୟ ୩,୮୬୨ କି.ମି.) ଯାତ୍ରା କରିଛନ୍ତି। କେଟ୍ ଲଣ୍ଡନରୁ ରୋମାନିଆର କ୍ଲୁଜ-ନାପୋକା ସହରକୁ ବିମାନ ଯାତ୍ରା କରିଥିଲେ। ସେଠାରୁ ସେ ନିଜ ପସନ୍ଦର ପକେଟ କଫି ଚକୋଲେଟର ଏକ ଷ୍ଟକ୍ ସହ ମାତ୍ର ଦିନକ ମଧ୍ୟରେ ଲଣ୍ଡନ ଫେରିଥିଲେ।

କେଟ୍ ଗତ ୧୫ ତାରିଖରେ ନିଜ ଅଫିସରେ କାମ କରୁଥିବା ବେଳେ ହଠାତ୍ ପକେଟ କଫି ଚକୋଲେଟ ଖାଇବାକୁ ତାଙ୍କୁ ଇଚ୍ଛା ହୋଇଥିଲା। ତେବେ ଉକ୍ତ ଚକୋଲେଟ୍ କେବଳ ରୋମାନିଆରେ






ଉପଲବ୍ଧ ବୋଲି କେଟ୍ କହିଛନ୍ତି। ତେଣୁ ନିଜ ପସନ୍ଦର ଚକୋଲେଟ୍ ଖାଇବାକୁ ସେ ତତ୍‌କ୍ଷଣାତ୍ ରୋମାନିଆ ଯିବା ପାଇଁ ବିମାନ ଟିକେଟ ବୁକିଂ କରିଥିଲେ। ସେ ୧୫ ତାରିଖ ରାତି ୧୦ଟାରେ ଲଣ୍ଡନରୁ ଉଡ଼ାଣ କରିଥିଲେ ଏବଂ ପରଦିନ ଭୋର୍ ୩ଟା ୧୫ରେ କ୍ଲୁଜ୍-ନାପୋକାରେ ପହଞ୍ଚିଥିଲେ, ଯେଉଁଠାରେ ସେ ଜନ୍ମ ହୋଇଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ନିଜ ମନ ପସନ୍ଦର ଚକୋଲେଟ୍ କିଣିବା ସହ ବିଭିନ୍ନ ଶପିଂ କରିଥିଲେ ଓ କ୍ଲୁଜ୍-ନାପୋକା ସହରର ବିଭିନ୍ନ ଦର୍ଶନୀୟ ସ୍ଥାନକୁ ଭ୍ରମଣ କରିଥିଲେ। ୧୬ ତାରିଖ ସନ୍ଧ୍ୟାରେ ସେ କ୍ଲୁଜ୍-ନାପୋକାର ଏୟାରପୋର୍ଟରେ ପହଞ୍ଚି ବିମାନରେ ବସିଥିଲେ ଏବଂ ରାତି ୧୧ଟାରେ ଲଣ୍ଡନରେ ପହଞ୍ଚିଥିଲେ। ମଧ୍ୟରାତ୍ରି ୧୨ଟା ସୁଦ୍ଧା ସେ ନିଜ ଘରେ ପହଞ୍ଚି ଯାଇଥିଲେ। ବିମାନ ଏବଂ ଶପିଂ ସମେତ ସମଗ୍ର ଯାତ୍ରା ପାଇଁ ତାଙ୍କୁ ମାତ୍ର ୧୫୦ ଡଲାର (ପ୍ରାୟ ୧୨,୫୦୦ ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିଥିଲା ବୋଲି କେଟ୍ କହିଛନ୍ତି। ତେବେ କେବଳ ନିଜର ପ୍ରିୟ ଚକୋଲେଟ୍‌କୁ କିଣିବା ପାଇଁ ବ୍ରିଟେନ୍‌ରୁ ରୋମାନିଆ ଯାତ୍ରା କରିବା ନେଇ ସୋସିଆଲ ମିଡିଆରେ କେଟ୍ ସୂଚନା ଦେବା ପରେ ଏଥିରେ ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏହା ତାଙ୍କର ପାଗଳାମି ବୋଲି ତାଙ୍କୁ ଅନେକ ବନ୍ଧୁ କହିଥିବା ନେଇ କେଟ୍ ସୂଚନା ଦେଇଛନ୍ତି।

ସାଧାରଣତଃ ହଠାତ୍ ଯୋଜନା ପ୍ରସ୍ତୁତ କରି ଅନ୍ୟ ଏକ ଦେଶକୁ ବିମାନ ଯାତ୍ରା କରିବା ଏବଂ ଦିନକ ମଧ୍ୟରେ ସେଠାରେ ଉପଭୋଗ କରି ପୁଣି ବିମାନରେ ନିଜ ଦେଶକୁ ଫେରି ଆସିବାକୁ 'ଏକ୍ସ୍ଟ୍ରିମ୍ ଡେ ଟ୍ରିପ୍ସ' କୁହାଯାଇଥାଏ। କେଟ୍ କହିଛନ୍ତି, ସେ ପ୍ରଥମ ଥର ପାଇଁ ଏପରି ଏକ୍ସ୍ଟ୍ରିମ୍ ଡେ ଟ୍ରିପ୍ସ କରିନାହାନ୍ତି। ପୂର୍ବରୁ ସେ ଏହିପରି ୧୭ ଥର ଯାତ୍ରା କରିଛନ୍ତି, ଯେଉଁଥିରେ ସେ ହଠାତ୍ ଯୋଜନା ପ୍ରସ୍ତୁତ କରି ଦିନକ ମଧ୍ୟରେ କୌଣସି ଏକ ଦେଶ ଭ୍ରମଣ କରି ଲଣ୍ଡନ ଫେରି ଆସିଥାନ୍ତି।



ଅମୃତା ରାଓ

### 'ବଲିଉଡ୍‌ରେ ରାଜନୀତିର ଶିକାର ହୋଇଛି'

ମୁମ୍ବାଇ

ବଲିଉଡ୍‌ର ପ୍ରତିଭାଶାଳୀ ଅଭିନେତ୍ରୀମାନଙ୍କ ମଧ୍ୟରୁ ଅମୃତା ରାଓ ଅନ୍ୟତମ। ୨୦୦୩ରେ ରିଲିଜ୍ ହୋଇଥିବା 'ଇଶ୍କ ୱିଶ୍କ' ଚଳଚ୍ଚିତ୍ର ମାଧ୍ୟମରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା ଏବଂ ଅମ୍ରିତା ରାତାରାତି ଷ୍ଟାର୍ ପାଲଟିଥିଲେ। ତେବେ ଏହାପରେ ତାଙ୍କୁ ବଲିଉଡ୍‌ରେ ବହୁବାର ରାଜନୀତିର ଶିକାର ହେବାକୁ ପଡ଼ିଥିବା ନେଇ ବୁଧବାର ଅମୃତା ୟୁଟ୍ୟୁବର ରଣବୀର ଆଲ୍ଲାହାବାଦିଆଙ୍କ ପୋଡ୍‌କାଷ୍ଟ 'ଦି ରଣବୀର ଶୋ'ରେ କହିଛନ୍ତି। ଅମୃତା କହିଛନ୍ତି, ଅନ୍ୟ କ୍ଷେତ୍ର ପରି ବଲିଉଡ୍‌ରେ ମଧ ରାଜନୀତି ରହିଛି। 'ଇଶ୍କ ୱିଶ୍କ' ଫିଲ୍ମର ସଫଳତା ପରେ ବଲିଉଡ୍‌ର କେତେଜଣ ବରିଷ୍ଠ ଅଭିନେତ୍ରୀ ଓ ଅଭିନେତା ତାଙ୍କୁ ଈର୍ଷା କରିବା ଆରମ୍ଭ କରିଥିଲେ। ତାଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର ହୋଇଥିଲା ବୋଲି ପରେ ସେ ଜାଣିବାକୁ ପାଇଥିଲେ। ସେତେବେଳେ ଏହା ତାଙ୍କୁ ଖରାପ ଲାଗିଥିଲା। ତାଙ୍କ ସହ ଏପରି କାହିଁକି ଘଟୁଛି ବୋଲି ସେ ସବୁବେଳେ ଭାବୁଥିଲେ। ତେବେ ଧୀରେ ଧୀରେ ତାଙ୍କ ବିରୋଧରେ ହେଉଥିବା ରାଜନୀତିକୁ ସେ ଦୃଢ଼ତାର ସହ ମୁକାବିଲା କରିବା ଶିଖିଥିଲେ ଏବଂ ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରିଥିଲେ। କାର୍ଯ୍ୟଦକ୍ଷତା ଦେଖାଇ ସଫଳତା ହାସଲ କଲେ ରାଜନୀତିର ଶିକାର ହେବାକୁ ପଡ଼ିଥାଏ ବୋଲି ଅମୃତା କହିଛନ୍ତି। ପ୍ରକାଶ ଯେ, ନିକଟରେ ରିଲିଜ୍ ହୋଇଥିବା ଅକ୍ଷୟ କୁମାର ଓ ଅର୍ଶଦ ୱାର୍ଶିଙ୍କ 'ଜଲି ଏଲ୍‌ଏଲ୍‌ବି ୩' ଫିଲ୍ମରେ ଅମୃତାଙ୍କୁ ଦେଖିବାକୁ ମିଳିଥିଲା।

# ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ: କଂଗ୍ରେସ



ଲୋୟର ପିଏମ୍‌ଜିରେ ମହିଳା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ।

## ବିଧାନସଭା ଭିତରେ ଓ ବାହାରେ ନାରୀ ନିଆଁ

### ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ

ଭୁବନେଶ୍ୱର,୨୪।୯
(ରବିନାରାୟଣ ଜେନା)

ବିଧାନସଭାର ମୌସୁମୀକାଳୀନ ଅଧିବେଶନରେ ବୁଧବାର ଗୃହ ଭିତରେ ଓ ବାହାରେ ନାରୀ ନିଆଁ ଦେଖିବାକୁ ମିଳିଥିଲା। ଗୃହ ଭିତରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ସମସ୍ତ ସଦସ୍ୟମାନେ ନାରୀ ନିର୍ଯାତନାକୁ ନେଇ ସରକାରଙ୍କ ଉପରେ ବର୍ଷିଥିବାବେଳେ ବିଧାନସଭା ବାହାରେ ମହିଳା କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୋଧରେ ବିଶାଳ ବିକ୍ଷୋଭ କରାଯାଇଥିଲା।

ଗୃହର ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ କାଡାମ କହିଥିଲେ, ରାଜ୍ୟରେ ଦିନକୁ ଦିନ ମହିଳା ହିଂସା ବଢ଼ିବାରେ ଲାଗିଛି। ବାଲେଶ୍ୱର ଛାତ୍ରୀ ଆତ୍ମାହୁତିଠାରୁ ଆରମ୍ଭକରି ପୁରୀ ବଳଙ୍ଗା ପର୍ଯ୍ୟନ୍ତ ସବୁଠୁ ଛାତ୍ରୀ ନିର୍ଯାତିତା। ରାଜଧାନୀରେ ପୋଲିସ କନ୍‌ଷ୍ଟେବଲଙ୍କୁ ହତ୍ୟା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ପୋତାଯାଉଛି। ୪୪ ହଜାର ମହିଳା ରାଜ୍ୟରୁ ନିଖୋଜ ଅଛନ୍ତି। ତାଙ୍କୁ ଖୋଜିବା ପାଇଁ ଗୃହ କମିଟି ଗଠନ କରାଯାଉ। ଆମେ ଗତ ଅଧିବେଶନରେ ଗୃହରେ ମହିଳାଙ୍କ ସୁରକ୍ଷା ଲାଗି ସ୍ୱର ଉଠାଇଥିଲୁ। କିନ୍ତୁ ଅଗଣତାନ୍ତ୍ରିକ ଭାବରେ ଆମର ସମସ୍ତ ୧୪ ସଦସ୍ୟଙ୍କୁ ନିଲମ୍ବନ କରିଦିଆଗଲା, ଯାହାର ପ୍ରତିବାଦରେ ଆମେ ଗୃହରେ ଧାରଣାଦେଲୁ। ମାତ୍ର ଆମକୁ ବାହାର ଗୁଣ୍ଡା ଲଗାଇ ଅକଥନୀୟ ନିର୍ଯାତନା ଦିଆଗଲା। ଏ ଗୃହ ବିଧାୟକଙ୍କୁ ସୁରକ୍ଷା ଦେବା ପାଇଁ, କିନ୍ତୁ ଆମକୁ ଏଠି ମାଡ଼ ମରାଗଲା।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ସୋଫିଆ ଫିର୍ଦୋସ ସମାନ ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କଠାରୁ ନ୍ୟାୟ ମାଗିଥିଲେ। ବାଚସ୍ପତି ଏହି ଘଟଣାର ତଦନ୍ତ କରି ଜିନିଷ ଫେରାଇବା ସହ ନ୍ୟାୟ ଦିଅନ୍ତୁ। ତାରା କହିଥିଲେ, ଏନେଇ ସଂସଦୀୟ ମନ୍ତ୍ରୀଙ୍କଠାରୁ ନେଇ ଗୃହ ସଚିବ ଓ ପୋଲିସ ଡିଜିଙ୍କୁ ଅବଗତ କଲି, ହେଲେ କେହି ଶୁଣୁ ନାହାନ୍ତି। ଇତିହାସ କେବେ ବି ଭୁଲିବ ନାହିଁ। ବାଚସ୍ପତିଙ୍କର ଏଭଳି ନିଷ୍ପତ୍ତିକୁ ନେଇ ସୋଫିଆ କହିଥିଲେ, ଭୁବନେଶ୍ୱରରୁ ଜଣେ ମହିଳା କନ୍‌ଷ୍ଟେବଲଙ୍କୁ ଉଠାଇନେଇ ମୁଖ୍ୟମନ୍ତ୍ରୀଙ୍କ ଜିଲାରେ ମାରି ଦେଉଛନ୍ତି। ଏଥିରୁ ଜଣାପଡୁଛି ରାଜ୍ୟରେ ମହିଳା କେତେ ସୁରକ୍ଷିତ। ଆମେ ମହିଳାଙ୍କ ପାଇଁ ସୁରକ୍ଷା ମାଗିଲୁ କିନ୍ତୁ ଆମକୁ ନିଲମ୍ବନ କରାଗଲା। ଏହା କି ଗଣତନ୍ତ୍ର ବୋଲି ସେ ପ୍ରଶ୍ନ କରିଥିଲେ। ବାଚସ୍ପତି କଂଗ୍ରେସ ସଦସ୍ୟଙ୍କ ପ୍ରଶ୍ନର ଉତ୍ତରରେ କିଛି ନ କହିବାରୁ କଂଗ୍ରେସ ସଦସ୍ୟମାନେ କକ୍ଷ ତ୍ୟାଗ କରିଥିଲେ।

ଅନ୍ୟପକ୍ଷରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ରାଜ୍ୟରେ ମହିଳା ଅତ୍ୟାଚାର, ବଳାତ୍କାର ଓ ହତ୍ୟା ପ୍ରତିବାଦରେ ବିଧାନସଭା ଘେରାଉ କରାଯାଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ୍‌କ୍ରମେ ମହିଳା କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବିଧାନସଭା ଅଭିମୁଖେ ଯାତ୍ରା କରୁଥିବା ବେଳେ ଲୋୟର ପିଏମ୍‌ଜିଠାରେ ପୋଲିସ ଅଟକାଇଥିଲା। ଫଳରେ ମହିଳା କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ଠେଲାପେଲା ହୋଇଥିଲା। ପରେ ପୋଲିସ ବିକ୍ଷୋଭସ୍ଥଳରୁ ମହିଳା କଂଗ୍ରେସ ନେତୃବର୍ଗ ଓ କର୍ମୀମାନଙ୍କୁ ଭ୍ୟାନ୍ ଯୋଗେ ଉଠାଇ ନେଇଥିଲା। ହଜାର ହଜାର ମହିଳା କଂଗ୍ରେସ କର୍ମୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ଏହି ଅବସରରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ କହିଛନ୍ତି, ବିଧାନସଭା ଘେରାଉ ମାଧ୍ୟମରେ ମହିଳା କଂଗ୍ରେସ ଓଡ଼ିଶାରେ ଉପେକ୍ଷିତା, ଅତ୍ୟାଚାରିତ, ନିର୍ଯାତିତ ମହିଳାଙ୍କର ସ୍ୱରକୁ ବ୍ୟକ୍ତ କରିଛି। ଓଡ଼ିଶାରେ ମହିଳାମାନେ ଅସୁରକ୍ଷିତ ଅଛନ୍ତି। ଦିନକୁ ୧୫ ମହିଳା ଗଣବଳାତ୍କାରର ଶିକାର ହେଉଥିବା ବେଳେ ମୋହନ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ, ହଷ୍ଟେଲରେ ଏପରିକି ମହିଳା ଆଶ୍ରମରେ ଛାତ୍ରୀମାନେ ମଧ୍ୟ ସୁରକ୍ଷିତ ନାହାନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସହିତ ବିଧାୟକ ତାରାପ୍ରସାଦ ବାହିନୀପତି, ଦାଶରଥି ଗମାଙ୍ଗୋ, ରାଜନ ଏକ୍କା, ମଙ୍ଗୁ ଖିଲ, ପବିତ୍ର ସାଉଁତା, ଅଶୋକ ଦାସ, ସୋଫିଆ ଫିର୍ଦୋସ ପ୍ରମୁଖ ସାମିଲ ଥିଲେ।




MARUTI SUZUKI
NEXA

CELEBRATIONS JUST GOT BIGGER.
WITH GST BENEFITS + LIMITED PERIOD FESTIVE OFFERS*

| | PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO* |
|---|---|---|---|
| FRONX | ₹1 12 600 | ₹6 84 900 | ₹75 000 |
| GRAND VITARA | ₹1 07 000 | ₹10 76 500 | ₹1 60 000 + 5 Year Extended Warranty |
| BALENO | ₹86 100 | ₹5 98 900 | ₹92 500 |
| IGNIS | ₹71 300 | ₹5 35 100 | ₹85 000 |
| INVICTO | ₹61 700 | ₹24 97 400 | ₹1 55 000 |
| XL6 | ₹52 000 | ₹11 52 300 | ₹55 000 |
| JIMNY | ₹51 900 | ₹12 31 500 | ₹1 10 000 |



SCAN TO CONNECT TO A SHOWROOM NEAR YOU
NEXA SAFETY SHIELD
*FESTIVE OFFERS VALID TILL 30TH SEP ONLY

UP TO 100% WAIVER ON CAR LOAN PROCESSING FEE (ONLY TILL 30TH SEP)##
E-BOOK TODAY @ WWW.NEXAEXPERIENCE.COM
Contact us at 1800-200-6392 1800-102-6392

For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 30th September '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଦୁଗ୍ଧ ଚାଷୀ ଓ ଯାଦବମାନଙ୍କ ବିକ୍ଷୋଭ, ସ୍ଥାନ: ପିଏମ୍‌ଜି ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋକସେବା କନ୍‌ଭେନ୍‌ଶନ୍ ସେଣ୍ଟର , ସମୟ: ଅପରାହ୍ନ ୧ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ୪ର୍ଥ ଜାତୀୟ ପ୍ରେକ୍ଷାଳୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ରାଷ୍ଟ୍ରବାଦୀ ଜନନାୟକ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ତୃତୀୟ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।
- ସ୍ୱଚ୍ଛତା ହିଁ ସେବା ଅଭିଯାନ, ସ୍ଥାନ: ଚୌଦ୍ୱାର ରୂପଯାତ୍ରା ପଡ଼ିଆ, ସମୟ: ସକାଳ ୭ଟା ୩୦।
- କଟକ ନାଟ୍ୟୋତ୍ସବ ଚୟନ ପ୍ରକ୍ରିୟାର ଚତୁର୍ଥ ଦିବସ ନାଟକ ପ୍ରଦର୍ଶନୀ, ସ୍ଥାନ: ବିଜୁ ପଟ୍ଟନାୟକ ଫିଲ୍ମ ଓ ଟିଭି ଇନ୍‌ଷ୍ଟିଚ୍ୟୁଟ୍ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଫାର୍ମାସୀ ଅଫିସର୍ସ ସର୍ଭିସ ଆସୋସିଏଶନ କଟକ ଶାଖା ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ନବମ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ବଶିଷ୍ଠ ବିଚାର ମଞ୍ଚ ପକ୍ଷରୁ ଇଂ. ସରୋଜ କୁମାର ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଗାନ୍ଧୀ ଭବନ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କାସିମପୁର ଆଦିବାସୀ ସାହି, ଫୁଲାଡ଼ି, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ଗବେଷଣା ଓ ପ୍ରକାଶନ ନୀତି–୨୦୨୫ ସମ୍ପର୍କିତ କର୍ମଶାଳାର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଗୋଷ୍ଠୀ ସହାୟିକାଙ୍କ ୩ୟ ଦିନ ଧାରଣା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ମହାପାତ୍ର ସ୍ମୃତି ସଂସଦ ପକ୍ଷରୁ ସ୍ୱର୍ଗତ ଲକ୍ଷ୍ମୀ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ,ସ୍ଥାନ:କୁଆଁସ, ଭଦ୍ରକ, ସମୟ:ପୂର୍ବାହ୍ନ ୧୦ଟା।
- ପିଲା ଗଣେଶ ଭସାଣି,ସ୍ଥାନ: କୁଆଁସ,ସମୟ:ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ଶୀର୍ଷା,ସମୟ:ପୂର୍ବାହ୍ନ ୧୦ଟା।
- ସୀମାନ୍ତ ଫାର୍ମାସୀ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ସ୍ଥାନ: କଲେଜ ପରିସର, ଝାରପୋଖରିଆ,ସମୟ:ପୂର୍ବାହ୍ନ ୧୦ଟା୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଚିତ୍ରଡ଼ା ସପ୍ଲାଇ ଛକ ଦୁର୍ଗାପୂଜା ମଣ୍ଡପ, ମୋରଡ଼ା,ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- 'ସ୍ୱଚ୍ଛତା ହିଁ ସେବା'ରେ ସଫେଇ ଅଭିଯାନ, ସ୍ଥାନ: ବସଷ୍ଟାଣ୍ଡ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ, ବାଲିଗୁଡ଼ା, ସମୟ: ସକାଳ ୮ ଟା ୩୦।

## ଢେଙ୍କାନାଳ

- ସିଟି ଓ ଜିଏସ୍‌ଟି ସମ୍ପର୍କିତ କର୍ମଶାଳା, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ଜିଲା ପ୍ରଶାସନ ପକ୍ଷରୁ ସର୍ପ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡିପଦା ବ୍ଲକ ସଭାଗୃହ, ସମୟ: ସକାଳ ୧୦ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ମେରିଟାଇମ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଜଜାଙ୍ଗ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।

## ଯାଜପୁର

- ସତ୍ୟସାଇ ସେବା ସମିତି ପକ୍ଷରୁ ମା' ଦୁର୍ଗାଦେବୀଙ୍କ ନବରାତ୍ର ପୂଜା ଓ ହୋମ। ସ୍ଥାନ: ସତ୍ୟସାଇ ମନ୍ଦିର ପରିସର, ସମୟ, ସକାଳ ୮ଟା ୩୦।
- ଚତୁର୍ଥ ଦିନରେ ମା' ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗୋତ୍ସବ ଓ ବାର୍ଷିକ ଉତ୍ସବରେ ଷୋଡଶ ଉପଚାର ପୂଜା ଏବଂ ରଥ ଚାଳନା, ସ୍ଥାନ: ଯାଜପୁର ବିରଜା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା ୩୦।
- ବ୍ୟାସନଗର ବିରଜାନଗର ମା' ବିରଜା ଦେବୀଙ୍କ ଷୋଡଶ ଦିବସୀୟ ପୂଜା। ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା ୨୦।

## ନୟାଗଡ଼

- ବିମଳାଙ୍କ ଷୋଡଶ ପୂଜାର ଦ୍ୱାଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ସତ୍ୟ ସାଇ ବାବାଙ୍କର ବିଦ୍ୟାପାଦୁକା ଯାତ୍ରା, ସ୍ଥାନ: ରଣପୁର ବ୍ଲକ ପିମ୍ପଲ, ଯଦୁପୁର ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ସାଢ଼େ ୯ଟା ।
- ନାରାୟଣୀଙ୍କ ଷୋଡଶ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା ।
- ଷୋଡଶ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା ।
- ଷୋଡଶ ଦିବସୀୟ ପୂଜାର ଦ୍ୱାଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ନବମ ଦିବସ, ସ୍ଥାନ:ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା ।
- ମହାବୀରଙ୍କ ଦଶମ ବାର୍ଷିକ ନାମଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ ବ୍ଲକ ରାଜଗିରି ପାହାଡ, ସମୟ:ଅପରାହ୍ନ ୫ଟା ।

## ରାୟଗଡ଼ା

- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ପରିସର, ସମୟ: ସକାଳ ୯ ଟା ।
- ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଭୋଟ ଗ୍ରହଣ, ସ୍ଥାନ: ମଧୁବନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆମ ପୋଲିସ ସମିତି ବୈଠକ, ସ୍ଥାନ: ମୁନିଗୁଡା ପୋଲିସ ଷ୍ଟେଶନ ପରିସର, ସମୟ: ଅପରାହ୍ନ ୪ ଟା।

## ନବରଙ୍ଗପୁର

- ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ସାଇକେଲ ଶୋଭାଯାତ୍ରା, ସ୍ଥାନ: ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ପଡ଼ିଆ, ସମୟ: ସକାଳ ୭ଟା।
- କୋରାପୁଟ ଜିଲାର ଥିବା ୫ ଆଇଟିଆଇର ଗଭର୍ଣ୍ଣିଂ ବଡି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- କୋରାପୁଟ ଆକାଂକ୍ଷୀ ଜିଲାର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- . ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ନବରାତ୍ର ପୂଜା, ସ୍ଥାନ : ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୭ଟା।
- ଦଲେଇପଡା ରାବଣ ପୋଡି କମିଟିର ବୈଠକ, ସ୍ଥାନ : ଦଲେଇପଡା, ସମୟ : ପୂର୍ବାହ୍ନ ୧୦ଟା ୩୦।
- . ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଡିଆବାହାଲ ମଣ୍ଡଳ ଆୟୋଜନରେ ଶ୍ରୀବିଜୟା ଦଶମୀ ଉତ୍ସବ, ସ୍ଥାନ : ପଡିଆବାହାଲ ସାପ୍ତାହିକ ପରିସର, ସମୟ ଅପରାହ୍ନ ୩ଟା।
- . ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଶ୍ରୀରାମ ଲିଳା କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ରାତି ୭ଟା।

## ବରଗଡ଼

- ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର 'ସମ୍ଭବ' ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ଜମଲା ଡିଗ୍ରୀ କଲେଜ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା
- ସୁପ୍ରିୟା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ଭାଜପାର ବୃକ୍ଷରୋପଣ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।

## ବୌଦ୍ଧ

- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ବୌଦ୍ଧ, ସମୟ: ସକାଳ ୮ଟା।
- ସେବାପକ୍ଷ ଅବସରରେ ପ୍ରଦର୍ଶନୀ, ସ୍ଥାନ: ମାଉସୀ ମା' ମନ୍ଦିର ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ନବରାତ୍ର ପୂଜା ଚତୁର୍ଥ ଦିବସ ପୂଜା ଆରମ୍ଭ, ସ୍ଥାନ: ମା' କନକଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳୀ ମନ୍ଦିର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣମେରୁ ମନ୍ଦିର ପରିସରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୮ଟା।
- ମା' ସୁରେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ, ସ୍ଥାନ:ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।
- ନବାହ୍ନ ପାରାୟଣର ଅଷ୍ଟମ ଦିବସ,ସ୍ଥାନ: କର୍ଡାପାଲ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବନ୍ଧୁଙ୍କ ସହ ଯାତ୍ରାକାଳୀନ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ଖୁସିରେ ବିତାଇବେ। ଜମିଜମା, ଗାଡିମୋଟର, କରଜ ଟଙ୍କାପଇସା ପ୍ରଭୃତିକୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଅଶ୍ୱିନୀ ନକ୍ଷତ୍ର ସକାଶେ ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକ ଦୂରେଇ ଯିବେ।

**ବୃଷ** – ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ସମ୍ପର୍କୀୟଙ୍କ ସହାନୁଭୂତି ଲାଭକରି ଆଶ୍ୱସ୍ତି ଅନୁଭବ କରିବେ। ହିତୈଷୀମାନଙ୍କ ସହଯୋଗରେ ପୂର୍ବପରିକଳ୍ପିତ ନୂତନଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। କୃତ୍ତିକା ନକ୍ଷତ୍ର ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** – ପାରିବାରିକ ଭୁଲ୍ ବୁଝାମଣାରୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟରେ ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ। ମୃଗଶିରା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ।

**କର୍କଟ** – ମାନସିକ ଶିଥିଳତାଜନିତ କାର୍ଯ୍ୟରେ ବିଳମ୍ବ ଘଟିଲେ ମଧ୍ୟ ଆର୍ଥିକ ସ୍ଥିତି ମଜଭୁତ ରହିବ। ପୁନର୍ବସୁ ନକ୍ଷତ୍ର ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆଇନଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ସିଂହ** – ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଆପଣଙ୍କ ନିଷ୍ପତ୍ତିକୁ ଭୁଲ୍ ପ୍ରମାଣିତ କରାଇପାରନ୍ତି। ମଘା ନକ୍ଷତ୍ର କିଛି କହିବା ଓ କରିବା କ୍ଷେତ୍ରରେ ଭାବିଚିନ୍ତି ପଦକ୍ଷେପ ନେବା ଭଲ। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବାର ପରିବେଶ ସୃଷ୍ଟି ହେବ।

**କନ୍ୟା** – ଆଜି ଉତ୍ତରାଫାଲଗୁନୀ ନକ୍ଷତ୍ର ଅର୍ଥ ସାଙ୍ଗକୁ ସାମାଜିକ ସମ୍ମାନ ଓ ପ୍ରତିଷ୍ଠାଲାଭ କରିବେ। ଆଜି ଯାହା ପାଇବାକୁ ଆଶା ରଖିଛନ୍ତି ତାହା ନିଶ୍ଚୟ ପାଇପାରିବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିବାରରେ ପିଲାଙ୍କ କାର୍ଯ୍ୟକଳାପରୁ ମନସ୍ତାପ କରିପାରନ୍ତି।

**ତୁଳା** – ଆଶା ଓ ଅଭିଳାଷ ପୂରଣ କରିବାରେ ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରୁ ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାମ ହାସଲ କରିବେ। ଚିତ୍ରା ନକ୍ଷତ୍ର ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା** – ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ଆଜି ଦୂରଯାତ୍ରା କରିବାକୁ ପଡ଼ିପାରେ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟବସାୟ, ପରିବହନ, ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରୁ ସନ୍ତୋଷଜନକ ଫଳ ପାଇପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହେବ।

**ଧନୁ** – ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ଆଜିର କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗିରହିବ। ଉତ୍ତରାଷାଢ଼ା ନକ୍ଷତ୍ର ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ କାମ ଅଟକି ରହିବ ନାହିଁ। କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ ଗୁଜବ ଶୁଣିବା ପରେ ମନରେ ଦୁର୍ଭାବନା ସୃଷ୍ଟି ହୋଇପାରେ। ଶ୍ରବଣା ନକ୍ଷତ୍ର କିଛିଟା ସ୍ୱାର୍ଥତ୍ୟାଗ କରିବା ଦ୍ୱାରା ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟାଇପାରିବେ।

**କୁମ୍ଭ** – ଆଜି ଶତଭିଷା ନକ୍ଷତ୍ର କର୍ମାରମ୍ଭ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ଲାଗି ଆଶ୍ୱସ୍ତି ଅନୁଭବ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**ମୀନ** – ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ଭଲ ସମ୍ପର୍କ ରଖୁ ନ ଥିବା ବନ୍ଧୁ ସମସ୍ୟା ସମାଧାନ ବଦଳରେ ବଢ଼ାଇଦେବେ। ରେବତୀ ନକ୍ଷତ୍ର ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

ଆଜି ସେପ୍ଟେମ୍ବର ୨୫ ତାରିଖ, ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର–ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫.୩୯ ଗତେ ଘ. ୦୭.୧୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୦୭ ଗତେ ଘ.୦୨.୩୭ ମଧ୍ୟେ ରାହୁ କାଳ।

# ହାଇୱା ମାଡ଼ିଯାଇ ୩ ମୃତ

ଦିଗପହଣ୍ଡି,୨୪।୯(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି–ଆସିକା ୩୨୬ ନଂ.ଜାତୀୟ ରାଜପଥର ମହାନଳା ଗ୍ରାମ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରେ ବୁଧବାର ରାତି ପ୍ରାୟ ୮ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ହାଇୱା (ନଂ.ଓଡି ୦୫ ଏଫ – ୯୦୦୧) ମାଡ଼ିଯିବାରୁ ୩ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ଅଞ୍ଚଳ କଲୋନୀର ଅଶ୍ୱିନୀ କୁମାର ଦୋରା (୨୮),ବାଳକୃଷ୍ଣ ରେଡ୍ଡୀ(୪୨) ଓ ପନ୍ଦରା ସାହିର କାଳିଆ ବେହେରା(୩୨)। ଖବରରୁ ଜଣାପଡିଛି, ଏହି ୩ଜଣ ବାଇକ୍ ଯୋଗେ ପାଟପୁରରୁ ଦିଗପହଣ୍ଡି ଅଭିମୁଖେ ଯାଉଥିଲେ। ମହାନଳା ଗ୍ରାମ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରେ ପଛରୁ ଆସୁଥିବା ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ୩ଜଣ ରାସ୍ତାକଡକୁ ଛିଟିକି ପଡିଥିଲେ। ଖବରପାଇ ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ୩ ବ୍ୟକ୍ତିଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ହାଇୱା ଚାଳକ ଘଟଣା ସ୍ଥଳରୁ କିଛି ଦୂରରେ ରାସ୍ତା କଡର ଏକ ଜମିରେ ଗାଡ଼ି ରଖି ଫେରାର ହୋଇଯାଇଛନ୍ତି। ହାଇୱାଟି ୩୨୬ ନଂ. ଜାତୀୟ ରାଜପଥ ଆସିକା–ଢଉଗାଁଠାରୁ ପୋଡାମାରି ଯାଏ ୪୦ କି.ମି. ରାସ୍ତା ଦୋହରୀକରଣ କାର୍ଯ୍ୟରେ ନିୟୋଜିତ ଥିବା କଟକର ଏକ ଠିକାସଂସ୍ଥାର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲଙ୍କା ମରିଚ**
**ମତେ ଦେଖିକରି ଜଳି ଯାଉଛ।**

ସାଧାରଣତଃ ଲଙ୍କା ଖାଇଲେ ପାଟି ରାଗରେ ଜଳିଯାଇଥାଏ। ସେହିପରି କିଛି ବ୍ୟକ୍ତି ଅନ୍ୟକୁ ଦେଖିଲା ମାତ୍ରେ ବିନା କାରଣରେ ରାଗରେ ଜଳିଯାଇଥାନ୍ତି। ଲଙ୍କା ଓ କ୍ରୋଧି ବ୍ୟକ୍ତିଙ୍କ ପ୍ରକୃତି ସମାନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲାଜ ନାହିଁ ନିର୍ଲଜକୁ**
**ଶୁଖିଲା ମାଟିରେ କଠଉ ମଡ଼ାଏ**
**ଠକ ଠକ ଶୁଭିବାକୁ।**

ଶୁଖିଲା ଭୂମି ଉପରେ କଠଉ ମାଡ଼ିଲେ ଠକ ଠକ ଶବ୍ଦ ହେବା ସ୍ୱାଭାବିକ। ପରୋକ୍ଷରେ କିଛି ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ଦେଖେଇ ହେବାକୁ ଏପରି ଆଚରଣ କରିଥାନ୍ତି। ଲୋକଙ୍କର ଦେଖାଣିଆ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଦିନକ ଆଗରୁ ସରିଲା ବିଧାନସଭା

- ୨ ବିଲ୍, ଗୋଟିଏ ସଂକଳ୍ପ ପାରିତ
- ୭ କାର୍ଯ୍ୟଦିବସରୁ ୬ ଦିନ ଚାଲିଲା
- ହୋହଲ୍ଲାରେ ଧୋଇଗଲା ୪ଦିନ

ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)

ବିଧାନସଭା ମୌସୁମୀ ଅଧିବେଶନକୁ ବୁଧବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା। ହେଲେ ଗୃହର ଆଉ କୌଣସି ବିଜ୍‌ନେସ୍ ନ ଥିବା ଯୋଗୁ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବା ଲାଗି ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏକ ମୋଶନ ଆଣିଥିଲେ। ପାର୍ବଣ ପାଇଁ ଗୃହକୁ ଦିନକ ପୂର୍ବରୁ ବନ୍ଦ କରାଇବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ମୋଶନ ପାସ୍ କରାଇବାରେ ଅଧିକ ସଦସ୍ୟଙ୍କ ସମର୍ଥନ ରହିବା ଯୋଗୁ ଗୃହ କାର୍ଯ୍ୟକୁ ମୁଲତବୀ ଘୋଷଣା କରାଯାଇଛି।

ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଥିଲା। ୫ ଦିନ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ସ୍ୱାଭାବିକ ସ୍ଥିତିକୁ ଫେରିପାରି ନ ଥିଲା। ପ୍ରଥମ ୩ ଦିନ ଯାଏ ଗୃହ ଚଲାଇବା ସମ୍ଭବପର ହୋଇପାରି ନ ଥିଲା। ୪ର୍ଥ ଦିନର ପୂର୍ବାହ୍ନରେ ଗୃହ ସ୍ୱାଭାବିକ ହୋଇପାରି ନ ଥିବା ବେଳେ ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ପରେ ଦୁଇଟି ବିଲ୍ ଏବଂ ଗୋଟିଏ ସଂକଳ୍ପ ଆଗତ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍ ୨୦୨୫ ଏବଂ ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍ ୨୦୨୫ ଆଗତ କରାଯାଇଥିଲା। ଏହାସହ ଜିଏସ୍‌ଟିରେ ସଂସ୍କାର ନେଇ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସମ୍ପର୍କିତ ସଂକଳ୍ପ ମଧ୍ୟ ଆଗତ କରାଯାଇଥିଲା। ୫ମ ଦିନ ପୂର୍ବାହ୍ନରେ ବିରୋଧୀ ଗୃହ କାର୍ଯ୍ୟ ଚଳାଇଦେଇ ନ ଥିଲେ। ଅପରାହ୍ନରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍ ୨୦୨୫ ପାରିତ ହୋଇଥିଲା। ଏହାସହ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସମ୍ପର୍କିତ ସଂକଳ୍ପ ମଧ୍ୟ ପାରିତ ହୋଇଥିଲା। ଏହି ସମୟରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ଗୃହରେ ନ ଥିବା ସତ୍ତ୍ୱେ ସରକାରୀ ଦଳ ପକ୍ଷରୁ ଏହାକୁ ପାରିତ କରାଯାଇଥିଲା। ସେହିପରି ଷଷ୍ଠ ଦିନ କିନ୍ତୁ କିଛି ସମୟ କଂଗ୍ରେସ ସଦସ୍ୟଙ୍କ ନାରାବାଜିରେ ଗୃହ ଅଚଳ ହୋଇଥିବାବେଳେ ବାକି ସମ୍ପୂର୍ଣ୍ଣ ସମୟ ଗୃହ କାର୍ଯ୍ୟ ବିନା ବିରୋଧ ଭିତରେ ଚାଲିଥିଲା। ପୂର୍ବାହ୍ନରେ ପ୍ରଶ୍ନକାଳ, ଶୂନ୍ୟକାଳ ଆଦି ସବୁ ଠିକ୍‌ଠାକ୍ ଚାଲିଥିଲା। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବାପରେ ଓଡ଼ିଶା ଦ୍ରବ୍ୟ ଓ ସେବା କର ସଂଶୋଧନ ବିଲ୍ ୨୦୨୫ ଉପରେ ଗୃହରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହାପରେ ଏହି ବିଲ୍ ଗୃହରେ ପାରିତ ହେବାସହ ରାତି ୯.୧୯ ମିନିଟ୍‌ରେ ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ଯାଏ ମୁଲତବି ଘୋଷଣା ହୋଇଥିଲା। ଏହି ୭ ଦିନିଆ କାର୍ଯ୍ୟଦିବସ ଭିତରେ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି।

## ପ୍ରଥମ ପୃଷ୍ଠାରୁ...

ପ୍ରଥମ ପୃଷ୍ଠାରୁ...

### ଡାକ୍ତରୀ ପଢ଼ିବେ ନାହିଁ...

୯୯.୯୯ ପର୍ସେଣ୍ଟାଇଲ ରଖି ସଫଳତା ହାସଲ କରିଥିବା ବେଳେ ମେଡିକାଲ କଲେଜରେ ନାମଲେଖାର ଠିକ୍ ପୂର୍ବରୁ ଅର୍ଥାତ୍ ବୁଧବାର ସେ ଆତ୍ମହତ୍ୟା କରିଛନ୍ତି। ଡାକ୍ତର ହେବାକୁ ନ ଚାହିଁ ସେ ଏହି ଚରମ ପଦକ୍ଷେପ ନେଇଛନ୍ତି ବୋଲି ଅନୁରାଗଙ୍କ ସୁଇସାଇଡ୍ ନୋଟ୍‌ରୁ ହସ୍ତଗତ ହୋଇଛି। ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲାର ନାୱରଗ୍ରାମ ନିବାସୀ ଅନୁରାଗ ଅନିଲ ବୋରକାର ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରୁଛନ୍ତି। ନିକଟରେ ସେ ୯୯.୯୯ ପର୍ସେଣ୍ଟାଇଲ ସହ ଏନ୍‌ଇଇଟି ୟୁଜି ୨୦୨୫ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ଏବଂ ଓବିସି ବର୍ଗରେ ତାଙ୍କ ଅଲ୍ ଇଣ୍ଡିଆ ର୍ୟାଙ୍କ୍ ୧୪୭୫ ଥିଲା। ଫଳରେ ଏମ୍ସ ଗୋରଖପୁରରେ ନାମ ଲେଖାଇବା ପାଇଁ ତାଙ୍କୁ ସିଟ୍ ମିଳିଥିଲା। ବୁଧବାର ନାମଲେଖା ପାଇଁ ପରିବାର ସହ ଅନୁରାଗଙ୍କୁ ଉତ୍ତରପ୍ରଦେଶର ଗୋରଖପୁର ଯିବାର ଥିଲା। ତେବେ ଏହାର ଠିକ୍ ପୂର୍ବରୁ ପରିବାର ଲୋକେ ଝୁଲନ୍ତା ଅବସ୍ଥାରେ ଅନୁରାଗଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପରିବାରଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁରାଗଙ୍କ ମୃତଦେହକୁ ଜବତ କରିଛି। ତାଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇଛି। ସୁଇସାଇଡ୍ ନୋଟ୍‌ରେ ଅନୁରାଗ ଲେଖିଛନ୍ତି, ଡାକ୍ତର ହେବାକୁ ଇଚ୍ଛା ନ ଥିଲା। ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୫ ବର୍ଷ ଧରି ପଢ଼ିବାକୁ ଚାହୁଁ ନ ଥିଲି। ଜଣେ ବ୍ୟବସାୟୀ ମଧ୍ୟ ଡାକ୍ତରଙ୍କ ଅନୁରୂପ ଭାବେ ଭଲ ରୋଜଗାର କରିପାରିବେ ବୋଲି ଅନୁରାଗ ଏହି ସୁଇସାଇଡ୍ ନୋଟ୍‌ରେ ଦର୍ଶାଇଛନ୍ତି। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଆତ୍ମହତ୍ୟାକୁ ନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

ସମ୍ପ୍ରତି ଅନେକ ଛାତ୍ରୀଛାତ୍ର ନିଜ ଏକାଡେମିକ୍ କ୍ୟାରିୟରକୁ ନେଇ ଚାପରେ ରହୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ମାନସିକ ରୋଗ ବିଶେଷଜ୍ଞ କହିଛନ୍ତି। ମାନସିକ ଚାପ କମାଇବା ପାଇଁ ଛାତ୍ରୀଛାତ୍ର ନିଜ ପରିବାର ଓ ବନ୍ଧୁଙ୍କ ସହ ଅଧିକରୁ ଅଧିକ ଖୋଲାଖୋଲି କଥା ହେବା ଉଚିତ। ନିଜ ଭାବନା ବାଣ୍ଟିବା ଦ୍ୱାରା ଏକଲାପଣ କମ୍ ହୋଇଥାଏ ବୋଲି ବିଶେଷଜ୍ଞ କହିଛନ୍ତି।

### ଆଇଟିଡିଏରେ ୧୪୮.୭୫...

କୋଟି ଟଙ୍କା ପ୍ରଦାନ କରାଯାଇଥିଲେ ହେଁ କୌଣସି ବିଲ୍ ମଧ୍ୟ କରାଯାଇନାହିଁ। ବିନା ବିଲ୍‌ରେ କିଭଳି କୋଟି କୋଟି ଟଙ୍କାର କାରବାର ହେଲା ତାହା ସନ୍ଦେହଜନକ ବୋଲି ମହାଲେଖାକାର କହିଛନ୍ତି। ସବୁଠାରୁ ଧର୍ତ୍ତବ୍ୟ କଥା ହେଉଛି, ଯନ୍ତ୍ରୀମାନେ ୨୨.୭୮ କୋଟି ଟଙ୍କା କାରବାର କରିଛନ୍ତି, ଯେଉଁଥିରେ କି ଇନ୍‌ଭଏସ୍‌ରେ ଡୁପ୍ଲିକେଟ୍ ନମ୍ବର ପକାଯାଇଛି। ଏପରିକି ଇନ୍‌ଭଏସ୍‌ଗୁଡ଼ିକରେ ତାରିଖ ଉଲ୍ଲେଖ ନ ଥିବାବେଳେ ଜିଏସ୍‌ଟି ପଇଠ କରୁ ନ ଥିବା କମ୍ପାନୀଙ୍କୁ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଅତୁଲ ପ୍ରକାଶ ଏକ ଉଦାହରଣ ଦେଇ କହିଥିଲେ, ପାରଳାଖେମୁଣ୍ଡି ଆଇଟିଡିଏରେ ଉକ୍ତ କର୍ତ୍ତୃପକ୍ଷଙ୍କୁ ଅଣଦେଖା କରାଯାଇଛି। ଆଇଟିଡିଏରେ ୩.୭୪ କୋଟି ଟଙ୍କାର ସାମଗ୍ରୀ କିଣାଯାଇଛି। ଏହି ଆଇଟିଡିଏ ପାଇଁ ମାତ୍ର ୭୩.୬୦ ଲକ୍ଷ ଟଙ୍କାର ଅନୁମୋଦନ ରହିଥିବାବେଳେ ସମ୍ପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନେ ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଅଗୋଚରରେ କିଭଳି ୩.୭୪କୋଟି ଟଙ୍କାର ସାମଗ୍ରୀ ବିନା ଟେଣ୍ଡରରେ କିଣିଲେ, ତାହା ସନ୍ଦେହ ସୃଷ୍ଟି କରୁଛି। ଏପରି କି ଏହି ସାମଗ୍ରୀ କ୍ରୟବେଳେ ଗୋଟିଏ ସଂସ୍ଥାଠାରୁ ୨.୦୯ କୋଟି ଟଙ୍କାର ସାମଗ୍ରୀ ବେଆଇନ ଭାବେ କିଣାଯାଇଛି ବୋଲି ମହାଲେଖାକାର ସ୍ପଷ୍ଟ କରିଛନ୍ତି।

### ଲେହ୍‌ରେ ...

କରାଯାଇଆସୁଛି। ସେପ୍ଟେମ୍ବର ୧୦ରୁ ୧୫ ଜଣ ୩୫ ଦିନିଆ ଅନଶନରେ ବସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେମାନଙ୍କ ମଧ୍ୟରୁ ସେରିଙ୍ଗ୍ ୱାଙ୍ଗ୍‌ଚୁକ(୭୨) ଓ ତଶି ଡୋଲମା(୬୦)ଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରୁ ହସ୍ପିଟାଲକୁ ଉଭୟଙ୍କୁ ନିଆଯାଇଥିଲା। ଏହା ଦେଖି ଏଲ୍‌ଏବି ଯୁବ ଶାଖା ପକ୍ଷରୁ ବୁଧବାର ବନ୍ଦ ଡାକରା ଦିଆଯାଇଥିଲା। ଲେହ୍ ଆପେକ୍ସ ବଡି ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ଚାହୁଁ ଚାହୁଁ ହିଂସାର ରୂପ ନେଇଥିଲା। ବିକ୍ଷୋଭକାରୀମାନେ ଭାଜପା ଅଫିସ ସମେତ ବିଭିନ୍ନ ସ୍ଥାନରେ ପୋଡ଼ାଜଳା ଓ ଭଙ୍ଗାରୁଜା କରିଥିଲେ। ଯାନବାହନଗୁଡ଼ିକରେ ନିଆଁ ଲଗାଇଦେବାରୁ ଆକାଶରେ କଳା ଧୂଆଁର ଆସ୍ତରଣ ଦେଖିବାକୁ ମିଳିଥିଲା। ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ଯାଇ ପୋଲିସ ବିକ୍ଷୋଭକାରୀଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲା। ଗୁଳିମାଡ଼ରେ ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଛି। ସଂଘର୍ଷ ବେଳେ ୭୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବିଶିଷ୍ଟ ପରିବେଶବିତ୍ ତଥା ଶିକ୍ଷାବିତ୍ ସୋନମ୍ ୱାଙ୍ଗ୍‌ଚୁକ ଅନଶନ ଭାଙ୍ଗିବା ସହ ଲଦାଖର ଯୁବପିଢ଼ିଙ୍କୁ ହିଂସା ବନ୍ଦ କରିବାକୁ ପରାମର୍ଶ ଦେଇଛନ୍ତି। ପୋଲିସ ପ୍ରଥମେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। କିନ୍ତୁ ସ୍ଥିତି ସଙ୍ଗିନ ହେବା ଆଶଙ୍କାରେ ପରେ ଗୁଳିମାଡ଼ କରିଥିଲା। ତେବେ ବିକ୍ଷୋଭକାରୀମାନେ ଶାନ୍ତ ରୁହନ୍ତୁ ବୋଲି ୱାଙ୍ଗ୍‌ଚୁକ ନିଜ X ହ୍ୟାଣ୍ଡଲରେ କହିଛନ୍ତି। ସମ୍ବିଧାନର ଷଷ୍ଠ ପରିଚ୍ଛେଦ ୪ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରା, ମେଘାଳୟ, ମିଜୋରାମ ଓ ଆସାମର ଆଦିବାସୀ ଜନସଂଖ୍ୟା ପାଇଁ ଉଦ୍ଦିଷ୍ଟ। ତଦନୁଯାୟୀ ଏହି ରାଜ୍ୟଗୁଡ଼ିକ ଅଟୋନମସ୍ କାଉନ୍‌ସିଲ ଜରିଆରେ ପ୍ରଶାସନିକ, ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ କ୍ଷମତା, ସ୍ୱାୟତ୍ତ ଶାସନ, ବିକଳ୍ପ ନ୍ୟାୟିକ ବ୍ୟବସ୍ଥା ଓ ଆର୍ଥିକ କ୍ଷମତାର ପ୍ରୟୋଗ କରି ସ୍ୱତନ୍ତ୍ର ସୁବିଧା ହାସଲ କରିଥାନ୍ତି। ଅକ୍ଟୋବର ୬ରେ ଏଲ୍‌ଏବି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲାଏନ୍ସ (କେଡିଏ) ସଦସ୍ୟଙ୍କୁ ନେଇ ଲଦାଖର ଏକ ପ୍ରତିନିଧି ଦଳ ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଆଲୋଚନା ହେବାକୁ ଥିବାବେଳେ ଲଦାଖକୁ ଷଷ୍ଠ ପରିଚ୍ଛେଦରେ ସାମିଲ ପାଇଁ ଦାବି ଜୋର୍ ଧରିଛି।

# ଏମ୍‌ସିଏଲ୍‌ର ଜମି ଅଧିଗ୍ରହଣ ସମସ୍ୟା ସମାଧାନ

ତାଳଚେର,୨୪।୯ (ମନୋଜ ନନ୍ଦ)

ଓଡ଼ିଶା ହାଇକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଯୋଗୁ ଦୀର୍ଘବର୍ଷ ଧରି ପଡ଼ିରହିଥିବା ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ହୋଇଥିବା ଏମ୍‌ସିଏଲ୍ ପକ୍ଷରୁ ବୁଧବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି, ରିଟ୍ ଅପିଲ ନଂ. ୩୪/୨୦୧୫ (ଗଦାଧର ବିଶ୍ୱାଳ ଓ ଅନ୍ୟ ବନାମ ଏମ୍‌ସିଏଲ୍)ର ବିଚାର କରି ହାଇକୋର୍ଟ ଏମ୍‌ସିଏଲ୍ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜମିକୁ ଅଧିକାର କରିବା ପାଇଁ ଏକ ଆଦେଶ ପାରିତ କରିଛନ୍ତି। ଏଥିସହ ଏକ ମାସ ମଧ୍ୟରେ ୨୫ ଜଣ କ୍ଷତିଗ୍ରସ୍ତଙ୍କୁ ସାମୂହିକ ଆବାସ ପ୍ରଦାନ କରିବା ଏବଂ ପୁନର୍ବାସସ୍ଥଳର ବଳକା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଏମ୍‌ସିଏଲ୍‌କୁ ପରାମର୍ଶ ଦେଇଛନ୍ତି। ଏକମାସ ମଧ୍ୟରେ ଅଧିଗ୍ରହଣ କରାଯାଇଥିବା ଜମିକୁ ଏମ୍‌ସିଏଲ୍‌କୁ ହସ୍ତାନ୍ତର କରିବାକୁ ହାଇକୋର୍ଟ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଁସମୂଳ ଗ୍ରାମ ଅଧୀନରେ ଥିବା ତଳସାହିର ଏହି ବିଚାରାଧୀନ ପ୍ରସଙ୍ଗ ଯୋଗୁ ୨୦୧୫ ମସିହାରୁ ଏମ୍‌ସିଏଲ୍‌ର ଭୁବନେଶ୍ୱରୀ ଓପନକାଷ୍ଟ ପ୍ରକଳ୍ପର ସମ୍ପ୍ରସାରଣ ପ୍ରଭାବିତ ହୋଇଥିଲା। ୨୦୧୪ରେ ହେଁସମୂଳ ତଳସାହିର ୧୦୨ ଜଣ ବାସିନ୍ଦା ଅତିରିକ୍ତ ସୁବିଧା ଦାବି କରି ଆଇନର ଆଶ୍ରୟ ନେଇଥିଲେ। ଏମ୍‌ସିଏଲ୍ ଦ୍ୱାରା ଓଡ଼ିଶା ସରକାରଙ୍କ ଆର୍ ଆଣ୍ଡ ଆର୍ ବ୍ୟବସ୍ଥା ଅନୁଯାୟୀ ସମସ୍ତ ଯୋଗ୍ୟ ଜମି ହରାଇଥିବା ଲୋକଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ, ନିଯୁକ୍ତି ଏବଂ ପୁନର୍ବାସ ପ୍ଲଟ ପ୍ରଦାନ କରାଯାଇଥିଲ। ହାଇକୋର୍ଟଙ୍କ ଏହି ନିଷ୍ପତ୍ତି ଦ୍ୱାରା ଏମ୍‌ସିଏଲ୍‌ର ଭୁବନେଶ୍ୱରୀ ଖଣି ଦେଶର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହାର କୋଇଲା ଉତ୍ପାଦନ ବୃଦ୍ଧି କରିପାରିବ ବୋଲି ଏମ୍‌ସିଏଲ୍ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।




# ଟ୍ରେନ୍ ଧକ୍କାରେ ୨ ଭାଇଙ୍କ ଜୀବନ ଗଲା

## ମୋବାଇଲ ମରାମତି କରି ଘରକୁ ଫେରୁଥିଲେ

ରାଉରକେଲା,୨୪।୯ (ସଙ୍ଗୀତା ଜେନା)

ମୋବାଇଲ ଫୋନ୍ ମରାମତି କରିବାକୁ ଯାଇ ଘରକୁ ଫେରୁଥିବା ବେଳେ ଏକ ଯାତ୍ରୀବାହୀ ଟ୍ରେନ୍ ଧକ୍କା ଦେବାରୁ ମଙ୍ଗଳବାର ରାତିରେ ୨ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନି ହରିପୁର ବସ୍ତିର ରଞ୍ଜନ ପାତ୍ର (୧୮) ଏବଂ ସାନ ଭାଇ ଜଗନ ପାତ୍ର(୧୬)। ରଞ୍ଜନ ତାଙ୍କ ମା'ଙ୍କ ସହ ଏକ ହୋଟେଲରେ କାମ କରୁଥିବା ବେଳେ ଜଗନ ଉଦିତନଗର ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଥିଲେ। ରାଉରକେଲା ଜିଆର୍‌ପି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ବୁଧବାର ଅପରାହ୍ନ ୧ଟାରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ୨ଟି ପୃଥକ୍ ମାମଲା (ନଂ.୭୯/୨୫ ଓ ନଂ.୮୦/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ରଞ୍ଜନ ଓ ଜଗନ ତାଙ୍କ ଭଉଣୀଙ୍କ ସହ ଟ୍ରେନ ଲାଇନ୍ ପାର୍ଶ୍ୱ ହରିପୁର ବସ୍ତିରେ ରୁହନ୍ତି। ସେମାନଙ୍କ ବାପା ବାଲେଶ୍ୱରରେ ରହୁଛନ୍ତି। ଭଉଣୀ ଏକ ମୋବାଇଲ ଦୋକାନରେ କାମ କରନ୍ତି। ମଙ୍ଗଳବାର ରାତି ୯ଟାରେ ରଞ୍ଜନ ଓ ଜଗନ ଭଉଣୀଙ୍କୁ ଆଣି ଘରେ ଛାଡିବା ପରେ ମୋବାଇଲ ଫୋନ୍ ମରାମତି କରିବାକୁ ଉଦିତନଗର ଯାଇଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ଉଭୟ ବାସନ୍ତୀ ଓଭରବ୍ରିଜ୍ ତଳ ଟ୍ରେନ ଲାଇନ ଅତିକ୍ରମ କରି ଘରକୁ ଫେରୁଥିବା ବେଳେ ବରସୁଆଁ–ବିରମିତ୍ରପୁର ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଟ୍ରେନ୍ ଚାଳକ ରାଉରକେଲା ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ସୂଚନା ଦେଇଥିଲେ। ଷ୍ଟେଶନ ମ୍ୟାନେଜରଙ୍କ ଏତଲା କ୍ରମେ ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

# ସବୁ ଉପଖଣ୍ଡରେ ହେବ ଶୀତଳଭଣ୍ଡାର: କୃଷିମନ୍ତ୍ରୀ

## ପ୍ରଶ୍ନକାଳରେ ରଣେନ୍ଦ୍ର-କେ.ଭି. ମୁହାଁମୁହିଁ

ଭୁବନେଶ୍ୱର,୨୪।୯(ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ଉପଖଣ୍ଡରେ ଶୀତଳଭଣ୍ଡାର ସରକାରୀ ଘରୋଇ ସହଭାଗିତା(ପିପିପି)ରେ ନିର୍ମାଣ ହେବ। ଯଦି ଉପଖଣ୍ଡରୁ ଏକାଧିକ ଆବେଦନ ଆସିବ ତାହାକୁମଧ୍ୟ ବିଭାଗ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ବୁଧବାର ବିଧାନସଭାର ପ୍ରଶ୍ନକାଳ ସମୟରେ ମୂଳ ପ୍ରଶ୍ନକର୍ତ୍ତା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଥିଲେ, ବର୍ତ୍ତମାନ ସୁଦ୍ଧା ୧୨ ଉପଖଣ୍ଡରେ ନୂତନ ଶୀତଳଭଣ୍ଡାର ସ୍ଥାପନ ଏବଂ ଗୋଟିଏ ପୁରୁଣା ଶୀତଳଭଣ୍ଡାରର ପୁନରୁଦ୍ଧାର ପାଇଁ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି। ସେଥିମଧ୍ୟରେ ଆଠଗଡ଼ ସମେତ ବାଲେଶ୍ୱର, ବରଗଡ଼, ବାରିପଦା, ବୌଦ୍ଧ, ଯାଜପୁର, ଜୟପୁର, ଖୋର୍ଦ୍ଧା, ପାନପୋଷ, ପୁରୀ, ରାୟଗଡ଼ା, ସୁବର୍ଣ୍ଣପୁରରେ ନୂତନ ଶୀତଳଭଣ୍ଡାର ହେବାକୁ ଥିବାବେଳେ ଚମ୍ପୁଆରେ ଥିବା ପୁରୁଣା ଶୀତଳଭଣ୍ଡାର ପୁନରୁଦ୍ଧାର ହେବାକୁ ରହିଛି।

ବିଧାୟକ ରଣେନ୍ଦ୍ର ପାଲଟା ପ୍ରଶ୍ନ କରିଥିଲେ ଯେ, ରାଜ୍ୟରେ ଚାଷୀମାନେ ସାର ପାଇଁ ହାଉ ହାଉ ହେଉଛନ୍ତି। ମାତ୍ର ସରକାର ଚାଷୀଙ୍କୁ ତାହା ଯୋଗାଇପାରୁ ନାହାନ୍ତି। କିନ୍ତୁ ସବୁ ଉପଖଣ୍ଡରେ ଶୀତଳଭଣ୍ଡାର କରିବେ ବୋଲି କହୁଛନ୍ତି କହି କଟାକ୍ଷ କରିଥିଲେ। ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ କହିଥିଲେ, ପୂର୍ବ ସରକାର ୨୪ ବର୍ଷ ରହିଥିଲା, କେତେ ଶୀତଳଭଣ୍ଡାର କରିଛି ତାହା ସମସ୍ତେ ଜାଣିଛନ୍ତି। ଏପରିକି ନିଜେ ରଣେନ୍ଦ୍ର ଭାଇ ମନ୍ତ୍ରୀ ଥିବାବେଳେ କିଛି କଲେନାହିଁ। ଏବେ ଆମ ବେଳକୁ ଯେଉଁ କଥା କହୁଛନ୍ତି, ଆମେ କିନ୍ତୁ ନିଶ୍ଚିତ କରିବୁ। କୃଷିକ୍ଷେତ୍ରକୁ ଶକ୍ତିଶାଳୀ କରିବା ପାଇଁ ଯାହା ଆବଶ୍ୟକ ତାହା କରିବୁ ବୋଲି ମନ୍ତ୍ରୀ କହିଥିଲେ। ଏପରିକି କେ.ଭି. କହିଥିଲେ ଯେ, ଯଦି କୌଣସି ଉପଖଣ୍ଡରୁ ଏକାଧିକ ଆବେଦନ ଆସେ ତାହାକୁ ମଧ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ଦେବେ।

ଏହି ସମୟରେ ରଣେନ୍ଦ୍ର ପୁଣି ପ୍ରଶ୍ନ କରିଥିଲେ। ସେ କହିଥିଲେ, ଯଦି କୌଣସି ଉପଖଣ୍ଡରୁ ନୂତନ ଶୀତଳଭଣ୍ଡାର ଲାଗି ପ୍ରସ୍ତାବ ନ ଆସେ ତେବେ ସେକ୍ଷେତ୍ରରେ ସରକାର ନିଜଆଡୁ ଶୀତଳଭଣ୍ଡାର କରିବେ କି? ମନ୍ତ୍ରୀ କହିଥିଲେ, ସରକାର ନିଶ୍ଚିତ ଭାବେ ଏଥିପ୍ରତି ଧ୍ୟାନଦେବେ। ତେବେ ରଣେନ୍ଦ୍ର ଭାଇ ରାଜ୍ୟରେ ସାର ଅଭାବ କଥା କହୁଛନ୍ତି। ବାସ୍ତବ କଥା ହେଲା ଏହା ବିରୋଧୀଙ୍କ ଦ୍ୱାରା ପ୍ରାୟୋଜିତ କୃତ୍ରିମ ଅଭାବ। ଏହାର ପ୍ରଭାବ ଧାନ ସଂଗ୍ରହ ବେଳେ ଦେଖିବେ ବୋଲି ମନ୍ତ୍ରୀ କହିଥିଲେ। ଏହି ଆଲୋଚନାରେ ଭାଜପା ବିଧାୟକ ସନାତନ ବିଜୁଳି ଓ ଦୁଷ୍ମନ୍ତ ସ୍ୱାଇଁ ଭାଗନେଇ ନିଜ ଅଞ୍ଚଳର ଶୀତଳଭଣ୍ଡାର କଥା ରଖିଥିଲେ।

# ଦର୍ଶକଙ୍କ ସହ 'ହୀର୍ ଏକ୍ସପ୍ରେସ୍' ଦେଖିଲେ ଦିଭିତା


ଦର୍ଶକଙ୍କ ଗହଣରେ ଅଭିନେତ୍ରୀ ଦିଭିତା ଜୁନେଜା।

ଭୁବନେଶ୍ୱର,୨୪।୯ (ଅନୁରାଧା ମହାରଣା)

ଚଣ୍ଡିଗଡ଼ର ଏକ ଥିଏଟରରେ ଅଭିନେତ୍ରୀ ଦିଭିତା ଜୁନେଜା ଦର୍ଶକଙ୍କ ସହ ନିଜ ଅଭିନୀତ ଚଳଚ୍ଚିତ୍ର 'ହୀର୍ ଏକ୍ସପ୍ରେସ୍' ଦେଖିଛନ୍ତି। ଦିଭିତାଙ୍କ ଉପସ୍ଥିତି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ତେବେ ତାଙ୍କ ସାଦାସିଧା ଆଚରଣ ଯୁବକ, ଶିଶୁ ଓ ବୟସ୍କ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଦର୍ଶକମାନେ କହିଛନ୍ତି, ତାଙ୍କର ହସ, କଥାବାର୍ତ୍ତା ଓ ଚାଲିଚଳଣ ଫିଲ୍ମ ଦେଖା ଅନୁଭୂତିକୁ ସ୍ମରଣୀୟ କରିଛି। ଦିଭିତା ମଧ୍ୟ ଦର୍ଶକଙ୍କ ସହ ସମୟ ବିତାଇ ଖୁସି ଥିବା କହିଛନ୍ତି। 'ହୀର୍ ଏକ୍ସପ୍ରେସ୍'ର ମୁଖ୍ୟ ଚରିତ୍ର ହୀର୍ ଭୂମିକାରେ ଦିଭିତା ଦର୍ଶକଙ୍କ ମନ କିଣୁଥିବାବେଳେ ବାସ୍ତବ ଜୀବନରେ ମଧ୍ୟ ଲୋକଙ୍କର ନିକଟତର ହୋଇପାରିଛନ୍ତି।

# ପୂଜା ପାଇଁ ସରକାରୀ କର୍ମଚାରୀଙ୍କୁ ୨୬ରେ ମିଳିବ ସେପ୍ଟେମ୍ବର ଦରମା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୯(ସୁନିତ୍ ମିଶ୍ର)

ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗୁଆ ମିଳିବ ଦରମା। ଚଳିତ ସେପ୍ଟେମ୍ବର ମାସର ଦରମା ଆସନ୍ତା ୨୬ରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ ଦୁର୍ଗାପୂଜା ପାଇଁ ଆସନ୍ତା ୨୭ରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସ୍‌ଟି ୨.୦ ସଂସ୍କାର ପରେ ବଚତ୍ ଉତ୍ସବ ମଧ୍ୟ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ୭୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୪।୯ (ଦୁର୍ଯ୍ୟୋଧନ ପାତ୍ର)

ଦିନକୁ ଦିନ ମାଓବାଦୀ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ପୋଲିସ ନିକଟରେ ବୁଧବାର ୨୧ ମହିଳାଙ୍କ ସମେତ ୭୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ପୁରୁଷ ମାଓବାଦୀଙ୍କ ମଧ୍ୟରେ ୩୦ ଜଣ ହାର୍ଡକୋର ଥିବାବେଳେ ସେମାନଙ୍କ ନାମରେ ୬୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି, ସଙ୍ଗଠନର ଟପ୍ କ୍ୟାଡର ମାଓବାଦୀମାନେ ଏନ୍‌କାଉଣ୍ଟରରେ ମୃତ୍ୟୁବରଣ କରିଥିବାବେଳେ ଅନେକେ ଆତ୍ମସମର୍ପଣ କରିଛନ୍ତି। ଫଳରେ ସଙ୍ଗଠନ ଦିନକୁ ଦିନ ଭୁଶୁଡିବାରେ ଲାଗିଛି।

# ସାପ କାମୁଡ଼ାରେ ମା' ପୁଅ ମୃତ

ଲହୁଣୀପଡ଼ା, ୨୪।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ତଥା ମହୁଲପଦା ଥାନା ଅନ୍ତର୍ଗତ ଡଲେଇସରା ପଞ୍ଚାୟତ ବଡ଼ଚୁଆଁ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ମା'ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉକ୍ତ ଗ୍ରାମର ତୁଳସୀ କୋହ୍ଲ (୨୯) ଓ ପୁଅ ଅବିନାଶ (୪)। ରାତିରେ ଖାଇସାରି ତୁଳସୀ, ଅବିନାଶ ଓ ଅନ୍ୟ ୨ପିଲା ଏକାଠି ତଳେ ଶୋଇଥିଲେ। ତୁଳସୀଙ୍କ ସ୍ୱାମୀ ରଥ ଖଟ ଉପରେ ଏକୁଟିଆ ଶୋଇଥିଲେ। ରାତି ପ୍ରାୟ ୨ଟାରେ ରଥ ଉଠି ବାହାରକୁ ଯାଇଥିଲେ। ବାହାରୁ ଆସି ଦେଖିଲେ ଏକ ସାପ ଖଟ ଉପରକୁ ଉଠିବା ପାଇଁ ଉଦ୍ୟତ ହେଉଛି। ସେ ସାପକୁ ଦେଖି ତୁରନ୍ତ ମାରି ଦେଇ ପୁନର୍ବାର ଶୋଇ ପଡ଼ିଥିଲେ। କିଛି ସମୟ ପରେ ଉଠି ଦେଖିଲା ବେଳକୁ ତୁଳସୀ ଓ ଅବିନାଶ ଶୋଇଥିଲେ ମଧ୍ୟ ପାଟିରୁ ଫେଣ ବାହାରୁଥିଲା। ତୁରନ୍ତ ଚିକିତ୍ସା ପାଇଁ ସେମାନଙ୍କୁ ପଡ଼ୋଶୀଙ୍କ ସହଯୋଗରେ ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବିନାଶକୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ତୁଳସୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାରେ ତୁଳସୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ମହୁଲପଦା ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।






# 'ଆମର ମହାସାଗର, ଆମର ଦାୟିତ୍ୱ, ଆମର ସୁଯୋଗ'

## ଆଜି 'ବିଶ୍ୱ ସାମୁଦ୍ରିକ ଦିବସ'



ବିଶ୍ୱ ବାଣିଜ୍ୟ, ଜଳବାୟୁ ଏବଂ ଜୈବ ବିବିଧତାରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଧ୍ୟାନ କେନ୍ଦ୍ରିତ କରିବା ସକାଶେ ପ୍ରତିବର୍ଷ ସେପ୍ଟେମ୍ବର ମାସର ଶେଷ ଗୁରୁବାରରେ ପାଳନ ହୋଇଆସୁଛି 'ବିଶ୍ୱ ସାମୁଦ୍ରିକ ଦିବସ'। ଅନ୍ତର୍ଜାତୀୟ ସାମୁଦ୍ରିକ ସଙ୍ଗଠନ(ଆଇଏମ୍‌ଓ) ସମ୍ମିଳନୀ କାର୍ଯ୍ୟକାରୀ ହେବାର ୨୦ତମ ବାର୍ଷିକୀ ଉପଲକ୍ଷେ ୧୯୭୮ ମସିହାରେ ପ୍ରଥମ ବିଶ୍ୱ ସାମୁଦ୍ରିକ ଦିବସ ପାଳନ ହୋଇଥିଲା। ଚଳିତ ବର୍ଷ ସେପ୍ଟେମ୍ବର ୨୫ରେ ପାଳନ ହେଉଥିବା ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଆମର ମହାସାଗର, ଆମର ଦାୟିତ୍ୱ, ଆମର ସୁଯୋଗ'। ଏହା ବିଶ୍ୱ ଅର୍ଥନୀତି, ଜୀବିକା ଏବଂ ଜଳବାୟୁ ନିୟନ୍ତ୍ରଣରେ ସମୁଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଜାଗର କରିଥାଏ। ଏଥିସହ ଏହା ଜାହାଜର ଦାୟିତ୍ୱ, ସାମୁଦ୍ରିକ ପରିବେଶକୁ ସୁରକ୍ଷା ଦେବା ଏବଂ ସମୁଦ୍ର ସମ୍ପଦଗୁଡ଼ିକୁ ସ୍ଥାୟୀ ଭାବେ ପରିଚାଳନା କରିବାର ସୁଯୋଗ ଉପରେ ଗୁରୁତ୍ୱ ଦେଇଥାଏ। ସୂଚନାଯୋଗ୍ୟ, ସମୁଦ୍ର ବିଶ୍ୱ ଅର୍ଥନୀତିର କେନ୍ଦ୍ରବିନ୍ଦୁ, ୮୦ ପ୍ରତିଶତରୁ ଅଧିକ ବାଣିଜ୍ୟିକ ପରିବହନ ସମୁଦ୍ର ଦ୍ୱାରା କରାଯାଏ। ସମୁଦ୍ର ଅନେକ ଲୋକଙ୍କ ପାଇଁ ଖାଦ୍ୟ, ଚାକିରି ଏବଂ ଆର୍ଥିକ ସୁଯୋଗର ଏକ ଉତ୍ସ ଭାବେ ବିବେଚିତ ହୋଇଥାଏ। ଜଳବାୟୁ ନିୟନ୍ତ୍ରଣରେ ସମୁଦ୍ର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ।

# ଜବାବ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

## ମେଡିକାଲରେ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶିତ ନ ହେବା ମାମଲା

କଟକ,୨୪।୯(କାର୍ତ୍ତିକ ସାହୁ)

ସରକାରୀ ତଥା ବେସରକାରୀ ମେଡିକାଲରେ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶନ କରାଯିବାକୁ ନେଇ ରୁଜୁ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରୋଗୀ ଅଧିକାର ନିର୍ଦ୍ଦେଶାବଳୀ ପ୍ରଦର୍ଶନ କରିବା ଦିଗରେ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ସେ ନେଇ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସରକାର ସବୁ ଜିଲାପାଳଙ୍କୁ ରୋଗୀ ଅଧିକାର ଓ ସୁରକ୍ଷା ପ୍ରଦାନ ସମ୍ପର୍କିତ ଏକ ନିୟମାବଳୀ ସବୁ ସରକାରୀ ଓ ବେସରକାରୀ ମେଡିକାଲରେ ପ୍ରଦର୍ଶିତ କରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ କରି ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚ ରୋଗୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଣୀତ ରୋଗୀ ଅଧିକାର ଚାର୍ଟର ଲାଗୁ କରିବା ପାଇଁ ଦାବି କରିଆସୁଛି। ସରକାରଙ୍କୁ ବାରମ୍ବାର ଅନୁରୋଧ ପରେ ମଧ୍ୟ ଏହା ଉଭୟ ସରକାରୀ ଓ ବେସରକାରୀ ମେଡିକାଲରେ ଲାଗୁ ନ ହେବାରୁ ମଞ୍ଚ ପ୍ରତିଷ୍ଠାତା ସଭାପତି ଡ. ଅମିୟ ଭୂଷଣ ବିଶ୍ୱାଳ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ରୋଗୀ ଶୋଷଣକୁ ରୋକିବା ପାଇଁ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ତଦାରଖ ବ୍ୟବସ୍ଥା ପ୍ରଣୟନ ପାଇଁ ସେ ହାଇକୋର୍ଟଙ୍କୁ ଆବେଦନରେ ପ୍ରାର୍ଥନା କରିଛନ୍ତି। ମଞ୍ଚ ପକ୍ଷରୁ ଆଇନଜୀବୀ କମଳାକାନ୍ତ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ୫୦୦ ଫୁଟ୍‌ର ଜାହାଜ ଲଙ୍ଗର ଚେନ୍ ଉଦ୍ଧାର

## ଜବରଦଖଲ ଉଚ୍ଛେଦ ବେଳେ ମାଟି ତଳୁ ମିଳିଲା

ଚାନ୍ଦବାଲି,୨୪।୯(କିଷାନ ପାତ୍ର)


ମାଟିତଳୁ ମିଳିଥିବା ଚେନ୍।

ଭଦ୍ରକ ଜିଲା ଚାନ୍ଦବାଲିସ୍ଥିତ ପୁରାତନ ବନ୍ଦର ନଗରୀର ମୁଖ୍ୟ ରାସ୍ତାର ପାର୍ଶ୍ୱବର୍ତ୍ତୀ ଦୋକାନ ଗୃହ ଉଚ୍ଛେଦ ବେଳେ ମାଟିତଳୁ ବୃହତ୍‌କାୟ ଜାହାଜ ଲଙ୍ଗର ଚେନ୍ ଉଦ୍ଧାର କରାଯାଇଛି। ବୁଧବାର ସ୍ଥାନୀୟ ତହସିଲଦାର ଭବତୋଷ ମଲ୍ଲିକ ଓ ପୋଲିସ ପ୍ରଶାସନ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଚାଲୁ ରହିଥିଲା। ଅପରାହ୍ନରେ ପୁରୁଣା ରାଜ୍ୟ ବନ୍ଦର କାର୍ଯ୍ୟାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜେସିବି ମେସିନ ଦ୍ୱାରା ଭଙ୍ଗାଯିବା ବେଳେ ପ୍ରାୟ ୫୦୦ ଫୁଟ୍ ଲମ୍ବର ବୃହତ୍‌କାୟ ଜାହାଜ ଲଙ୍ଗର ଚେନ୍ ମାଟି ତଳୁ ଉଦ୍ଧାରହୋଇ ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଏହାକୁ ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ମାଟି ତଳେ ଆହୁରି ଅନେକ ଜାହାଜର ଯନ୍ତ୍ରାଂଶ, ବଇଆଁ, ଲଙ୍ଗର ଇତ୍ୟାଦି ପୋତିହୋଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଇତିହାସପ୍ରେମୀ ଓ ବୟସ୍କ ବ୍ୟକ୍ତିମାନେ କହିଛନ୍ତି, ଏହି ଅଞ୍ଚଳ ପୂର୍ବରୁ ଏକ ବାଣିଜ୍ୟ ବନ୍ଦର ଥିଲା। ଏହି ଚେନ୍ କୌଣସି ବୃହତ୍ ବୈପାରିକ ଜାହାଜର ହୋଇଥାଇପାରେ। ଏଥିପାଇଁ ସ୍ଥାନୀୟ ପ୍ରଶାସନ ଏକ ଆର୍କିଓଲୋଜିକାଲ ତଦନ୍ତ କରିବା ପାଇଁ ଚିନ୍ତା କରୁଛି। ଏହି ଉଦ୍ଧାର ଚାନ୍ଦବାଲି ଏବଂ ଓଡ଼ିଶାର ବାଣିଜ୍ୟ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ପୃଷ୍ଠାକୁ ପୁନଃ ଉଜାଗର କରିଛି।

# ସଡ଼କ ଦୁର୍ଘଟଣାରେ ମା'ଝିଅ ମୃତ, ବାପା ଗୁରୁତର

ଘଟଗାଁ,୨୪।୯ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ. ଜାତୀୟ ରାଜପଥ କୋଲିମାଟି କୁମୁଡ଼ ଛକ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇଛି। ଦୁର୍ଘଟଣାରେ ଦେଢ଼ବର୍ଷର ଶିଶୁ କନ୍ୟା ସହ ମାଆଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ବାପା ଗୁରୁତର ହୋଇଛନ୍ତି। ମୃତକ ହେଲେ ଘଷିପୁରା ଥାନା ଅନ୍ତର୍ଗତ ନନ୍ଦୁଆ ନିକଟ ଚମ୍ପୁଇଁ ଗ୍ରାମ କଲୋନି ସାହିର ସୁକୁଟି ମୁଣ୍ଡା ଓ ତାଙ୍କ ଝିଅ। ଗୁରୁତର ହେଲେ ସୁକୁଟିଙ୍କ ସ୍ୱାମୀ ରେଡୁ ମୁଣ୍ଡା। ସୂଚନା ଅନୁଯାୟୀ, ରେଡୁ ସ୍ତ୍ରୀ ଓ ଝିଅଙ୍କୁ ନେଇ ବାଇକ୍ ଯୋଗେ ଘଟଗାଁ ବ୍ଲକ୍ ଉପରଡ଼ିହା ପଞ୍ଚାୟତ ଦୁଖାବହାଳି ଶ୍ୱଶୁରଘର ଆସି ଉଭୟେ ନିଜ ଘରକୁ ଫେରୁଥିଲେ। ସେ ସମୟରେ ଘସିପୁରାରୁ ଘଟଗାଁ ଆଡକୁ ଆସୁଥିବା ଏକ ବୋଲେରୋ ସହିତ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ବାଇକ୍‌ରେ ଥିବା ଦେଢ଼ ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିଲା। ତେବେ ସଙ୍କଟାପନ୍ନ ଅବସ୍ଥାରେ ବାପା ରିଡୁ ମୁଣ୍ଡା ଓ ମା' ସୁକୁଟି ମୁଣ୍ଡାଙ୍କୁ ଘଟଗାଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ସୁକୁଟିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରିଡୁଙ୍କୁ ଗୁରୁତର ଅବସ୍ଥାରେ କେନ୍ଦୁଝର ସ୍ଥାନାନ୍ତରିତ କରାଯାଇଛି। ଘସିପୁରା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅଧିକ ତଦନ୍ତ କରୁଛି।




ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ। **–ଶ୍ରୀମା**

# ଭାବନାର ବାସ୍ତବତା



ଦେବଦତ୍ତ ପଟ୍ଟନାୟକ

ନାରଦ କହିଲେ, ଯିଏ ପୃଥିବୀ ଚାରିପାଖରେ ବୁଲି ଆସିବ ତା'ପାଇଁ ମୁଁ ଗୋଟିଏ ଆମ୍ବ ରଖିଛି। କାର୍ତ୍ତିକେୟ ତତ୍କ୍ଷଣାତ ଡେଇଁପଡ଼ି ମୟୂର ଉପରେ ବସିପଡ଼ିଲେ ଏବଂ ପୃଥିବୀ ଚାରିପାଖରେ ଉଡ଼ିବୁଲିଲେ। ଗଣେଶ ତାଙ୍କ ମାତାପିତାଙ୍କ ଚାରିପାଖରେ ଚାଲିକରି ବୁଲି ଆସି ନିଜକୁ ବିଜୟୀ ଘୋଷଣା କଲେ। ଗଣେଶ ଯୁକ୍ତି କଲେ ଯେ ତାଙ୍କ ମାତାପିତା ହେଉଛନ୍ତି ତାଙ୍କ ପାଇଁ ପୃଥିବୀ। ଏଣୁ ସେ 'ତାଙ୍କ' ପୃଥିବୀ ଚାରିପାଖରେ ବୁଲିଆସିଲେ, 'ଜାଗତିକ' ପୃଥିବୀ ଚାରିପାଖରେ ନୁହେଁ। ନାରଦ କେଉଁ ପୃଥିବୀ ସମ୍ପର୍କରେ କହିଥିଲେ, ତାହା ସ୍ପଷ୍ଟ କରି ନ ଥିଲେ। ମନ ବାହାରେ ଥିବା ବାହ୍ୟ ବା ପାର୍ଥିବ ପୃଥିବୀ (ଆମେ ସମସ୍ତେ ଯେଉଁ ପୃଥିବୀରେ ରହୁଛୁ) କିମ୍ବା ଆମ ମନସିକ ସ୍ତରରେ ଥିବା ଅନ୍ତର୍ନିହିତ ପୃଥିବୀ ବିଷୟରେ ନାରଦ ଦର୍ଶାଇ ନ ଥିଲେ। ପୃଥିବୀ ତୁଳନାରେ ଆମେ ମାତାପିତାଙ୍କୁ କେତେ ବେଶି ଭଲ ପାଉଛୁ, ଏହି କାହାଣୀ ସେ ସମ୍ପର୍କରେ ନୁହେଁ। ଏହା ହେଉଛି ଏକ କାହାଣୀ ଯାହା ଆକଳନୀୟ ପାର୍ଥିବ ପୃଥିବୀ ଏବଂ ଅମାପ ମାନସିକ ପୃଥିବୀ ମଧ୍ୟରେ ଥିବା ପ୍ରଭେଦକୁ ସୂଚିତ କରୁଛି।

ହିନ୍ଦୁ ଆତ୍ମତତ୍ତ୍ୱ ସିଦ୍ଧାନ୍ତରେ କୁହାଯାଇଛି ଯେ ଭାବନାଠାରୁ ପ୍ରକୃତି ଭିନ୍ନ। ପ୍ରକୃତି ହେଉଛି ମଣିଷ ମନ ବାହାରେ ଥିବା ବସ୍ତୁବାଦୀ ବାହ୍ୟ ସତ୍ତାର ବାସ୍ତବତା। ମଣିଷର ଭାବନା ହେଉଛି ପୁରୁଷ। ଏହା ପ୍ରତ୍ୟେକ ମଣିଷ ମନରେ ଥିବା ଅନ୍ତର୍ନିହିତ ଜ୍ଞାନ ସିଦ୍ଧାନ୍ତର ବାସ୍ତବତା। ଲୋକେ ବହୁ ସମୟରେ ଭାବନା ପାଇଁ ଚେତନା ଓ ଆତ୍ମା ଭଳି ଜଟିଳ ଶବ୍ଦ ବ୍ୟବହାର କରିଥାନ୍ତି। ଭାବନା ରହିଛି, କିନ୍ତୁ ତାହାକୁ ମାପି ହେବ ନାହିଁ କି ନିୟନ୍ତ୍ରଣ କରିହେବ ନାହିଁ କିମ୍ବା ତା' ବିଷୟରେ ଆକଳନ ମଧ୍ୟ କରିହେବ ନାହିଁ। ଏହା ହେଉଛି ସେହି ଭାବନା, ଯାହା ମଣିଷକୁ ପ୍ରାଣୀ ଓ ଉଦ୍ଭିଦଠାରୁ ପୃଥକ୍ କରିଛି।

ମାନବୀୟ ଜିଜ୍ଞାସରୁ ସୃଷ୍ଟି ହୁଏ ମୂଲ୍ୟାଙ୍କନ, ପରୀକ୍ଷଣ ଏବଂ ଗାଣିତିକ ସମୀକରଣ, ଯାହା ପ୍ରକୃତିକୁ ଜୟ କରିବାକୁ ମଣିଷକୁ ଶକ୍ତି ଦେଇଥାଏ। ମଣିଷର ଡେଣା, ଲାଞ୍ଜ କିମ୍ବା ପଞ୍ଝା ନ ଥିଲେ ବି ଏହିସବୁ ବିଷୟ ତାହାକୁ ସୃଷ୍ଟିରେ ଭିନ୍ନ କରିଛି। ଫଳରେ ପୃଥିବୀରେ ପ୍ରାଧାନ୍ୟ ବଢ଼ାଇବାକୁ ଆମେ ସକ୍ଷମ ହୋଇଛୁ। ସେଥିପାଇଁ ଆମେ ବିଭିନ୍ନ ଯାନ୍ତ୍ରିକ ଉପକରଣ ଓ ପ୍ରଯୁକ୍ତି ସୃଷ୍ଟି କରୁଛୁ, ଯାହା ଗୃହସ୍ଥ ମଣିଷ ମନକୁ ନିୟନ୍ତ୍ରଣ ଓ ପ୍ରଭାବିତ କରିପାରୁଛି।



ମୂଳତଃ ମଣିଷ ହେଉଛି ସାମାଜିକ ପ୍ରାଣୀ। ତାହାର ଭୋକ, ଭୟ ଅଛି। ଆମେ ଖାଦ୍ୟ, ସୁରକ୍ଷା ଓ ସାଥୀ ଚାହୁଁ। ଆମେ ପ୍ରାଣୀମାନଙ୍କ ଭଳି ପ୍ରତିଯୋଗିତା କରୁ, ସହଯୋଗ କରୁ, ବଂଶବୃଦ୍ଧି କରିପାରୁ। ଆମେ ମିତ୍ର ଚାହୁଁ ଏବଂ ଶତ୍ରୁଠାରୁ ଦୂରେଇ ରହୁ। ଆମେ ମରଣଶୀଳ ବୋଲି ସ୍ପଷ୍ଟ ଭାବେ ସଚେତନ। ତେବେ ଆମେ ପୃଥିବୀକୁ ଯେଉଁଭଳି ଦେଖୁ ସେହି ଅନୁସାରେ ଆମ ଭାବନାରେ ପରିବର୍ତ୍ତନ ଆସିଥାଏ। ଆମର ଦୁଇ ପ୍ରକାର କ୍ଷୁଧା ବା କାମନା ଅଛି। ପ୍ରଥମଟି ଶାରୀରିକ କ୍ଷୁଧା, ଯାହା ଦ୍ୱାରା ଆମେ ବଞ୍ଚିବା ପାଇଁ ଖାଦ୍ୟ, ବସ୍ତ୍ର, ବାସସ୍ଥାନ, ସୁରକ୍ଷା ଏବଂ ଆରାମ ଆବଶ୍ୟକ କରୁ। ଖାଦ୍ୟ ପାଇଁ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଯିବାକୁ ଚାହୁଁ। ପ୍ରାଣୀଙ୍କ ମଧ୍ୟରେ ମଧ୍ୟ ଏହା ଅଛି। ଅନ୍ୟଟି ହେଉଛି ମାନସିକ କ୍ଷୁଧା; ଯେଉଁଥିରେ ଆମେ ମନୋରଞ୍ଜନ, ଆକର୍ଷଣ, ପ୍ରଭାବ, ସଫଳତା, ସ୍ୱାଧୀନତା ଚାହିଁଥାଉ, ଯାହା ପ୍ରାଣୀଙ୍କଠାରେ ନାହିଁ। ଭାବନା ଆମ କ୍ଷୁଧା ଓ ଭୟକୁ ବଢ଼ାଇଦେଇଥାଏ, ଏପରିକି ଆମେ ଅସୀମ କ୍ଷୁଧା ଓ ଭୟର ଏକ ବିଶ୍ୱ କଳ୍ପନା କରିପାରୁ ।

ଏହାସହ ଅସୀମ ଖାଦ୍ୟ ଓ ଅସୀମ ସୁରକ୍ଷାର ବିଶ୍ୱ କଥା ମଧ୍ୟ ଭାବିପାରୁ। ଗ୍ରୀକ୍ ପୁରାଣ ବର୍ଣ୍ଣିତ ସ୍ୱର୍ଗରେ ଅସୀମ ଖାଦ୍ୟ ଓ ସୁରକ୍ଷାର ପ୍ରତୀକ ହେଉଛି ଶିଙ୍ଗ ଆକୃତିର ଅକ୍ଷୟ ପାତ୍ର, ଯେଉଁଥିରୁ ସବୁବେଳେ ଖାଦ୍ୟ ବାହାରିଥାଏ। ଏହା ହେଉଛି ଐଶ୍ୱରୀୟ ତଥା ଆନନ୍ଦଦାୟକ ଖାଦ୍ୟ, ଯାହା ଗ୍ରୀକ୍ ଦେବଗଣଙ୍କୁ ସବୁ ସମୟରେ ସୁସ୍ଥ, ଶକ୍ତିଶାଳୀ ଓ ଯୁବାସ୍ଥାରେ ରଖିଥାଏ।

ପ୍ରାଣୀମାନେ ଖାଦ୍ୟ ଶିକାର ଓ ନିଜକୁ ସୁରକ୍ଷିତ ରଖିବା ପାଇଁ ସରଳ ଉପକରଣ ଗଢ଼ିଥାନ୍ତି କିମ୍ବା ଉପାୟ ଆପଣାଇଥାନ୍ତି। କିନ୍ତୁ ମଣିଷ ତାହାର ଭାବନା ବା ଜିଜ୍ଞାସା ବଳରେ ଜଟିଳ ଉପକରଣ ସବୁ ତିଆରି କରିଥାଏ। ଏହାକୁ ଆମେ ବ୍ୟବହାର କରି ଭଲ ଶିକାରୀ, କୃଷକ କିମ୍ବା ପଶୁପାଳକ ହୋଇପାରିଛୁ। ଘର, ଖାଦ୍ୟ ଭଣ୍ଡାର, ପୋଷାକ ଆଦି ତିଆରି କରିବା ପାଇଁ ଏହାକୁ ଆମେ ବ୍ୟବହାର କରୁଛୁ। ଏଣୁ ମଣିଷ ପାହାଡ଼ ଉପରେ, ସମୁଦ୍ର ଉପକୂଳରେ, ଜଙ୍ଗଲ ଓ ମରୁଭୂମିରେ, ଥଣ୍ଡା ଏବଂ ଉତ୍ତପ୍ତ ଅଞ୍ଚଳ ଭଳି ସବୁପ୍ରକାର ପରିବେଶରେ ବଞ୍ଚିବାକୁ ସକ୍ଷମ ହେଉଛି। ଆମେ ପଥର, ଧାତବ, କାଠ, ଅସ୍ଥିର ବୃହତ, କ୍ଷୁଦ୍ର ତଥା ସୂକ୍ଷ୍ମ ଜିନିଷ ତିଆରି କରିଥିଲୁ। ପାଣି, ତାପ ଓ ପବନରୁ କିଭଳି ମଧ୍ୟ ଶକ୍ତି ବାହାରିବ ସେଥିରେ ଆମେ ସଫଳ ହୋଇପାରିଲୁ। ଆମେ ନିଆଁ, ପାଣି ଓ ପବନକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବା ସହ ଗଛ କେମିତି ବଢ଼ିବ, ଗୃହପାଳିତ ପ୍ରାଣୀଙ୍କୁ କିଭଳି ପାଳନ କରାଯିବ ସେଥିରେ ଜ୍ଞାନ ହାସଲ କରି ସଫଳତା ପାଇଲୁ। ଏଥିପାଇଁ ଏକ ସଂସ୍କୃତି ସାମ୍ନାକୁ ଆସିଲା। ଭାବନା ସହିତ ଜିଜ୍ଞାସାର ପରିପ୍ରକାଶ ଘଟିଲା। ଏହା ସହ ଆମେ ଯାହା ଭାବିଲୁ ତାହାକୁ ଅନୁଭବ କରିବାକୁ ସକ୍ଷମ ହୋଇପାରିଲୁ।

ଆମେ ସଂଘବଦ୍ଧ ଶିକାରୀ ପ୍ରବୃତ୍ତିରୁ ବାହାରି କୃଷକ ଓ ପଶୁପାଳକର ଜୀବନ ଧାରାକୁ ବୁଝିଲୁ ଓ ଆପଣାଇଲୁ । ପ୍ରକୃତି ଓ ଗୃହପାଳିତ ପ୍ରାଣୀଙ୍କୁ ନିୟନ୍ତ୍ରଣ କରିପାରିଲୁ। ଚାଷଜମି ଓ ବଗିଚା ସୃଷ୍ଟି କରି ଅଧିକ ଖାଦ୍ୟ ଉତ୍ପାଦନ କରିବାକୁ ସକ୍ଷମ ହେଲୁ। ଅନ୍ୟମାନଙ୍କ କ୍ଷୁଧା ସମ୍ପର୍କରେ ଭାବିଲୁ ଏବଂ ବଜାରର ପରିକଳ୍ପନା କରିବାକୁ ସକ୍ଷମ ହେଲୁ, ଯେଉଁଠାରେ ଜିନିଷଗୁଡ଼ିକ ବିକ୍ରି ଖର୍ଦ୍ଦି ହେବା ସହ ସେବା ଓ ବିଚାରର ଆଦାନ ପ୍ରଦାନ ହୋଇପାରିଲା। ଏକ ନୂଆ ବିଶ୍ୱ ପରିକଳ୍ପନା, ଶବ୍ଦର ଆଦାନ ପ୍ରଦାନ, ଭାଷା ଆବିଷ୍କାର ଏବଂ ଲେଖା ମାଧ୍ୟମରେ ଯୋଗାଯୋଗ କ୍ଷମତା ମଣିଷକୁ ସ୍ୱତନ୍ତ୍ର କରିଛି।

ଯଦିଓ ଆମ ମାନସିକ ସ୍ତରରେ ଏକ ବିଶ୍ୱ କଥା ଭାବିବାରୁ ଆମ ଜୀବନର ମୂଲ୍ୟ ଓ ଉଦ୍ଦେଶ୍ୟକୁ ସ୍ୱୀକାର କରୁଥିବା କଥାଗୁଡ଼ିକ ଉପରେ ଗଭୀର ବିଚାରକଲୁ। ଆମେ ମୃତ୍ୟୁ ପରେ କ'ଣ ଘଟେ ସେ ସମ୍ପର୍କରେ ଚିନ୍ତାକଲୁ, ଯାହା ଆମକୁ ସମାଧି ଓ ସ୍ମାରକସବୁ ନିର୍ମାଣ କରିବାକୁ ପ୍ରେରିତ କଲା। ଏହିପରି ଭାବରେ ଆମ ଭାବନା ମଧ୍ୟ କୃଷି, ଶିଳ୍ପ ଓ ଡିଜିଟାଲ ବିପ୍ଳବ ଆଣିବାରେ ସକ୍ଷମ ହେଲା । ଆମେ ଯେଉଁ ଦୁନିଆ ନିର୍ମାଣ କରୁଛୁ ସେଥିରେ ଆମର ସ୍ଥିତିକୁ ବ୍ୟାଖ୍ୟା କରିବା ପାଇଁ ସେହି ସମାନ ଭାବନା ମଧ୍ୟ ମଣିଷକୁ ସାହିତ୍ୟ, ସଙ୍ଗୀତ, ନାଟକ ରଚନା କରିବା ସକାଶେ ସକ୍ଷମ କରାଇଛି।

–devduttofficial@gmail.com

# ସଂହତି ଚିନ୍ତା



ଇପ୍ସିତା ମହାନ୍ତି

ନିକଟରେ ଉତ୍ତରପ୍ରଦେଶ ସମ୍ଭଲର ଶାହି ଜାମା ମସ୍‌ଜିଦ ଏବଂ ରାଜସ୍ଥାନର ଅଜମେର ଶରିଫ ଭଳି ଉପାସନା ପୀଠ ସହ ଜଡିତ ବିବାଦପୂର୍ଣ୍ଣ ବିଷୟକୁ ସମ୍ବୋଧିତ କରି (ଆର୍‌ଏସ୍‌ଏସ୍)ର ମୁଖ୍ୟ ମୋହନ ଭାଗବତ କହିଥିଲେ ଯେ ଧାର୍ମିକ ସ୍ଥାନରେ ବିବାଦ ସୃଷ୍ଟି ହେବା ଭାରତର ଏକତା ପ୍ରତି ବିପଦ। ସେ ମଧ୍ୟ କହିଥିଲେ ଯେ ବିଭିନ୍ନ ଧର୍ମାବଲମ୍ବୀ ଏବଂ ବିଚାରଧାରା କିପରି ଏକାଠି ଅବସ୍ଥାନ କରିପାରିବେ ଭାରତକୁ ତାହାର ଏକ ଉଦାହରଣ ସୃଷ୍ଟି କରିବାକୁ ପଡ଼ିବ। ଦେଖିବାକୁ ଗଲେ ଏକଦା ଶିକ୍ଷା ଗ୍ରହଣ ପାଇଁ ପୃଥିବୀର କୋଣଅନୁକୋଣରୁ ଭାରତକୁ ଶିକ୍ଷାର୍ଥୀଙ୍କ ସୁଅ ଛୁଟୁଥିଲା। ଭାରତୀୟଙ୍କ ମଧ୍ୟରେ ଏକତା ନଷ୍ଟ ହେତୁ ସମୟକ୍ରମେ ମୋଗଲ, ଫରାସୀ, ଡଚ୍, ଇଂରେଜ ଆଦି ଜାତି ଆମକୁ କେବଳ ବହୁବର୍ଷ ଧରି ଶାସନ କଲେ ନାହିଁ ବରଂ ଆମ ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିଚାଲିଲେ।

ବହୁ ସମୟରେ ସମ୍ପ୍ରଦାୟର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଭଳି ନୂତନ ବିବାଦ ସୃଷ୍ଟି କରାଯାଉଛି। ଏହା ଏକ ଚିନ୍ତାଜନକ ବିଷୟ। ଏହି ପ୍ରସଙ୍ଗଗୁଡ଼ିକ ଦ୍ରୁତ ଗତିରେ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ କରି ବିଶ୍ୱ ସ୍ତରରେ ଭାରତର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଉଛି। ବ୍ୟକ୍ତିଗତ କିମ୍ବା ରାଜନୈତିକ ଲାଭ ପାଇଁ ବ୍ୟକ୍ତିବିଶେଷ ଏବଂ ଗୋଷ୍ଠୀସମୂହ ଧାର୍ମିକ ମତଭେଦରୁ ଲାଭ ଉଠେଇବାକୁ ଆଗ୍ରହ ରଖୁଛନ୍ତି , ଯେଉଁଥିରୁ ଦୂରେଇ ରହିବା ଉଚିତ। କାରଣ ଏଭଳି କାର୍ଯ୍ୟ ରାଷ୍ଟ୍ରୀୟ ସଂହତିକୁ ଦୁର୍ବଳ କରିଦିଏ। ସାମାଜିକ ଉତ୍ତେଜନା ଓ ବିଭାଜନତା ହ୍ରାସ ପାଇଁ ପ୍ରାଚୀନ ଭାରତୀୟ ସଂସ୍କୃତି, ପରମ୍ପରା, ଆସ୍ଥା ଓ ବିଶ୍ୱାସ ପ୍ରତି ସମ୍ମାନ ପ୍ରଦର୍ଶନ ସହିତ ଅନ୍ତର୍ଭୁକ୍ତତା ଜରୁରୀ।

ଭାରତର ପାରମ୍ପରିକ ଅତୀତ ଉଗ୍ରବାଦ, ଆକ୍ରମକତା, ବହୁସଂଖ୍ୟକବାଦ ଏବଂ ଅନ୍ୟମାନଙ୍କ ପ୍ରତି ଅପମାନଜନକ ଦୃଷ୍ଟିକୋଣର ଅଭିବ୍ୟକ୍ତିକୁ ନିଜ ଅଧୀନ କରିଛି। ଆମକୁ ଭାରତର ସହନଶୀଳ ଅତୀତରୁ ନିଷ୍କର୍ଷ ବାହାର କରିବାକୁ ହେବ। ଉଭୟ ସଂଖ୍ୟାଗରିଷ୍ଠ ଏବଂ ସଂଖ୍ୟାଲଘୁଙ୍କ ଏକତାର ଆଧାର ଉପରେ ଭାରତର ପରିଚୟ ଦଣ୍ଡାୟମାନ। ସଭିଏ ଭାରତର ଏକତାର ଶକ୍ତିକୁ ଅନୁଭବ କଲେ ସଂଖ୍ୟାଗରିଷ୍ଠ କିମ୍ବା ସଂଖ୍ୟାଲଘୁ ରୂପକ ଦ୍ୱିମତ ଆପେ ଆପେ ବିଲୁପ୍ତ ହୋଇଯିବ ଏବଂ 'ସମସ୍ତେ ଏକ' ଧାରଣାଟି ସଶକ୍ତ ହେବ। ବିନା ଭୟ ଏବଂ ପକ୍ଷପାତିତାରେ ନିଜ ପସନ୍ଦର ଆସ୍ଥା ଓ ବିଶ୍ୱାସ ପାଳନ କରିବାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାଧୀନତା ରହିବା ଆବଶ୍ୟକ। ବୃଦ୍ଧି ପାଉଥିବା ବିଭାଜନକାରୀ ଆହ୍ୱାନକୁ ଦମନ କରିବା, ହିନ୍ଦୁ-ମୁସଲମାନ ଏକତା ଏବଂ ସାମାଜିକ ସଦ୍‌ଭାବକୁ ପ୍ରୋତ୍ସାହିତ କରିବା ପାଇଁ ସାମୂହିକ ପ୍ରୟାସ ଜରୁରୀ। ଏହି ଆଭିମୁଖ୍ୟ ବିବାଦୀୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଆଲୋଚନା ତଥା ପାରସ୍ପରିକ ସମ୍ମାନର ଗୁରୁତ୍ୱକୁ ରେଖାଙ୍କିତ କରିଥାଏ। ଉଭୟ ସମ୍ପ୍ରଦାୟକୁ ମତଭେଦ ବଦଳରେ ସମାନତାକୁ ପ୍ରାଥମିକତା ଦେବାକୁ ହେବ। ଭାରତର ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ନୀତିକୁ ବଜାୟ ରଖିବା ପାଇଁ ଏକାଠି କାମ କରିବାକୁ ପଡ଼ିବ। ଆଜି ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ବିଭାଜନକାରୀ କଥାକୁ ବହୁଳ ମାତ୍ରାରେ ପ୍ରୋତ୍ସାହିତ କରିଚାଲିଛି। ବିଭିନ୍ନତା ପାଇଁ ବୈଶ୍ୱିକ ସ୍ତରରେ ଭାରତର ସ୍ୱତନ୍ତ୍ର ପରିଚୟ ରହିଛି। ଯାହା ସମ୍ମିଳିତ ପ୍ରୟାସରେ ଚିରସ୍ଥାୟୀ ହୋଇପାରିବ। ଏଥିପାଇଁ ଆବଶ୍ୟକ ସଂଯମତା ଏବଂ ସତର୍କତା। ଉତ୍ତେଜନାପୂର୍ଣ୍ଣ ଭାଷଣକୁ ପ୍ରତ୍ୟାଖ୍ୟାନ କରିବା ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପ୍ରତି ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିବାକୁ ପଡ଼ିବ। ଆଭ୍ୟନ୍ତରରେ ଏକାଧିକ ବିବିଧତା ସତ୍ତ୍ୱେ ଏକତାକୁ ପ୍ରୋତ୍ସାହିତ କରିବାରେ ଭାରତ ବିଶ୍ୱଗୁରୁ ଭାବରେ ଉଭା ହୋଇପାରିବ। ସହିଷ୍ଣୁତା ଏବଂ ବିବିଧତାର ମୂଲ୍ୟବୋଧକୁ ବଜାୟ ରଖି ଧାର୍ମିକ ଏବଂ ଆଦର୍ଶଗତ ପାର୍ଥକ୍ୟ ସତ୍ତ୍ୱେ ବିନା ସଂଘର୍ଷରେ କିପରି ସହାବସ୍ଥାନ ସମ୍ଭବ ଭାରତ ତାହା ପ୍ରଦର୍ଶିତ କରିପାରିବ। ତେବେ ଅନେକ ସମୟରେ ଧାର୍ମିକ ନେତୃତ୍ୱ ଏବଂ ବିଭିନ୍ନ ସମ୍ପ୍ରଦାୟର ପ୍ରଭାବଶାଳୀ ବ୍ୟକ୍ତିବିଶେଷ ମଧ୍ୟ ବିଭେଦ ଦୂର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦେଖାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକ ଶିଶୁ ଏବଂ ଯୁବକଙ୍କ ମନରେ ସହନଶୀଳତା ଏବଂ ସହାନୁଭୂତିର ମୂଲ୍ୟବୋଧ ଉଦ୍ରେକ କରି ଏ କ୍ଷେତ୍ରରେ ଯୋଗଦାନ ଦେଇପାରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏକ ସଶକ୍ତ, କର୍ମଠ, ଐକ୍ୟସମ୍ପନ୍ନ ତଥା ଶାନ୍ତିପୂର୍ଣ୍ଣ ଭାରତ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି, ସମ୍ପ୍ରଦାୟ ଏବଂ ଅନୁଷ୍ଠାନର ପ୍ରୟାସ ଆବଶ୍ୟକ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ବ୍ୟକ୍ତିଗତ ଆନ୍ତରିକ ପ୍ରଚେଷ୍ଟାର ସଫଳତା ସୁଦୁରପ୍ରସାରୀ ବୋଲି ପ୍ରମାଣ କରିଛନ୍ତି ରାଜସ୍ଥାନ ବିଳାସପୁରର ଚା'ଦୋକାନୀ କନରାମ ମେୱାରା। କନରାମଙ୍କୁ ଏବେ ବୟସ ୨୫। ସେ ଜାୱାଇ କଲରାପତରିଆ ବାଘ ସଂରକ୍ଷିତ ଜଙ୍ଗଲ ନିକଟରେ ଏକ ଚା'ଦୋକାନ କରିଛନ୍ତି ଓ ଆଖପାଖ ଅଞ୍ଚଳରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ପରେ ତାହାକୁ ରସାଇକେଲିଂ କରି ଚେୟାର, ବେଞ୍ଚ୍ ଆଦି ତିଆରି କରୁଛନ୍ତି। ସରକାରୀ ଅର୍ଡର ମୁତାବକ ସେଗୁଡ଼ିକୁ ସାର୍ବଜନୀନ ସ୍ଥଳକୁ ଯୋଗାଉଛନ୍ତି। କନରାମ ଭାରତରେ ବଢୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ସମ୍ପର୍କରେ ଖବରକାଗଜରୁ ପଢ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଏହାକୁ ହ୍ରାସ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସେ ତାଙ୍କ ଗାଁରୁ ଏହା ଆରମ୍ଭ କରିଥିଲେ। ଦୋକାନ ସାମ୍ନାରେ ଏକ ନୋଟିସ୍ ଲଟକାଇଛନ୍ତି, ଯେଉଁଥିରେ ଲେଖାଅଛି–ଯେଉଁମାନେ ପ୍ଲାଷ୍ଟିକ୍ ବର୍ଜ୍ୟ ଆଣିବେ ସେମାନଙ୍କୁ ଉପହାର ଦିଆଯିବ। ଉପହାର ସ୍ୱରୂପ ପ୍ଲାଷ୍ଟିକ୍ ବର୍ଜ୍ୟ ଆଣୁଥିବା ଲୋକଙ୍କୁ ସେ ସ୍ନାକ୍ସ ଦେଉଛନ୍ତି। ପ୍ରଥମେ ଏହି ଉପାୟରେ ସେ ଦିନକୁ ୫୦କେ.ଜି. ବର୍ଜ୍ୟ ସଂଗ୍ରହ କରିପାରୁଥିଲେ। ଏବେ ମୁମ୍ବାଇର ଏକ ଏନ୍‌ଜିଓ ତାଙ୍କୁ ସହଯୋଗ କରିବାରୁ ସେ ଅଧିକରୁ ଅଧିକ ବର୍ଜ୍ୟ ସଂଗ୍ରହ କରିପାରୁଛନ୍ତି। ସ୍କୁଲ, କଲେଜ ଓ ଗାଁଗୁଡ଼ିକରେ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଏବେ ସେ ୧୫ଟି ଗାଁରୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ସେ ସେସବୁକୁ ନିକଟବର୍ତ୍ତୀ ସହରକୁ ରିସାଇକେଲିଂ ପାଇଁ ପଠାଇବାରେ ଲାଗିଲେ। ଡିଜେଇଡି ଫାଉଣ୍ଡେଶନ ପକ୍ଷରୁ ତାଙ୍କୁ ୧୦ ଲକ୍ଷ ଟଙ୍କାର ରିସାଇକେଲିଂ ମେଶିନ ଦିଆଯିବା ପରେ ସେ ଏବେ ତାହା ମାଧ୍ୟମରେ ୧୦ ଟନ୍‌ରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ୍ ବର୍ଜ୍ୟ ରିସାଇକେଲିଂ କରିସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ସେପ୍ଟେମ୍ବର ୧୯୭୬**

- ବ୍ରିଟିଶ ସରକାରଙ୍କ ଦରିଆପାରି ଉନ୍ନୟନ ଶାସନ ଅଧୀନସ୍ଥ ବୈଦେଶିକ ଓ କମନୱେଲ୍‌ଥ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆଇନ ବିଭାଗ ଅଫିସରଙ୍କ ପାଇଁ ଉଦ୍ଦିଷ୍ଟ ପାଠ୍ୟକ୍ରମରେ ଯୋଗଦେବା ପରିପ୍ରେକ୍ଷୀରେ ଭାରତର ୩ ଜଣ ଆଇନଜ୍ଞଙ୍କୁ କଲମ୍ବୋ ଯୋଜନା ପୁରସ୍କାର ପ୍ରଦାନ।
- ବିହାରର ବନ୍ୟାପ୍ଳାବିତ ଅଞ୍ଚଳରେ ବିମାନ ବାହିନୀର ବିମାନ ଯୋଗେ ଔଷଧ ବିତରଣ କାର୍ଯ୍ୟ ଆରମ୍ଭ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | 4 | | | |
| 8 | | | | | | | 5 | |
| | | | | 6 | | | | |
| 9 | | | 7 | | 2 | | 1 | |
| | 8 | | | | | 2 | 9 | 3 |
| 4 | | | | | | | 7 | |
| 3 | | | | 1 | | 5 | 4 | |
| 7 | | 5 | | | | | 3 | |
| | | 2 | 5 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 3 | 6 | 5 | 4 | 7 | 2 | 8 |
| 4 | 2 | 8 | 1 | 7 | 3 | 6 | 5 | 9 |
| 6 | 7 | 5 | 8 | 9 | 2 | 3 | 1 | 4 |
| 2 | 5 | 1 | 7 | 3 | 8 | 4 | 9 | 6 |
| 3 | 9 | 7 | 4 | 1 | 6 | 5 | 8 | 2 |
| 8 | 6 | 4 | 9 | 2 | 5 | 1 | 3 | 7 |
| 5 | 8 | 2 | 3 | 4 | 7 | 9 | 6 | 1 |
| 1 | 4 | 6 | 5 | 8 | 9 | 2 | 7 | 3 |
| 7 | 3 | 9 | 2 | 6 | 1 | 8 | 4 | 5 |

ଗତକାଲିର ଉତ୍ତର

# ଚାକିରିମୁହାଁ ଯୁବଶକ୍ତି



ପ୍ରମୋଦ କୁମାର ପଣ୍ଡା

ଭୌଗୋଳିକ କ୍ଷେତ୍ରଫଳରେ ଓଡ଼ିଶା ଭାରତର ଅଷ୍ଟମ ବୃହତ୍ତମ ରାଜ୍ୟ। ସମଗ୍ର ଦେଶର ହାରାହାରି ବୃଷ୍ଟିପାତ ୧୨୦୦ ମିଲିମିଟର ଥିବାବେଳେ ଓଡ଼ିଶାର ଏହା ୧୫୦୦ ମିଲିମିଟର। ଆମ ପାଖରେ ସବୁ ପ୍ରକାର ମୃତ୍ତିକା ଏବଂ ୪୮୫ କିଲୋମିଟର ଦୀର୍ଘ ସମୁଦ୍ରକୂଳ ଅଛି। ବିଭିନ୍ନ ପ୍ରକାର କୃଷିଜାତ, ପ୍ରାଣୀ ଓ ମତ୍ସ୍ୟ ସମ୍ବନ୍ଧିତ ଉତ୍ପାଦନ ଓ ରପ୍ତାନି ପାଇଁ ପ୍ରକୃତି ପର୍ଯ୍ୟାପ୍ତ ସୁଯୋଗ ଦେଇଛି। ଦେଶର ଶତକଡା ୨୩ ଭାଗ ଲୁହାପଥର, ଶତକଡା ୨୪ ଭାଗ କୋଇଲା, ଶତକଡା ୭୬ ଭାଗ ଆଲୁମିନିୟମ ଏବଂ ଶତକଡା ୯୮ ଭାଗ କ୍ରୋମାଇଟ୍ ମହଜୁଦ ଅଛି। ତା' ଛଡା ପାଞ୍ଚ କୋଟି ଖାଉଟି ମଧ୍ୟ ଅଛନ୍ତି। ଏତେ ସବୁ ସୁବିଧା ସୁଯୋଗ ଥାଇ ଓଡ଼ିଶା ମୁଣ୍ଡପିଛା ଆୟରେ ଦେଶର ୨୨ ତମ ରାଜ୍ୟ ଭାବେ ଉଭାହେବା ଗ୍ରହଣୀୟ ନୁହେଁ। ଓଡ଼ିଶା ସେଦିନ ସମୃଦ୍ଧ ହେବ, ଯେଉଁଦିନ ଏହାର ସମୁଦାୟ ରପ୍ତାନି ମୋଟ ଆମଦାନୀକୁ ଟପିବ। କିନ୍ତୁ ଦୁଃଖ ଲାଗେ ଆଜିର ଅବସ୍ଥା ଦେଖି। ରାଜ୍ୟର ଯୁବଗୋଷ୍ଠୀ ସାତ ଦରିଆ ପାର ତ ଦୂରର କଥା ପଡୋଶୀ ରାଜ୍ୟରେ ବି ବେପାର କରିବାକୁ ସାହସ ଯୁଟାଇ ପାରୁନାହିଁ। ଜନତା ଓ ସରକାରଙ୍କୁ କେବଳ ଚାକିରିରେ ଓଡ଼ିଶାର ଭବିଷ୍ୟତ ଦେଖାଯାଉଛି। ତା'ର ସଦ୍ୟତମ ଉଦାହରଣ ହେଉଛି ସରକାରୀ ଚାକିରିରେ ନ୍ୟୂନତମ ପ୍ରବେଶ ବର୍ଷ ସାଧାରଣ ବର୍ଗ ପାଇଁ ୪୨ବର୍ଷକୁ ବୃଦ୍ଧି କରାଯିବା। ତଫସିଲଭୁକ୍ତ ଜାତି, ଉପଜାତି, ମହିଳା, ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ୪୭ ବର୍ଷ, ଦିବ୍ୟାଙ୍ଗଙ୍କ ପାଇଁ ୫୨ ବର୍ଷ ହୋଇଛି। ତଫସିଲଭୁକ୍ତ ଜାତି, ଉପଜାତି ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଦିବ୍ୟାଙ୍ଗଙ୍କ ପାଇଁ ଏହା ୫୭ ବର୍ଷକୁ ବୃଦ୍ଧି ପାଇଛି। ସମାଜରେ ସରକାରୀ ପିଅନର ଗୁରୁତ୍ୱ ରହିଛି ମାତ୍ର ଜଣେ ଉଦ୍ୟୋଗୀ କିମ୍ବା ବ୍ୟବସାୟୀର ଗୁରୁତ୍ୱ ନାହିଁ। ସେଥିପାଇଁ ଆମ ରାଜ୍ୟର ସ୍ଥିତି ଅତି ଦୁର୍ବଳ।

ଦେଶର ବିକଶିତ ରାଜ୍ୟ ଯଥା ପଞ୍ଜାବ, ହରିୟାଣା, ଗୁଜରାଟ, ଆନ୍ଧ୍ର, ତାମିଲନାଡୁ ଆଦି ଉଦ୍ୟୋଗ, ବ୍ୟାପାର ଓ କୃଷିରେ ଉତ୍କର୍ଷ ଲାଭ କରିଛନ୍ତି। ସେ ସବୁ ରାଜ୍ୟରେ ଉଦ୍ୟୋଗ, ବ୍ୟାପାର ଓ କୃଷକଙ୍କୁ ସମାଜରେ ଉଚ୍ଚ ସମ୍ମାନ ମିଳେ ଏବଂ ବାହାଘର ପାଇଁ ଉପଯୁକ୍ତ କନ୍ୟାପାତ୍ର ମିଳେ। ମାତ୍ର ଓଡ଼ିଶାରେ ଉପଯୁକ୍ତ କନ୍ୟା ପାତ୍ରର ପ୍ରଥମ ପସନ୍ଦ ସରକାରୀ ଚାକିରି। ପ୍ରକୃତ ପକ୍ଷେ ସରକାରୀ ଚାକିରିଆ ପାଖରେ ପରିବାର ଆର୍ଥିକ ସମୃଦ୍ଧି ପାଇଁ ପର୍ଯ୍ୟାପ୍ତ ଧନ ନ ଥାଏ। କାରଣ ସରକାରୀ ଦରମା ସ୍ୱଳ୍ପ ଓ ସେଥିରେ ଆୟକର ଦେବାକୁ ପଡ଼ିଥାଏ। ମାତ୍ର ବ୍ୟାପାରରେ ସସୀମିତ ଆୟ ଥାଏ।

ପ୍ରାଚୀନ ଓ ମଧ୍ୟଯୁଗରେ କଳିଙ୍ଗ ଏବଂ ଉତ୍କଳ ଭାରତର ଅନ୍ୟାନ୍ୟ ପ୍ରାନ୍ତଠୁ ପ୍ରଗତିରେ ଆଗୁଆ ଥିଲା। ଆମେ ମୁଖ୍ୟତଃ ଦେଶ ଭିତରେ ଓ ବାହାରେ ବେପାର କରି ପ୍ରଚୁର ରପ୍ତାନି କରୁଥିଲୁ। ସାଧୀନତା ପରବର୍ତ୍ତୀ ସମୟରେ ଆମକୁ ସରକାରୀ ଚାକିରିରେ ଭବିଷ୍ୟତ ଦେଖାଗଲା। ଫଳରେ ଏବେକାର ପିଢି ସରକାରୀ ଚାକିରି ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। କୌଣସି ଦେଶ ବା ରାଜ୍ୟର ଯୁବ ପିଢି ଯଦି କେବଳ ସରକାରୀ ଚାକିରି ସନ୍ଧାନରେ ରହିବେ, ତା' ହେଲେ ପ୍ରଗତି ଅସମ୍ଭବ। କାରଣ ସରକାରୀ ଚାକିରି ସବୁବେଳେ ସୀମିତ। ସମସ୍ତଙ୍କୁ ମିଳିବା ସମ୍ଭବ ନୁହେଁ। ସମସ୍ତେ ଚେଷ୍ଟା କରନ୍ତୁ, ଯାହାକୁ ମିଳିଲା ମିଳିଲା, ଯାହାକୁ ନ ମିଳିଲା ସେ ସମୟ ନଷ୍ଟ ନ କରି ଅନ୍ୟ ଉପାୟରେ ଟଙ୍କା ରୋଜଗାର କରିବା କଥା। କିନ୍ତୁ ଦୁଃଖର କଥା ସରକାର ସରକାରୀ ଚାକିରିର ସମୟ ସୀମା ୪୨ରୁ ୫୭ ବର୍ଷ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି, ଅର୍ଥାତ୍ କୌଣସି ଯୁବତୀଯୁବକ ୪୨ରୁ ୫୭ ବର୍ଷ ପର୍ଯ୍ୟନ୍ତ ସରକାରୀ ଚାକିରି ପାଇଁ ଚେଷ୍ଟା କରି ଚାଲିବ। ପାଇଲେ ଭଲ



ନ ପାଇଲେ ସେ ଆଉ କିଛି କରିପାରିବ ନାହିଁ। କାରଣ ସେତେବେଳକୁ ୫୦ ବର୍ଷ ପାଖାପାଖି ହୋଇଯାଇଥିବ। ଚାକିରିଟେ ପାଇଲେ ବି ବର୍ଷ କମ୍ ଥିବାରୁ ପେନ୍‌ସନ ଗ୍ରାଚ୍ୟୁଇଟିରୁ ବଞ୍ଚିତ ହେବ। ଅଳ୍ପ ବର୍ଷ ଚାକିରି ଥିବାରୁ ପରିବାରର ଆର୍ଥିକ ସ୍ୱଚ୍ଛଳତା ବଢାଇବା ପାଇଁ ଭ୍ରଷ୍ଟାଚାରର ସାହାରା ନେବେ। ଯାହାଦ୍ୱାରା ରାଜ୍ୟର ଉତ୍ପାଦକତା ହ୍ରାସ ପାଇବ। ମାତ୍ର କମ୍ ବୟସର ଯୁବକ ଯୁବତୀ ଚାକିରି ପାଇଲେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ଘଟିବ। ଯେଉଁମାନେ ଚାକିରି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବାରେ ବିଫଳ ହେବେ, ସେମାନେ ମାନସିକ ସ୍ତରରେ ପ୍ରସ୍ତୁତ ହେବେ ଯେ ଚାକିରି କରିବା ବୟସ ଆମର ଚାଲିଗଲା। ଆମକୁ ଅନ୍ୟାନ୍ୟ ଧନ୍ଦା ଦ୍ୱାରା ରୋଜଗାର କରିବାକୁ ପଡିବ। ତେଣୁ କିଏ ଉଦ୍ୟୋଗ କରିବ ତ କିଏ ବେପାର ତ ଆଉ କିଏ କୃଷି କାର୍ଯ୍ୟ କରିବ। ଯେହେତୁ ସେମାନେ କମ ବୟସରୁ ସେ ସବୁ କାର୍ଯ୍ୟ କରିବେ, ତେଣୁ ସେଥିରେ ପାରଦର୍ଶିତା ଲାଭ କରିବେ ଓ ଆଗକୁ ବଢିବେ। ରାଜ୍ୟର ଉତ୍ପାଦକତା ବଢିବ ଓ ରାଜ୍ୟର ପ୍ରଗତି ହେବ।

ରାଜ୍ୟର ଶାସନ କାର୍ଯ୍ୟ ପାଇଁ କର୍ମଚାରୀ ଆବଶ୍ୟକ। ମାତ୍ର ଆବଶ୍ୟକତାଠୁ ଅଧିକ କର୍ମଚାରୀ ନିୟୋଜିତ କଲେ ବିତ୍ତୀୟ ନିଅଣ୍ଟ ହୁଏ ଏବଂ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ତେଣୁ ସରକାର ବେରୋଜଗାର ଯୁବତୀଯୁବକଙ୍କ ପାଇଁ ସରକାରୀ ଚାକିରି ବିକଳ୍ପ ସ୍ୱରୂପ ଉଦ୍ୟୋଗ ଓ ବ୍ୟବସାୟ ମାଧ୍ୟମରେ ରୋଜଗାର ସୃଷ୍ଟି ପାଇଁ ଉଦ୍ୟମ କରିବା ଆବଶ୍ୟକ। ସରକାରୀ କାର୍ଯ୍ୟକୁ ସ୍ୱଳ୍ପ ସମୟରେ ସୁଚାରରୂପେ ସମ୍ପାଦନ ପାଇଁ ଦକ୍ଷ ଯୁବତୀଯୁବକଙ୍କର ଆବଶ୍ୟକତା ରହିଛି, ଯାହାକୁ ୪୮ ବର୍ଷ ବୟସ୍କ କରିପାରିବେ ନାହିଁ। ସେଥିପାଇଁ ୩୦/୩୨ ବର୍ଷ ଭିତର ଯୁବତୀଯୁବକ ଆବଶ୍ୟକ। ଅନେକ ବର୍ଷ ଧରି ଚାକିରି ବାହାରୁ ନ ଥିବାରୁ କିଛି ଛାତ୍ରୀଛାତ୍ର ଚାକିରି ପରୀକ୍ଷା ଦେବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆମକୁ ସରକାରୀ ଚାକିରିରେ ପ୍ରବେଶ ବୟସ ବଢାଇବାକୁ ପଡୁଛି। ଭବିଷ୍ୟତରେ ଆଉ କେଉଁ ସରକାର ଆସିବ, ହୁଏତ ଏହାକୁ ଆହୁରି ବଢାଇଦେବେ। ପଚାଶ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ନେଇ କ'ଣ ଆମେ ବିଭାଗର କାର୍ଯ୍ୟଦକ୍ଷତା ବଢାଇପାରିବା ? ପ୍ରତିବର୍ଷ କର୍ମଚାରୀ ଅବସର ନେଉଛନ୍ତି। ପ୍ରତିବର୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାକୁ ପଡିବ। ଯାହାଦ୍ୱାରା ପ୍ରତିବର୍ଷ ପାସ୍ କରୁଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ବିକାଶରେ ବିନିଯୋଗ କରାଯାଇପାରିବ। ରାଜ୍ୟର ଯୁବତୀଯୁବକଙ୍କୁ ସରକାରୀ ଚାକିରି ମନସ୍କ କରାଇବା କିମ୍ବା ସେମାନଙ୍କୁ ରୋଜଗାରକ୍ଷମ ନ କରାଇ ୪୮ କିମ୍ବା ୫୦ ବର୍ଷ ପର୍ଯ୍ୟନ୍ତ ଚାକିରି ପରୀକ୍ଷା ପାଇଁ ପ୍ରସ୍ତୁତ କରାଇବା ଆଦୌ ବିଜ୍ଞତା ଓ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। ଯୁବା ଗୋଷ୍ଠୀ ପାଖରେ ବିକାଶର ପର୍ଯ୍ୟାପ୍ତ ଶକ୍ତି ଅଛି। କୌଣସିମତେ ଯଦି ଆମେ ତାକୁ ଓଡ଼ିଶାରେ ପ୍ରସ୍ଫୁଟିତ କରାଇପାରିବା, ପର ପିଢି ପାଇଁ ବିକାଶର ରାସ୍ତା ସବୁଦିନ ପାଇଁ ଖୋଲିଯିବ, ଯାହାକି ଦେଶର ବିକଶିତ ରାଜ୍ୟମାନଙ୍କରେ ଦେଖିବାକୁ ମିଳେ। ତେଣୁ ଆମକୁ ବ୍ୟାପକ ସାମାଜିକ ପରିବର୍ତ୍ତନ ଉପରେ ଜୋର ଦେବାକୁ ପଡିବ। ୨୮ରୁ ୩୫ ବର୍ଷରେ ଚାକିରି ରାସ୍ତା ବନ୍ଦ ହେଲେ, ଯୁବାଗୋଷ୍ଠୀ ଅନ୍ୟାନ୍ୟ କ୍ଷେତ୍ର ପ୍ରତି ଆକୃଷ୍ଟ ହେବେ ଓ ସେଥିରେ ନିଜର ପାରଦର୍ଶିତା ଦେଖାଇବେ ଏବଂ ଓଡ଼ିଶାକୁ ସମୃଦ୍ଧ କରି ଗଢିତୋଳିବେ।

**ପ୍ରଧାନ ବୈଜ୍ଞାନିକ**
**ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**
**(ଭାରତ ସରକାର), ଭୁବନେଶ୍ୱର**
**ମୋ: ୮୯୧୭୪୨୬୪୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଓକିଲଙ୍କୁ ଲୋକସେବା ଆୟୋଗ ଦ୍ୱାରା ନିଯୁକ୍ତ କରାଯାଉ

ମହାଶୟ,

ଭାରତର ଉଚ୍ଚତମ, ରାଜ୍ୟଗୁଡ଼ିକର ଉଚ୍ଚ ଏବଂ ଜିଲା ତଥା ନିମ୍ନ ଅଦାଲତଗୁଡ଼ିକରେ ଶାସକ ଦଳ ସମର୍ଥିତ ଆଇନଜୀବୀମାନେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇ ଅଦାଲତରେ ସରକାରଙ୍କ ପକ୍ଷ ରଖିଥାନ୍ତି। ଯଦି ଶାସକ ଦଳ କାର୍ଯ୍ୟକାଳ ସରିଯାଏ ବା କୌଣସି କାରଣରୁ ସରକାର ଭାଙ୍ଗିଯାଏ, ତେବେ ସେମାନେ ମଧ୍ୟ ଇସ୍ତଫା ଦେଇଥାନ୍ତି। ପୁଣି ନୂଆ ସରକାର ସେମାନଙ୍କ ଦଳର ସମର୍ଥିତ ଆଇନଜୀବୀଙ୍କୁ ଏହି ପଦବୀରେ ନିଯୁକ୍ତ ପ୍ରଦାନ କରିଥାନ୍ତି। ପ୍ରାୟତଃ ଦେଖିଯାଉଛି, ଇସ୍ତଫା ଦେଇଥିବା ପୂର୍ବ ସରକାର ଅମଳର ଆଇନଜୀବୀମାନେ ଯେଉଁ ସରକାରୀ ମକଦ୍ଦମାରେ ସରକାରୀ ପକ୍ଷ ରଖିଥିଲେ, ସେହି ମକଦ୍ଦମାରେ ବିରୋଧୀ ପକ୍ଷ ବା ଅପରପକ୍ଷଙ୍କ ଆଇନଜୀବୀ ଭାବେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିଯୁକ୍ତ ହୋଇ ଏହି ବିରୋଧୀଙ୍କ ପକ୍ଷ ରଖୁଛନ୍ତି। ଏହା କି ପ୍ରକାର ସମ୍ବିଧାନ ? ଏହା ଏକ ପ୍ରକାର ଦଳବଦଳ ହେଲା ନାହିଁ କି ? ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ଉକ୍ତ ପଦବୀଗୁଡିକ ପାଇଁ କେନ୍ଦ୍ର/ ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ପ୍ରତିଭାବାନ୍ ପ୍ରାର୍ଥୀଙ୍କୁ ଲିଖିତ, ମୌଖିକ ପରୀକ୍ଷା ଦ୍ୱାରା ଚୟନ କରାଯାଇ ନିଯୁକ୍ତି ପ୍ରଦାନ କରାଯାଉ। ଏହାଦ୍ୱାରା ନ୍ୟାୟ ମିଳିବାରେ ସ୍ୱଚ୍ଛତା ଆସିପାରିବ ।

**– ଅନନ୍ତରାମ ସିଂ, କେନାଲ ରୋଡ୍, ଚରମ୍ପା, ଭଦ୍ରକ**

## ଚିରନ୍ତନୀ

ମୁହୂର୍ତ୍ତର ବିରହ କଳ୍ପନା
ଜଗାଏ ସେ ହାହୁତାସ ବିରାଟ ବେଦନା ।
ବିରହେ ଉଜ୍ଜ୍ୱଳ ହୁଏ ମିଳନ ସମ୍ଭୋଗ
ଏ ନୀତି ମାନିବ କେହୁ
ଲୋଡ଼ଇ ଯେ ଚିରନ୍ତନ ଯୋଗ !
–(ଯୁଗଳ ପ୍ରୟାଣେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗାଡ଼ିରେ ଲାଗିଛି ନିମ୍ନମାନର ଭିଏଲ୍‌ଟିଡି

■ ଜରୁରିକାଳୀନ ସମୟରେ ଅଚଳ
■ ତଦନ୍ତ ନିର୍ଦ୍ଦେଶ ଦେଲେ ବିଭାଗୀୟ ସଚିବ

ଯାଜପୁର,୨୪।୯(ହର୍ଷବର୍ଦ୍ଧନ ବେହେରା)

କେନ୍ଦ୍ରୀୟ ମୋଟରଯାନ ନିୟମ ୧୯୮୯, ସିଏମ୍‌ଭିଆର ୧୨୫ ଏଚ୍, ୧୨୯ ଓ ୯୦ ଅନୁଯାୟୀ ସଡ଼କ ପରିବହନ ମନ୍ତ୍ରଣାଳୟଙ୍କ ନିର୍ଦ୍ଦେଶରେ ସମସ୍ତ ଯାତ୍ରୀବାହୀ, ଜାତୀୟ ପରମିଟ ଯାନ ଓ ବିପଜ୍ଜନକ ସାମଗ୍ରୀ ପରିବହନ କରୁଥିବା ଗାଡିଗୁଡ଼ିକରେ ଭେହିକଲ ଲୋକେଶନ ଟ୍ରାକିଂ ଡିଭାଇସ(ଭିଏଲ୍‌ଟିଡି) ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ଏଆଇଏସ୍-୧୪୦ ମାନକ ଅନୁଯାୟୀ ଏଥିରେ ପ୍ୟାନିକ ବଟନ ଲଗାଇବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ହେଲେ ଓଡ଼ିଶାର ଯାଜପୁର ଜିଲା ଚଣ୍ଡିଖୋଲ ସମେତ ଭୁବନେଶ୍ୱର, କେନ୍ଦ୍ରାପଡ଼ା, ଅନୁଗୋଳ, ଝାରସୁଗୁଡ଼ା ଆଦି ଆର୍‌ଟିଓ ଅଧୀନରେ ଭିଏଲ୍‌ଟିଡି ଲଗାଇବାରେ ବେଶି ହେରାଫେରି ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ପରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୨୨।୯।୨୫ରେ କଟକ ଟ୍ରାନ୍ସପୋର୍ଟ କମିଶନଙ୍କୁ ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ପାରାଦୀପ ଅଞ୍ଚଳରେ ବିଶ୍ୱକର୍ମା ପୂଜା ଅବସରରେ ଆହତ ହୋଇଥିବା ଜଣେ ଯୁବକଙ୍କୁ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ କଟକ ନେବା ବାଟରେ ଟ୍ରାଫିକ୍ ଜାମ କାରଣରୁ ଅକ୍ସିଜେନ ଶେଷ ଯୋଗୁ ମୃତ୍ୟୁ ଘଟିଥିଲା। ଏହିକ୍ରମରେ ଉକ୍ତ ଆମ୍ବୁଲାନ୍ସରେ ଯଦି ଭିଏଲ୍‌ଟିଡି ଲାଗିଥାନ୍ତା ଏବଂ ସମ୍ପୃକ୍ତ ଡ୍ରାଇଭର ପ୍ୟାନିକ ବଟନ ଦବାଇ ସହଯୋଗ ମାଗିଥାନ୍ତେ ତେବେ ଯୁବକଙ୍କ ଜୀବନ ହୁଏତ ବଞ୍ଚିଯାଇ ପାରିଥାନ୍ତା ବୋଲି ଅନେକ ମତପ୍ରକାଶ କରିଛନ୍ତି। ତେଣୁ ପରିବହନ ବିଭାଗ ପକ୍ଷରୁ କେତେଗୋଟି ଯାତ୍ରୀବାହୀ ଗାଡ଼ିରେ ନିମ୍ନମାନର ଭିଏଲ୍‌ଟିଡି ଲଗାଇବା ସହ ଡ୍ରାଇଭରମାନଙ୍କୁ ଆବଶ୍ୟକ ତାଲିମ ଦେଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଅଭିଯୋଗ ହୋଇଛି।

ଏମର୍ଜେନ୍ସି ରେସ୍‌ପନ୍ସ ସପୋର୍ଟ ସିଷ୍ଟମ(ଇଆର୍‌ଏସ୍‌ଏସ୍) ଦଳ ରିପୋର୍ଟ କରିଛନ୍ତି ଯେ, ଓଡ଼ିଶାରେ ବହୁ ସଂଖ୍ୟକ ମିଥ୍ୟା ଜରୁରିକାଳୀନ ସତର୍କତା ପ୍ରାପ୍ତ ହେଉଛି। ପ୍ୟାନିକ ବଟନ ବ୍ୟବହାର ବିଷୟରେ ସଚେତନ ନ ହୋଇ ଏଭଳି କରାଯାଉଛି। ଗାଡ଼ି ମାଲିକ କିମ୍ବା ଡ୍ରାଇଭର କ'ଣ କରିବେ ଏବଂ ନାହିଁ, ୱାରେଣ୍ଟି,




ମାନୁଆଲ, ଡକ୍ୟୁମେଣ୍ଟ ଇତ୍ୟାଦି ପ୍ରଦାନ କରିନାହାନ୍ତି। ଏହା ସହ ନିର୍ମାଣକାରୀ ସଂସ୍ଥା ଦ୍ୱାରା ପ୍ୟାନିକ ବଟନର ନିର୍ଦ୍ଦେଶ ଷ୍ଟିକର ଲଗାଯାଉନାହିଁ କିମ୍ବା ଆଲର୍ଟଗୁଡ଼ିକୁ ଉପଯୁକ୍ତ ଭାବେ ତଦାରଖ ଏବଂ ପରିଚାଳନା ହେଉନାହିଁ। ତେଣୁ ପ୍ରତ୍ୟେକ ପ୍ୟାନିକ ବଟନ ସହିତ ଷ୍ଟିକର ଲଗାଯିବା ଆବଶ୍ୟକ ଏବଂ ଫିଟନେସ ସମୟରେ ପରିବହନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏହାର ଯାଞ୍ଚ କରାଯାଉ। ଲଗାଯାଇଥିବା ଷ୍ଟିକରଗୁଡ଼ିକର ଫଟୋ ପ୍ରମାଣପତ୍ର, ସାଇରନ ଏଭଳି ଭାବେ ଲଗାଯିବା ଆବଶ୍ୟକ ଯେ ଯେତେବେଳେ ପ୍ୟାନିକ ବଟନ ଦବାଇବେ ସେତେବେଳେ ସାଇରନର ଶବ୍ଦ ଡ୍ରାଇଭର, ଯାତ୍ରୀ ଏବଂ ନିକଟବର୍ତ୍ତୀ ଲୋକଙ୍କୁ ଶୁଭିବ। ଜରୁରିକାଳୀନ ସତର୍କତା ନିରୀକ୍ଷଣ ପାଇଁ ଭିଏଲ୍‌ଟିଡି ଡିଭାଇସ୍ ନିର୍ମାତାମାନଙ୍କ ନିଜସ୍ୱ ସିଷ୍ଟମ୍ ରହିବା ଆବଶ୍ୟକ। ଏହା ବାଦ୍ ମିଥ୍ୟା ସତର୍କତାକୁ ହ୍ରାସ କରିବାକୁ ନିର୍ମାତାଙ୍କ ଦ୍ୱାରା ଦୃଢ଼ ଏବଂ ତ୍ରୁଟଶୂନ୍ୟ ବ୍ୟବସ୍ଥା ରହିବା ଜରୁରୀ ବୋଲି କଟକ ଟ୍ରାନ୍ସପୋର୍ଟ କମିଶନଙ୍କ ପକ୍ଷରୁ ଭିଏଲ୍‌ଟିଡି ନିର୍ମାଣକାରୀ ସଂସ୍ଥାଗୁଡିକୁ ୧୭।୮।୨୦୨୪ରେ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏସବୁ ଏଯାଏ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ଧୀରେନ୍ଦ୍ର କୁମାର ବାଗ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଭିଏଲ୍‌ଟିଡି ଦ୍ୱାରା ଗାଡ଼ି କେଉଁଠି ଅଟକିଲା, କେଉଁ ରୁଟରେ ଯାଉଛି, କେତେ ବେଗରେ ଚାଲିଛି ଇତ୍ୟାଦି ପରିବହନ ଅଧିକାରୀ ଓ ଗାଡି ମାଲିକ ଜାଣିପାରିବେ। ସେହିପରି ଗାଡ଼ିରେ କୌଣସି ବିପଦ ଦେଖାଦେଲେ କିମ୍ବା ଯାତ୍ରୀଙ୍କୁ କୌଣସି ସମସ୍ୟା ହେଲେ ପ୍ୟାନିକ ବଟନ ଚାପି ଦେଲେ ଯେଉଁ ଅଞ୍ଚଳ ଦେଇ ଗାଡି ଯାଉଥିବ ସେହି ଅଞ୍ଚଳରେ ଥିବା ଥାନାର ସାଇରନ ତୁରନ୍ତ ବାଜି ଉଠିବ। ଫଳରେ ପୋଲିସ ଉକ୍ତ ଗାଡ଼ି ପାଖରେ ପହଞ୍ଚି ଆବଶ୍ୟକ ସହଯୋଗ ଦେଇପାରିବେ। ରାଜ୍ୟ ସରକାରଙ୍କ ଉକ୍ତ ନିର୍ଦ୍ଦେଶ ପରେ ଅଧିକାଂଶ ଗାଡ଼ି ମାଲିକ ୧୦ ରୁ ୧୨ ହଜାର ଟଙ୍କା ଖର୍ଚ୍ଚ କରି ଏହି ଡିଭାଇସ୍ ଲଗାଇଛନ୍ତି। କିନ୍ତୁ ଉକ୍ତ ଡିଭାଇସ୍‌ରେ ଯାବତୀୟ ବିଭ୍ରାଟ ଦେଖିବାକୁ ମିଳୁଛି। ବିଭାଗୀୟ ଅଧିକାରୀଙ୍କ ଯାଞ୍ଚ ବିନା ଡିଭାଇସ୍ ଲଗାଯାଉଥିବାରୁ ଏଭଳି ପରିସ୍ଥିତି ଦେଖା ଦେଉଥିବା ଅଭିଯୋଗ ହେଉଛି। ଏହାବାଦ ପ୍ରସ୍ତୁତକାରୀ କମ୍ପାନୀ ନିୟମ ଓ ନିର୍ଦ୍ଦେଶାବଳୀ ଅନୁସାରେ ଆବଶ୍ୟକ ଯନ୍ତ୍ରପାତି ଖଞ୍ଜି ନ ଥିବାରୁ ଡିଭାଇସ୍ ଠିକ୍ ଭାବେ କାର୍ଯ୍ୟ କରୁନାହିଁ ବୋଲି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ହେବା ପରେ ରାଜ୍ୟ ପରିବହନ ପ୍ରାଧୀକରଣ ପକ୍ଷରୁ ଡିଭାଇସ୍ ଠିକ୍ ଭାବେ ଯେଭଳି କାର୍ଯ୍ୟ କରିବ ସେଥିପାଇଁ ନିର୍ମାଣକାରୀ ସଂସ୍ଥାଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ନିର୍ଦ୍ଦେଶ ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବାରୁ ଡିଭାଇସ୍ ଲାଗିଥିବା ବିଭିନ୍ନ ଗାଡ଼ିଗୁଡ଼ିକ ଠିକ୍ ସମୟରେ ଜରୁରିକାଳୀନ ସେବା ପାଇ ପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଐଶ୍ୱର୍ଯ୍ୟା


@ ଅଲିଭା


@ ରାକେଶ


@ ଶିବାଶିଷ


@ ଶକ୍ତିପ୍ରସନ୍ନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କନ୍‌ଷ୍ଟେବଲ୍ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ

ଚଣ୍ଡିଖୋଲ/ଛତିଆ, ୨୪।୯
(ପ୍ରଦୀପ୍ତ କୁମାର ପୃଷ୍ଟି /ସୌମ୍ୟ ରଞ୍ଜନ ସାହୁ)


ଦୀକ୍ଷାନ୍ତ ସମାରୋହରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଭିବାଦନ ଗ୍ରହଣ କରୁଛନ୍ତି।

ଓଡ଼ିଶା ରାଜ୍ୟ ଅବକାରୀ ବିଭାଗର କନ୍‌ଷ୍ଟେବଲ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ କାର୍ଯ୍ୟକ୍ରମ ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ନିକଟସ୍ଥ ସୋଲର ପୋଲିସ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ବୁଧବାର ଅଧ୍ୟକ୍ଷ ଅଶୋକ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷାର୍ଥୀମାନେ ଦୀର୍ଘକାଳୀନ କଠୋର ପ୍ରଶିକ୍ଷଣ ସମାପ୍ତ କରି ଅବକାରୀ ବିଭାଗର କର୍ତ୍ତବ୍ୟରେ ନିୟୋଜିତ ହେବାକୁ ପ୍ରସ୍ତୁତ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ଅବକାରୀ କନ୍‌ଷ୍ଟେବଲମାନେ ମଦ ନିଷେଧ ନୀତି ପାଳନ, ଅବୈଧ ମଦ ବ୍ୟାପାର ନିୟନ୍ତ୍ରଣ ଓ ସମାଜରେ ଶୃଙ୍ଖଳା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ସତ୍ୟନିଷ୍ଠା, ନିଷ୍ଠାପର, ଦୃଢ ସଙ୍କଳ୍ପ ସହିତ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ସମାଜ ସୁସ୍ଥ ଓ ସୁରକ୍ଷିତ ହେବ। ପ୍ରଥମ ବର୍ଷ ପ୍ରଶିକ୍ଷଣ ଶେଷ କରି ୧୫୦ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମାରୋହରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ପରେଡ୍, କୌଶଳମୟ ଅଭିନୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗ ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଅବକାରୀ ଆୟୁକ୍ତ ଓଡ଼ିଶା ପି. ଅନ୍ୱେଷା ରେଞ୍ଜି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ, ପ୍ରଶିକ୍ଷକ, ସ୍ଥାନୀୟ ଅତିଥିବର୍ଗ ଓ ପ୍ରଶିକ୍ଷାର୍ଥୀଙ୍କ ପରିବାର ସଦସ୍ୟମାନେ ଯୋଗଦେଇଥିଲେ। ହରିଶ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୁକ୍ତ ଦମ୍ପତିଙ୍କୁ ଆଜୀବନ ଜେଲ

## ପ୍ରଥମାଖଣ୍ଡି ଡବଲ ମର୍ଡର ଘଟଣା

ଯାଜପୁରଟାଉନ,୨୪।୯
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲା କୁଆଖିଆ ଥାନା ପ୍ରଥମାଖଣ୍ଡି ଗ୍ରାମରେ ୨୦୧୬ ଅକ୍ଟୋବର ୩୧ରେ ଜମିବାଡ଼ି ବିବାଦକୁ ନେଇ ସଂଘଠିତ ବହୁ ଚର୍ଚ୍ଚିତ ଡବଲ ମର୍ଡର ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ ମାମଲାର ଶୁଣାଣି କରି ଅଭିଯୁକ୍ତ ଦମ୍ପତିଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ପଇଠ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନାନୁସାରେ, ଘଟଣା ଦିନ ପ୍ରଥମାଖଣ୍ଡି ଗ୍ରାମର ନୀଳମଣି ସେଠୀ ଓ ତାଙ୍କ ସ୍ତ୍ରୀ ବିଳାସୀ ସେଠୀଙ୍କର ସାନଭାଇ ସୁଶୀଳ ଓରଫ ଗେଡ଼ ଓ ତାଙ୍କ ସ୍ତ୍ରୀ ଝରଣାଙ୍କ ସହ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନୀଳମଣି ଓ ବିଳାସୀ ମିଶି ସୁଶୀଳ ଓ ଝରଣାଙ୍କୁ କୋଦାଳ ବେଣ୍ଟରେ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଶୀଳ ଓ ଝରଣାଙ୍କୁ ପ୍ରଥମେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ୨ଦିନ ମଧ୍ୟରେ ପ୍ରଥମେ ଝରଣା ଏବଂ ପରେ ସୁଶୀଳଙ୍କ ମୃତ୍ୟୁ ମୃତ୍ୟୁ ଘଟିଥିଲା। ମୃତ ସୁଶୀଳଙ୍କ ସମ୍ପର୍କୀୟ ଭାଇ ଶ୍ୟାମସୁନ୍ଦର ସେଠୀ ୨୦୧୬ ନଭେମ୍ବର ୨ରେ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୮୫/୧୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ନୀଳମଣି ଓ ବିଳାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠାରୁ ଅଭିଯୁକ୍ତ ନୀଳମଣି ବିଚାରାଧୀନ କଏଦୀ ଭାବେ ଯାଜପୁର ଜେଲରେ ରହିଥିବାବେଳେ ସ୍ତ୍ରୀ ବିଳାସୀଙ୍କୁ କିଛି ମାସ ପରେ ଜାମିନ ମିଳିଥିଲା। ବୁଧବାର ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଓ ଦୌରା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ ୨୦ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ରିପୋର୍ଟକୁ ଆଧାର କରି ଅଭିଯୁକ୍ତ ଦମ୍ପତିଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଜୟଦୀପ ମିଶ୍ର ଓ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର(କ୍ୟାଡର) ବିପ୍ଲବ କୁମାର ମୁଦୁଲି ପରିଚାଳନା କରିଥିଲେ।

# ବିଦ୍ୟାଳୟର ମୁଖ୍ୟ ରାସ୍ତାକୁ ଜବରଦଖଲ ମୁକ୍ତ ଦାବି | ଶୁଣିଲାନି ପ୍ରଶାସନ, ଛାତ୍ରୀଛାତ୍ର ଅଭିଭାବକଙ୍କ ଧାରଣା


ଧାରଣାରେ ବସିଥିବା ଗ୍ରାମବାସୀ ଓ ଛାତ୍ରୀଛାତ୍ର ।

ରାଜକନିକା,୨୪।୯(ସଞ୍ଜୟ କୁମାର ଦାଶ)

ରାଉତବର୍ତ୍ତନୀ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଜବରଦଖଲ ମୁକ୍ତ କରିବା ଦାବି ଏବଂ ପ୍ରଶାସନିକ ଅବହେଳା ପ୍ରତିବାଦରେ ବୁଧବାର ଦିନ ଗାଁ ଦାଣ୍ଡରେ ବହି ବସ୍ତାନି ଧରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ଗଣଧାରଣା ବସି ରହିଥିଲେ । ଅପରାହ୍ନ ୪ଟାରେ ଅତିରିକ୍ତ ତହସିଲଦାର ଦେବବଲ୍ଲଭ ସେଠୀ ଓ ପୋଲିସ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିବା ସହ ସ୍କୁଲର ମୁଖ୍ୟ ରାସ୍ତାକୁ ଜବରଦଖଲ ମୁକ୍ତ କରିବା ପରେ ଧାରଣାରୁ ଉଠି ଥିଲେ।

ସୂଚନାଯୋଗ୍ୟ, ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତ ରାଉତବର୍ତ୍ତନୀ ଗାଁରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ଛାତ୍ରୀ ଛାତ୍ର ପଢୁଛନ୍ତି। ସ୍କୁଲକୁ ଯିବା ଲାଗି ମୁଖ୍ୟ ରାସ୍ତାଟିକୁ ଗାଁର ଜୈନିକ ବ୍ୟକ୍ତି ଅବରୋଧ କରିଥିଲେ । ଏହି ରାସ୍ତା କଚା ଓ ଅଣ ଓସାର ହୋଇଥିବାରୁ ଛାତ୍ରୀଛାତ୍ରମାନେ ବର୍ଷା ଦିନରେ କାଦୁଅ ଓ ପାଣିରେ ପସି ସ୍କୁଲ ଯାଇଥାନ୍ତି । ବିଭିନ୍ନ ସମୟରେ କୁନି କୁନିପିଲାମାନେ ମାନେ ସ୍କୁଲ ଯିବା ବାଟରେ ପଡି ଘରକୁ ଫେରିଥାନ୍ତି । ରାସ୍ତାଟି ବଣ ଜଙ୍ଗଲ ଦୁଇ ପାର୍ଶ୍ୱରେ ଥିବାରୁ ସାପ ଭୟ ଥିବା ପିଲା କହିଛନ୍ତି। ବର୍ଷା ହେଲେ ସ୍କୁଲକୁ ଅବିଭାବକମାନେ ପିଲାମାନଙ୍କୁ ଛାଡୁ ନ ଥିବା କହିଛନ୍ତି । ଏହି ରାସ୍ତାସମସ୍ୟାର ସମାଧାନ ପାଇଁ ଅନେକଥର ପ୍ରଶାସନକୁ ଗୁହାରି କରିଥିଲେ ବି ସୁଫଳ ନ ମିଳିବାରୁ ଗତ ୧୫।୯।୨୫ରେ କନିକା ତହସିଲ କାର୍ଯ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଓ ଅବିଭାବକ ଗଣଧାରଣା ଦେଇଥିଲେ। ସେଠାରେ କନିକା ତହସିଲଦାର ଭାନୁମତୀ ମାଝୀ ପହଞ୍ଚି ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରି ଗତ ୧୬।୯।୨୫ରେ ଡିମାରକେସନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପୋଲିସ ଉପସ୍ଥିତିରେ ତହସିଲ ପ୍ରଶାସନ ମାପକରି ରାସ୍ତା ଚିହ୍ନଟ ଦେଇ ଖୁଣ୍ଟ ପକାଯାଇଥିଲା । ହେଲେ ମାପକୁ ୯ ଦିନ ବିତି ଥିଲେ ବି ପ୍ରଶାସନ ଚିହ୍ନଟ ଦେଇସାରି ଜବର ଦଖଲ ଉଚ୍ଛେଦ ନ କରି ଚୁପ ବସି ଥିବାରୁ ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ଗାଁ ମଝି ଦାଣ୍ଡ ତଥା ବିଦ୍ୟାଳୟ ସଂଯୋଗୀ କରଣ ରାସ୍ତାରେ ଗଣଧାରଣାରେ ବସିଛନ୍ତି ।

ଏଥିରେ ସୁରଜିତ ବେହେରା, ସୁଲଭ ଦାସ, ମହେଶ୍ୱର ବେହେରା, ଅକ୍ଷୟ ସାହୁ, ବାଇଧର ସାହୁ, ଯଶୋବନ୍ତ ସାହୁ, ସୁକାନ୍ତ ପରିଡା, ପ୍ରମୋଦ ବିଶାଳ, ଦର୍ପନାରାୟଣ ପରିଡା, ଶଶିକାନ୍ତ ସାହୁ, ଶତ୍ରୁଘ୍ନ ସାଇଁ, ଶ୍ରୀକାନ୍ତ ସାହୁ, ବିଶ୍ୱନାଥ ସାହୁ,ଆରତୀ ନାଥ, ଦେବବ୍ରତ ନାଥ, ଲକ୍ଷ୍ମଣ ସାଇଁ, ରମାକାନ୍ତ ସାହୁ, ଗୋପୀନାଥ ମଲ୍ଲିକ ଓ ମମତା ପରିଡା ପ୍ରମୁଖଙ୍କ ସମେତ ଗ୍ରାମବାସୀ ଗଣଧାରଣାରେ ସାମିଲ ହୋଇଥିଲେ।

# ଏକାଦଶ ଦିନରେ ମା' ବିରଜାଙ୍କ ଦୁର୍ଗୋତ୍ସବ | ୩ୟ ଦିନରେ ମା'ଙ୍କ ରଥଯାତ୍ରା, ମୁଖ ଦର୍ଶନ

ଯାଜପୁର ଟାଉନ,୨୪।୯
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)



ମା' ବିରଜା ଦେବୀଙ୍କ ଦୁର୍ଗୋତ୍ସବ ଏକାଦଶ ଦିନରେ ପାଳିତ ହୋଇଥିବା ବେଳେ ବୁଧବାର ରଥଯାତ୍ରା ଓ ମୁଖ ଦର୍ଶନ ୩ୟ ଦିନରେ ପାଳିତ ହୋଇଛି। ବୈତରଣୀ ଜଳରେ ମା'ଙ୍କ ସ୍ନାନ କରାଯିବା ପରେ ଗର୍ଭ ଗୃହକୁ ପ୍ରବେଶ କରାଯାଇଥିଲା। ମହିଳାପୁରୁଷ ଭକ୍ତମାନେ ଧାଡ଼ିରେ ଗର୍ଭ ଗୃହକୁ ପ୍ରବେଶ କରି ମା'ଙ୍କ ପାଦ ସ୍ପର୍ଶ କରିଥିଲେ। ଏହାସହ ମା'ଙ୍କର ଶାଢ଼ି ବେଶ, ଚନ୍ଦନ ବେଶ, ଗହଣା ବେଶ ଇତ୍ୟାଦି କାର୍ଯ୍ୟ ସମାପନ କରାଯାଇଥିଲା। ସକାଳେ ଯାଜପୁରର ପୂର୍ବତନ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସସ୍ତ୍ରୀକ ମନ୍ଦିର ଗର୍ଭ ଗୃହରେ ପୂଜାର୍ଚ୍ଚନା କରିଥିଲେ। ବଡ଼ ଶୃଙ୍ଗାର ବେଶ ପରେ ଗର୍ଭ ଗୃହକୁ ଧୁଆ ଯାଇ ପୂଜାର ଆୟୋଜନ କରାଯାଇଥିଲା। ସମସ୍ତ ପୂଜା ସମାପନ ପରେ କଳସ ପୂଜା ଓ ପହୁଡ଼ କରାଯାଇଥିଲା। ପହୁଡ଼ ଖୋଲାଯିବା ପରେ ଭକ୍ତମାନେ ମା'ଙ୍କୁ ଦର୍ଶନ କରିଥିଲେ। ବର୍ଷା ଯୋଗୁ ସାମାନ୍ୟ ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୫ଟାରେ ରଥ ଯାତ୍ରାର ଆୟୋଜନ କରାଯାଇଥିଲା। ବେଢ଼ା ପରିକ୍ରମା କରାଯାଇ ଦକ୍ଷିଣ ପଶ୍ଚିମ କୋଣରେ ରଥକୁ ରଖାଯାଇଥିଲା। ରଥ ଚାଳନା ବନ୍ଦ ପରେ ରଥରୁ ଆର୍ଶୀ, ଛତ୍ର, ତରାସ, ମଶାଲ ଅବତରଣ କରାଯାଇ ଆର୍ଶୀ ଦଣ୍ଡକୁ ମା'ଙ୍କ ସିଂହାସନ ନିକଟକୁ ନିଆଯିବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ରଥଯାତ୍ରା ଶେଷ ହେବା ପରେ ରାତି ୮ଟାରେ ବଡ଼ ଶୃଙ୍ଗାର ବେଶ ଓ ରାତ୍ର ପୂଜାର ଆୟୋଜନ କରାଯାଇଛି। ପୂଜା କାର୍ଯ୍ୟକୁ ପୁରୋଧା ସରୋଜ ପତି, ପ୍ରମୋଦ ପତି, ପ୍ରତାପ ପତି ପରିଚାଳନା କରିଥିଲେ। ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ ସୁନୀଲ କୁମାର ସ୍ୱାଇଁ ଓ ରସୁଲପୁର ତହସିଲଦାର ସିଦ୍ଧାର୍ଥ ବେହେରା ଉପସ୍ଥିତ ଥିଲେ।

# ପାରାଦୀପ ଭସାଣି ଶୋଭାଯାତ୍ରାରେ ଦୁଲୁକିଲା ସହର

## ଆକର୍ଷଣୀୟ ତୋରଣ ମଧ୍ୟରେ ପାରାଦୀପ ଟ୍ରକ୍ ମାଲିକ ସଂଘ ପ୍ରଥମ





ଭସାଣି ଶୋଭାଯାତ୍ରାରେ ଯାଉଥିବା ମେଢ଼।

ପାରାଦୀପ,୨୪।୯(ଶରତ ରାଉତ)

ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ମେଢ଼ ବ୍ୟାଙ୍କ ଛକରୁ ବାହାରି ଥାନା ଛକ ଦେଇ ନୂଆବଜାର ଅସ୍ଥାୟୀ ବିସର୍ଜନ ପୋଖରୀ ପାଖକୁ ଯାଇଥିଲେ। ଶୋଭାଯାତ୍ରାରେ କେତେଜଣ ଆୟୋଜକ ପାରମ୍ପରିକ ବାଦ୍ୟ ଯନ୍ତ୍ର ବ୍ୟବହାର କରିଥିବାବେଳେ ଆଉ କେତେଜଣ ଡିଜେ ବ୍ୟବହାର କରିଥିଲେ। ଏହାଦ୍ୱାରା ସକାଳୁ ରାତି ପର୍ଯ୍ୟନ୍ତ ଡିଜେ ଓ ବାଦ୍ୟ ଜରିଆରେ ସହର ଦୁଲୁକିଥିଲା। ଅପରପକ୍ଷେ ପୂଜା ମଣ୍ଡପଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ ଖୋଲାଯାଇଥିବା ଦେଖିବାକୁ ମିଳିଛି। କାରଣ କେତେକ ତୋରଣ ଠିକାଦାର ଦୁର୍ଗା ପୂଜା ମଣ୍ଡପରେ ଏହାକୁ ବ୍ୟବହାର କରିବା ପାଇଁ ଶୀଘ୍ର ଖୋଲିପକାଇଛନ୍ତି। ସନ୍ଧ୍ୟା ସୁଦ୍ଧା ବଡ଼ପଡ଼ିଆ ଥାନାଛକ ଠାରୁ ହୋଟେଲ ଛକ ପର୍ଯ୍ୟନ୍ତ ଦୋକାନ ବଜାରଗୁଡ଼ିକ ମଧ୍ୟରୁ ହାତ ଗଣତି ଛାଡ଼ିଦେଲେ ଅନ୍ୟ ସବୁ ଖୋଲା ହୋଇଯାଇଛି। ଚଳିତ ବର୍ଷ ପୂଜାରେ ଆକର୍ଷଣୀୟ ତୋରଣ ମଧ୍ୟରେ ପାରାଦୀପ ଟ୍ରକ ମାଲିକ ସଂଘ ପ୍ରଥମ ହୋଇଥିବା ବେଳେ ଓମ୍ଫର ମାଲିକ ସଂଘ ଦ୍ୱିତୀୟ, ଜଗନ୍ନାଥ ଟ୍ରକ ମାଲିକସଂଘ ତୃତୀୟ ସ୍ଥାନରେ ରହିଥିଲା। ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍‌ପି ବିଭୁପ୍ରସାଦ ତରାଇ ଅତିଥିଭାବେ ଯୋଗ ଦେଇ ଆୟୋଜକମାନଙ୍କୁ ପୁରସ୍କୃତ କରିଥିଲେ।

ଶେଷ ସନ୍ଧ୍ୟାରେ ଦୁଇ ଜଣ ନାବାଳକ ନିଖୋଜ ଥିବା ପାରାଦୀପ ଥାନାରେ ଅଭିଯୋଗ ହୋଇଛି। ଘଟଣା ସମ୍ବେଦନଶୀଳ ଥିବାରୁ ପୋଲିସ ଓ ପରିବାରବର୍ଗ ଅଧିକ ସୂଚନା ଦେବାକୁ ମନା କରିଛନ୍ତି। ଚଳିତ ଥର ପୂଜା ମହୋତ୍ସବରେ ବିଶୃଙ୍ଖଳା ଘଟଣା ଚର୍ଚ୍ଚା ହୋଇଛି। ପୂଜା ୭ ଦିନ ପର୍ଯ୍ୟନ୍ତ ଟ୍ରାଫିକ ଭିଡ ହୋଇଥିବାବେଳେ ଏହି ସମୟରେ ଟଙ୍କା, ମୋବାଇଲ ଓ ଗହଣା ଚୋରି ଆଦି ଘଟଣା ଘଟିଛି। ସେହିପରି ପୂଜା ବୁଲିବାକୁ ଯାଇଥିବା କେତେକ ଘରୁ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି।



## ମହୀପୁର ବ୍ଲକ ପାଇଁ ଦାବି

# ଜିଲାପାଳଙ୍କୁ ସ୍ମାରକପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଲୋକେ ।

### ୯ ପଞ୍ଚାୟତ ଲୋକେ ଦେଇଛନ୍ତି ସମର୍ଥନ ପ୍ରସ୍ତାବ

ନୟାଗଡ,୨୪।୯(ଲୋକନାଥ ମିଶ୍ର)

ରାଜ୍ୟ ସରକାର ବ୍ଲକ୍ ପୁନର୍ଗଠନ କରିବାକୁ ପ୍ରସ୍ତାବ ଦେବା ପରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ବାହାଡ଼ାଖୋଲା ଓ ମହୀପୁରଠାରେ ବ୍ଲକ୍ ସ୍ଥାପନ ପାଇଁ ଦାବି ଉଠିଛି । ବାହାଡ଼ାଖୋଲାରେ ବ୍ଲକ୍ ପାଇଁ ଜାନୁଆରୀ ୨୩ରେ ଅତିରିକ୍ତ ଜିଲାପାଳଙ୍କୁ ସ୍ଥାନୀୟ ଲୋକେ ସ୍ମାରକପତ୍ର ଦେଇଥିବା ବେଳେ ବୁଧବାର ୯ ପଞ୍ଚାୟତର ଲୋକ ପ୍ରତିନିଧି ମହୀପୁର ପଞ୍ଚାୟତ ସଭାପତି ଭରତ ପ୍ରଧାନଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟି ମହୀପୁର ବ୍ଲକ୍ ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ମହୀପୁର ସରପଞ୍ଚ ତ୍ରିନାଥ ବେହେରା, ନୂଆଗାଁ ବ୍ଲକ୍ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଢେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ, ଚାହାଳି ସରପଞ୍ଚ ସୁବାସ ବେହେରା, ପାରାଢ଼ିପି ପଞ୍ଚାୟତ ସରପଞ୍ଚ ବିଭୂତି କୁମାର ପ୍ରଧାନ, ବଡ଼ଗୋଠ ସରପଞ୍ଚ ତିଲୋତ୍ତମା ନାୟକ, ଦୁର୍ଦ୍ଧୁରା ସରପଞ୍ଚ ସଞ୍ଜୟ କୁମାର ସାହୁ, ମାଳିସାହି ସ୍ମିତା ପ୍ରଧାନ, ଗାତେରୀ ସରପଞ୍ଚ ସସ୍ମିତା ସାହାଣୀ ଓ ଖଣ୍ଡୁଗାଁ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମହଲ, ଅରୁଣ କୁମାର ସାହୁ, ଧୀରେନ୍ଦ୍ର କୁମାର ଦାସ, ଦୟାନିଧି ସାହୁ ଓ ସୋମନାଥ ସାହୁ ପ୍ରମୁଖ ସ୍ମାରକପତ୍ର ଦେବା ସମୟରେ ଉପସ୍ଥିତ ଥିଲେ । ଅପରପକ୍ଷେ ପଞ୍ଚାୟତିରାଜ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ, କନ୍ଧମାଳ ଏମ୍‌ପି, ଦଶପଲ୍ଲା ବିଧାୟକ, କେନ୍ଦ୍ରାଞ୍ଚଳ ଆରଡିସିଙ୍କୁ ଅନୁରୂପ ଭାବେ ସ୍ମାରକପତ୍ର ପଠାଇଛନ୍ତି । ନୂଆଗାଁ ବ୍ଲକ୍‌ରେ ୨୨ ପଞ୍ଚାୟତ ରହିଛି। ଭୌଗୋଳିକ ସ୍ଥିତିକୁ ଅନୁଧ୍ୟାନକଲେ ୭ ପଞ୍ଚାୟତ ମଧ୍ୟସ୍ଥଳରେ ରହିଛି । ଅନ୍ୟ ୧୫ ପଞ୍ଚାୟତ ୧୦ରୁ ୩୦ କି.ମି.ମଧ୍ୟରେ ରହିଛି । ଆଦିବାସୀ, ଦଳିତ ଓ କୃଷକ ଶ୍ରେଣୀର ଲୋକଙ୍କ ସଂଖ୍ୟା ବ୍ଲକ୍‌ରେ ଅଧିକ । ବ୍ଲକ୍ କାର୍ଯ୍ୟାଳୟକୁ ଯିବାକୁ ହେଲେ ବୃଦ୍ଧା, ଅର୍କମଣ୍ୟ ଓ ସାଧାରଣ ଲୋକ ହଇରାଣ ହୋଇ ଆସୁଛନ୍ତି। ପୁଣି ରେଜିଷ୍ଟ୍ରାର ଅଫିସ, ତହସିଲ, ଉଦ୍ୟାନ କାର୍ଯ୍ୟାଳୟ, ବ୍ଲକ୍ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପରି ବିଭିନ୍ନ କାର୍ଯ୍ୟାଳୟରୁ ସାଧାରଣ ଲୋକେ ସେବା ପାଇବା କଷ୍ଟକର ହୋଇପଡୁଛି ।

ସେହିପରି ମହୀପୁରଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଡାକଘର, ଫରେଷ୍ଟ ରେଞ୍ଜ ଅଫିସ୍, ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ, ସମବାୟ ବ୍ୟାଙ୍କ, ଆର୍‌ଆଇ କାର୍ଯ୍ୟାଳୟ, ପିଏମ୍ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏମ୍‌ଆଇ ସେକ୍ସନ, ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର, ଫାଣ୍ଡି ରହିଛି। ବ୍ଲକ୍ ଓ ଅନ୍ୟ କାର୍ଯ୍ୟାଳୟ ନିର୍ମାଣ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି। ପ୍ରସ୍ତାବିତ ମହୀପୁର ବ୍ଲକ୍ ପାଇଁ ଜାଗା ଚିହ୍ନଟକରି ରଖାଯାଇଛି। ପ୍ରସ୍ତାବିତ ସ୍ଥାନଟି ମହୀପୁରର ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡ଼ରେ ରହିଥିବା ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ମହୀପୁରରେ ବ୍ଲକ୍‌ଗଠନ କରିବାକୁ ମହୀପୁର, ମାଳିସାହି, ଢେଙ୍କେଣା, ଖଣ୍ଡୁଗାଁ, ଚାହାଳି, ଦୁର୍ଦ୍ଧୁରା, ବଡ଼ଗୋଡ଼, ପାରାଢ଼ିପି ଓ ଗାତେରୀ ଆଦି ୯ ପଞ୍ଚାୟତର ବାସିନ୍ଦା ସହଯୋଗର ହାତ ବଢ଼ାଇଛନ୍ତି। ସ୍ଥାନୀୟ ସରପଞ୍ଚମାନେ ନିଜ ପଞ୍ଚାୟତର ସମର୍ଥନ ପ୍ରସ୍ତାବ ଦେଇ ସାରିଛନ୍ତି। ମହୀପୁର ବ୍ଲକ୍ ଗଠନ ପାଇଁ ଏକ ପ୍ରସ୍ତୁତି ବୈଠକ ଗତ ୩୧ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସରପଞ୍ଚ, ସମିତି ସଭ୍ୟ, ବୁଦ୍ଧିଜୀବୀ ଯୋଗଦେଇ ମତ ଉପସ୍ଥାପନକରି ବ୍ଲକ୍ ସ୍ଥାପନ ଦାବିକୁ ତ୍ୱରାନ୍ୱିତ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛନ୍ତି ।

### ବାହାଡ଼ାଖୋଲା ବ୍ଲକ ଦାବି ହୋଇଆସୁଛି

ବାହାଡ଼ାଖୋଲା ବ୍ଲକ୍ ପାଇଁ ପୂର୍ବରୁ ଦାବି ହୋଇ ଆସୁଛି । ପ୍ରସ୍ତାବିତ ବାହାଡ଼ାଖୋଲା ବ୍ଲକ୍‌ରେ ବାହାଡ଼ାଖୋଲା ଓ ଆଖପାଖର ବେରୁଆଁବାରୀ, ହରିପୁର, ଶିଙ୍ଗାରପଲ୍ଲୀ, କାପ୍ତାପଲ୍ଲୀ ଓ ଗୁମୀ ଆଦି ୬ ପଞ୍ଚାୟତର ବାସିନ୍ଦା ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଅଞ୍ଚଳବାସୀଙ୍କ ଦାବି ଅନୁସାରେ ବାହାଡ଼ାଖୋଲା ନୂଆଗାଁ ବ୍ଲକ୍‌ରେ ରହିଥିଲେ ହେଁ ଉପେକ୍ଷିତ ଓ ଅଣଦେଖା ହୋଇ ରହିଯାଇଛି। ବାହାଡ଼ାଖୋଲାଠାରୁ ନୂଆଗାଁ ବ୍ଲକ୍ କାର୍ଯ୍ୟାଳୟ ୩୨ କି.ମି.ହୋଇଥିଲେ ହେଁ ବେରୁଆଁବାରୀ ପଞ୍ଚାୟତର ଓଡକମ୍ପା ଗାଁ ୬୫ କି.ମି. ଦୂରତାରେ ଅଛି ।

ସେହିପରି କାପ୍ତାପଲ୍ଲୀ ପଞ୍ଚାୟତର ମକରାପଲ୍ଲୀ ଗାଁ ୬୦ ବ୍ଲକ୍‌ଠାରୁ ୬୦ କି.ମି.ଦୂରରେ ରହିଛି। ବ୍ଲକ୍‌ଠାରୁ ୩୦ କି.ମି.ରୁ ଅଧିକ ଦୂରତାରେ ରହୁଥିବା ଅନେକ ଗାଁ ବାହାଡ଼ାଖୋଲା ବ୍ଲକ୍ ହେଲେ ତା'ର ସୁଫଳ ପାଇବେ । ଅନ୍ୟପକ୍ଷେ ବାହାଡ଼ାଖୋଲା, ଗୁମି, ସିଙ୍ଗାରପଲ୍ଲି, କାପ୍ତାପଲ୍ଲୀ ଓ ବେରୁଆଁବାରୀ ପରି ଅନେକ ଗାଁ ନୂଆଗାଁ ବ୍ଲକ୍‌ର ହୋଇଥିଲେହେଁ ନୂଆଗାଁ ଥାନାରେ ରହିପାରିନାହାନ୍ତି । ଓଡ଼ଗାଁ ବ୍ଲକ୍‌ର ଓଡ଼ଗାଁ ଥାନାରେ ଏହି ଗାଁଗୁଡିକ ରହିଛି । ଏଣୁ ନୂଆଗାଁ ବ୍ଲକ୍‌ରେ ଥାଇ ବି ବାହାଡ଼ାଖୋଲା ଓ ଆଖପାଖ ଅଞ୍ଚଳରେ ରହିଥିବା ଗାଁଗୁଡିକ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗ ନେବାରେ ସକ୍ଷମ ହୋଇପାରୁନାହାନ୍ତି । ପୁଣି ବାହାଡାଖୋଲା ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ରୂପେ ପରିଚିତ। ଏଠାରେ ବାହାଡ଼ାଖୋଲା ନିୟନ୍ତ୍ରିତ ବଜାର ରହିଥିଲା । ଧୀରେ ଧୀରେ ଏହା କେବଳ କାଗଜକଲମରେ ରହିଥିବାବେଳେ ପ୍ରକୃତରେ ଏହାର କାର୍ଯ୍ୟାଳୟ ଜିଲା ସଦର ମହକୁମାକୁ ଉଠିଗଲାଣି। ବାହାଡ଼ାଖୋଲା ଏକ ଆଦିବାସୀ ଓ ଦଳିତ ଅଞ୍ଚଳ ହୋଇଥିବାବେଳେ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ସବୁ ଗାଁକୁ ସବୁଦିନିଆ ରାସ୍ତା ହୋଇପାରି ନାହିଁ । ଲୋକଙ୍କର ଆର୍ଥିକ ସ୍ଥିତି ବିକାଶ ହେଉନାହିଁ । ବ୍ଲକ ହେଲେ ବିକାଶର ସୁଫଳ ମିଳିବ ବୋଲି କୁହାଯାଉଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଐଶ୍ୱର୍ଯ୍ୟା



@ ଅଲିଭା



@ ରାକେଶ



@ ଶିବାଶିଷ



@ ଶକ୍ତିପ୍ରସନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବନଦୁର୍ଗା ବେଶରେ ଦର୍ଶନଦେଲେ ମା' ବିମଳା ଜଗଦ୍ଧାତ୍ରୀ, ମା' ନାରାୟଣୀ

### ନୀଳମାଧବ ମନ୍ଦିରରେ ନବରାତ୍ର ପୂଜା, ଚଣ୍ଡୀପାଠ



ମା' ଜଗଦ୍ଧାତ୍ରୀ



ମା' ବିମଳା

ଖଣ୍ଡପଡ଼ା,୨୪।୯
(ଅଜୟ କୁମାର ମହାରଣା)

ପଥରଚକଡ଼ାସ୍ଥିତ ମା' ନାରାୟଣୀ ବନଦୁର୍ଗା ବେଶରେ ବୁଧବାର ଶ୍ରଦ୍ଧାଳୁଙ୍କୁ ଦର୍ଶନଦେଇଛନ୍ତି । ସେହିପରି କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ପୂଜକ ସମାଜ ପକ୍ଷରୁ ନବରାତ୍ର ପୂଜା ସୋମବାରଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ମା' ବିମଳାଙ୍କୁ ବୁଧବାର ଜଗଦ୍ଧାତ୍ରୀ ବେଶରେ ସଜ୍ଜିତ କରାଯାଇଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ସମାଗମ ହୋଇଥିଲା । କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କ ନିକଟରେ ୯ଦିନବ୍ୟାପୀ ଅନୁଷ୍ଠିତ ହେଉଥିବା ନବରାତ୍ର ପୂଜା ଅବସରରେ ଚଣ୍ଡୀପାଠ ସହ ହୋମ ଅନୁଷ୍ଠିତ ହେଉଛି ।

# ସାଇବର ଠକେଇ ସମ୍ପର୍କିତ ସଚେତନତା ଶିବିର



ସଚେତନତା ଶିବିରରେ ଅତିଥି, ପାରାଲିଗାଲ ସ୍ୱେଚ୍ଛାସେବୀ ଓ ଅନ୍ୟମାନେ ।

ଓଡଗାଁ, ୨୪।୯
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ତାଲୁକ୍ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଓଡ଼ଗାଁ ତାଲୁକ୍ ଆଇନ ସେବା ପ୍ରାଧିକରଣ ସଚିବ ତଥା ଓଡ଼ଗାଁ ଅତିରିକ୍ତ ଜିଲା ଦୌରାଜଜ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ ଓଡ଼ଗାଁ ଓକିଲ ସଂଘ ସଭାଗୃହରେ ସାଇବର ଠକେଇ ଓ ସେ ସମ୍ପର୍କିତ ଆଇନ ସଚେତନତା ସମ୍ବନ୍ଧୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଓଡ଼ଗାଁ ଦେୱାନି (ବରିଷ୍ଠ) ବିଭାଗ ବିଚାରପତି ଜନ୍ମେଜୟ ଦାସ, ଦେୱାନି (କନିଷ୍ଠ) ବିଭାଗ ବିଚାରପତି ପ୍ରେରଣାଶ୍ରୀ ଦେଓ, ଗ୍ରାମ ନ୍ୟାୟାଳୟ ବିଚାରପତି ସୌମ୍ୟାଶ୍ରୀ ମହାପାତ୍ର, ଓକିଲ ସଂଘ ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ସମ୍ପାଦକ ବଟକୃଷ୍ଣ ମିଶ୍ର, ସରକାରୀ ଓକିଲ ଇନ୍ଦୁ ଭୂଷଣ ମିଶ୍ର,ଯଜ୍ଞ ନାରାୟଣ ପାତ୍ର ଓ ପ୍ରମୋଦ କୁମାର ବିଶାଳ, ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ପାତ୍ର ଓ ଅନ୍ୟ ଆଇନଜୀବୀ ତଥା ବିଭିନ୍ନ ଗ୍ରାମରୁ ଆସିଥିବା ପାରାଲିଗାଲ ସ୍ୱେଚ୍ଛାସେବୀ ଓ ଶ୍ରମିକମାନେ ଯୋଗ ଦେଇଥିଲେ। ବକ୍ତାମାନେ ଆଜିକା ଦିନରେ ମୋବାଇଲ ଓ କମ୍ପ୍ୟୁଟର ମାଧ୍ୟମରେ କିଭଳି ସଧାରଣଜନତା ଠକାମିର ଶିକାର ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ତା'ର କିପରି ନିରାକରଣ କରି ହେବ ସେ ସମ୍ପର୍କରେ ସଚେତନ ବାର୍ତ୍ତା ଦେଇ ଥିଲେ। ସଭା ଶେଷରେ ଆଇନସେବା ପ୍ରାଧିକରଣ ତରଫରୁ ୧୦ ଜଣ ପାରାଲିଗାଲ ସ୍ୱେଚ୍ଛାସେବୀ ଓ ୩୦ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।

# ଘର ଗ୍ରୀଲ୍ ଭାଙ୍ଗି ଲୁଟ୍

ଭାପୁର,୨୪।୯ (ପ୍ରଭାତ ବରାଡ)

ଫତେଗଡ ଥାନା ଅନ୍ତର୍ଗତ ପାଥପୁର ଓ କରଡାପଲ୍ଲୀ ଗ୍ରାମରେ ଭସାଣିକୁ ନେଇ ଗଣ୍ଡଗୋଳ ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା। ପାଥପୁର ପୋଲିସ ଗିରଫ ଭୟରେ ଗାଁ ପୁରୁଷ ଶୂନ୍ୟ ହୋଇପଡିଥିବା ବେଳେ ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଗ୍ରୀଲ ଭାଙ୍ଗି ଲୁଟ କରିଥିବା ଜଣାପଡିଛି। ପାଥପୁର ଗ୍ରାମର ଦଣ୍ଡପାଣି ପ୍ରଧାନ ଓ ନିତେଇ ପ୍ରଧାନ ସମ୍ବଲପୁର ଯାଇଥିଲେ। ସକାଳୁ ଖବର ପାଇଥିଲେ ଘର ବାଡିପଟ ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତ ଘରେ ପଶି ଲୁଟ କରିଛନ୍ତି। କିଛି ସମ୍ପର୍କୀୟଙ୍କୁ ପଠାଇ ଦେଖିଥିଲେ ଗୋଟିଏ ଏଲଡିଟିଭି, କମ୍ପ୍ୟୁଟର, ଓଜନ ମାପକ ଯନ୍ତ୍ର, କିଛି ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ସେ ସମ୍ବଲପୁରରୁ ଆସୁଥିବା ବେଳେ ଏନେଇ ପୋଲିସକୁ ଫୋନରେ ଜଣାଇଥିବା ବେଳେ ଗୁରୁବାର ଲିଖିତ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି।

ସେହିପରି ଚକ୍ରଧରପ୍ରସାଦ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଧ୍ରୁବ ଚରଣ ସାହୁଙ୍କ ବାଡିପଟେ ପଶି ଗ୍ରୀଲ ଭାଙ୍ଗି ଘରେ ପଶି ନଗଦ ୩୫ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ।

# ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କର୍ମଶାଳା

ଖଣ୍ଡପଡ଼ା,୨୪।୯
( ଅଜୟ କୁମାର ମହାରଣା)



ଗତ ୧୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ସେମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ଅଭିଯାନ ଆରମ୍ଭ କରାଯାଇଛି । ଏହି ଅବସରରେ ନୂଆ ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କଣ୍ଟିଲୋ ପଞ୍ଚାୟତ ହାଟମୁଣ୍ଡ ପାଟଣା ଜନକଲ୍ୟାଣ କ୍ଲବ୍ ଗୃହରେ ମଙ୍ଗଳବାର ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂଆ ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଦୀନବନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନରେ ୯୪ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମଧୁମେହ, ରକ୍ତଚାପ, ହେମୋଗ୍ଲୋବିନ୍, ରକ୍ତ ପରୀକ୍ଷା ସହ ଓଜନ ଓ ଉଚ୍ଚତା ମାପ କରାଯାଇଥିଲା । କର୍ମଶାଳାରେ କଣ୍ଟିଲୋ ୩ ନଂ. ଅଙ୍ଗନୱାଡି ୱାର୍କର ମମତା ସାହୁ (ଡଲି ) ଓ ଆଶାକର୍ମୀ କୁନିଲତା ବେହେରା ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ।

# ଫସଲ ନଷ୍ଟ କରୁଛନ୍ତି ହାତୀ, ବାର୍‌ହା ଓ ମାଙ୍କଡ଼

ନୟାଗଡ,୨୪।୯(ଲୋକନାଥ ମିଶ୍ର)

ନୟାଗଡ ବନଖଣ୍ଡ ପଞ୍ଚରିଡା ରେଞ୍ଜର ଜାକେଡା, କୋମଣ୍ଡା, ଡଏଣାଝରୀ, ଶିମିଳି, ଗୋଛା, ଡୁଲୁବି, କୁରୁଣି, କଜଳାଇପଲ୍ଲୀ, ବରସାହି ଅଞ୍ଚଳରେ ହାତୀ, ବାର୍‌ହା ମାଙ୍କଡ ଓ ମୟୁର ଧାନ ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି । ଧାନ କେଣ୍ଡାକୁ ଚିରି ପାତି ମାଙ୍କଡ ଖାଇବା ସହ ନଷ୍ଟ କରି ଚାଲିଛି । ଡୁଲୁବି ଅଞ୍ଚଳରେ ହାତି ଛୁଆ ଜନ୍ମ କରିଥିବାରୁ ଧାନ ଫସଲକୁ ହାତି ନଷ୍ଟ କରୁଛି । ଚାଷୀର ଧାନ ପ୍ରାରମ୍ଭରୁ ନଷ୍ଟ ହେବା ଆରମ୍ଭ ହୋଇଛି। ଏଭଳିସ୍ଥଳେ ଓଡିଶା କୃଷକ ସଭାର ଓଡଗାଁ ବ୍ଲକ କମିଟି

### କ୍ଷତିପୂରଣ ପାଇଁ ଡିଏଫଓଙ୍କ ଉଦ୍ଦେଶ୍ୟରେ ରେଞ୍ଜରଙ୍କୁ ସ୍ମାରକପତ୍ର

ପକ୍ଷରୁ ରେଞ୍ଜରଙ୍କ ଜରିଆରେ ଡିଏଫଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ ଚାଷୀର ସମସ୍ୟାକୁ ସମାଧାନ କରିବାକୁ ନବେଦନ କରାଯାଇଛି। କୃଷକ ସଭାର ଓଡଗାଁ ବ୍ଲକ ସଭାପତି ବେଣୁଧର ପ୍ରଧାନ କୁହନ୍ତି, ପଞ୍ଚରିଡା ରେଞ୍ଜରଙ୍କ ପରି ଓଡଗାଁ ରେଞ୍ଜରଙ୍କୁ ଚାଷୀ କ୍ଷୟକ୍ଷତି ସମ୍ପର୍କରେ ଜଣାଇଛୁ । ଚାଷୀ କିପରି ତାର କ୍ଷୟକ୍ଷତି ପାଇବ ସେନେଇ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

# ଓଡ଼ଗାଁ ରଘୁନାଥ ଜୀଉଙ୍କ ହୁଣ୍ଡି ଖୋଲିଲା

### ମିଳିଲା ୩ ଲକ୍ଷ ୬୭ ହଜାର ଟଙ୍କା

ଓଡ଼ଗାଁ,୨୪।୯
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀ ରଘୁନାଥ ଜୀଉଙ୍କ ହୁଣ୍ଡି ବାକ୍ସ ବୁଧବାର ଖୋଲାଯାଇଥିଲା। ସେଥିରୁ ୩ ଲକ୍ଷ ୬୭ ହଜାର ୪୪୪ ଟଙ୍କା ମିଳିଥିବା ବେଳେ ୩ ଗ୍ରାମ ୧୪୧ ମିଲି ଗ୍ରାମ ସୁନା, ୫୦ଗ୍ରାମ ୪ଶହ ମିଲିଗ୍ରାମ ରୂପା ଏବଂ ୧ କିଲୋଗ୍ରାମ ୪ଶହ ଗ୍ରାମ ପିତଳ ତଉ ଘଣ୍ଟି ମିଳିଥିଲା। ଗତ ଫେବୃଆରୀରେ ହୁଣ୍ଡି ବାକ୍ସ ଖୋଲିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ମାତ୍ର ୬ ମାସ ବ୍ୟବଧାନରେ ହୁଣ୍ଡି ଖୋଲିଛି। ହୁଣ୍ଡି ବାକ୍ସ ଖୋଲିବା ବେଳେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ସୁରେଶ କୁମାର ମିଶ୍ର, ମନ୍ଦିର ପରିଛା, କର୍ମଚାରୀ ଏବଂ ପୋଲିସ ପ୍ରଶାସନ ଉପସ୍ଥିତ ରହି ଗଣତି ବେଳେ ସହଯୋଗ କରିଥିଲେ।



ରଘୁନାଥ ଜୀଉଙ୍କ ହୁଣ୍ଡି ଖୋଲା ହେବା ପରେ ଲୋକମାନେ ଟଙ୍କା ଗଣୁଛନ୍ତି।

# ପରିତ୍ୟକ୍ତ ଅବସ୍ଥାରେ ନୀଳମାଧବ ଜୀଉଙ୍କ ଦଶହରା ପଡ଼ିଆ

ଖଣ୍ଡପଡା,୨୪।୯
(ଅଜୟ କୁମାର ମହାରଣା)

### ଦଶହରା ପଡ଼ିଆକୁ ଆଲୋକୀକରଣ ଦାବି

ପ୍ରତିବର୍ଷ ଦଶହରାକୁ ନୀଳମାଧବଜୀଙ୍କ ଚଳନ୍ତି ପ୍ରତିମା ମହାନଦୀ ଓ କମେଇ ସଂଗମସ୍ଥଳରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଦଶହରା ପଡ଼ିଆକୁ ସନ୍ଧ୍ୟାରେ ବିଜେହୋଇଥାନ୍ତି। ସଂକୁଚିତ ମାଳବନ୍ଧ ରାସ୍ତା ତଥା ଅନ୍ଧକାର ଭିତରେ ଦଶହରା ପଡିଆକୁ ବିମାନ ଯୋଗେ ଠାକୁର ବିଜେ ସମୟରେ ବିଭିନ୍ନ ସମସ୍ୟା ଦେଖାଦେଉ ଥିବାରୁ ଏହି ସମୟରେ ମାଳବନ୍ଧ ରାସ୍ତାକୁ ଆଲୋକୀକରଣ କରାଯିବାକୁ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଦାବି କରାଯାଉଛି।

ସୂଚନାଯୋଗ୍ୟ, ପୁରୀ ଶ୍ରୀମନ୍ଦିର ପୂଜାନୀତି ସହ ନୀଳମାଧବ ଜୀଉ ମନ୍ଦିର ପୂଜା ନୀତି ମଧ୍ୟରେ ସାମଞ୍ଜସ୍ୟ ରହିଛି। ଏହି କାରଣରୁ ଶ୍ରୀମନ୍ଦିରରେ ପାଳନ ହେଉଥିବା ବିଭିନ୍ନ ଯାନିଯାତ୍ରା ମଧ୍ୟ ଏହି ମନ୍ଦିରରେ ପାରମ୍ପରିକ ରୀତିରେ ପାଳିତ ହୋଇଥାଏ । ବିଶେଷ କରି ବର୍ଷର ଗୋଟିଏ ଦିନ ଠାକୁର ପରମ୍ପରା କ୍ରମେ ଅନୁକୂଳ ପାଇଁ ଦଶହରା ପଡିଆରେ ବିଜେ ହୋଇଥାନ୍ତି। ମାତ୍ର ଐତିହ୍ୟସମ୍ପନ୍ନ ଏହି ପଡ଼ିଆ ଏବେ ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ରହିଯାଇଛି।

ପ୍ରକାଶ ଯେ, କଣ୍ଟିଲୋ ମହାନଦୀ ଓ କମେଇ ନଦୀ ସଂଯୋଗ ସ୍ଥଳରେ ରାଜାରାଜୁଡ଼ା ସମୟରୁ ଯୁଦ୍ଧକୌଶଳର ଅଭ୍ୟାସ ପାଇଁ ଏକ ପଡ଼ିଆ ରହିଥିଲା। ଏଥିପାଇଁ ଖଣ୍ଡାୟତ ଓ ପାଇକମାନେ ଉକ୍ତ ପଡିଆରେ ଦଶହରାରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ବିଜେ କରାଇ ରଣକୌଶଳ ଶିକ୍ଷାର ଶୁଭାରମ୍ଭ କରୁଥିଲେ। ମାତ୍ର କାଳକ୍ରମେ ସମ୍ପୃକ୍ତ ସମ୍ପ୍ରଦାୟ ଲୋପ ପାଇଯାଇଥିବା ବେଳେ ପରମ୍ପରାକ୍ରମେ ଦଶହରାରେ ଠାକୁର ଏହି ପଡ଼ିଆକୁ ସନ୍ଧ୍ୟାରେ ପାଟପଟୁଆର ସହିତ ବିଜେ କରିଥାନ୍ତି। ଠାକୁରଙ୍କ ଏହି କାର୍ଯ୍ୟକ୍ରମକୁ ସୁସଙ୍ଗଠିତ ତଥା ସୁପରିଚାଳନା ପାଇଁ ଦେବୋତ୍ତର ବିଭାଗ ରହିଥିଲେ ହେଁ ଜଳ ସମ୍ପଦ ଓ ବିଦ୍ୟୁତ୍ ବିଭାଗ ଏହି କାର୍ଯ୍ୟକ୍ରମରେ ଆନ୍ତରିକ ସହଯୋଗ କଲେ ଠାକୁର ଅନ୍ଧାର ରାତିରେ ସୁରକ୍ଷିତ ଭାବରେ ପଡିଆକୁ ବିଜେ ହୋଇପାରନ୍ତେ।

ଫକୀର ଅତବୁଦ୍ଧିପାଟଣାଠାରୁ କମେଇ ନଦୀ ପର୍ଯ୍ୟନ୍ତ ମାଳବନ୍ଧର ଦୂରତା ମାତ୍ର ୪୮୦ ମିଟର ହୋଇଥିବା ବେଳେ ଏହି ବନ୍ଧର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା କ୍ରମଶଃ ସଂକୁଚିତ ହେଉଛି। ଫଳରେ ରାତିରେ ସରୀସୃପଙ୍କ ଯୋଗୁ ଏହି ମାଳବନ୍ଧ ଦେଇ ଯାତାୟାତ କରିବା ନିରାପଦ ନୁହେଁ। ଅପରପକ୍ଷରେ ଦଶହରା ପଡିଆକୁ ଠାକୁର ବିଜେହେବା ସମୟରେ ବିଦ୍ୟୁତ୍ ବ୍ୟବସ୍ଥା କଲେ ଭଲ ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ଠାକୁର ବର୍ଷର ଗୋଟିଏ ଦିନ ଏହି ପଡିଆକୁ ଆସୁଥିବାରୁ ବର୍ଷର ଅନ୍ୟ ଦିନମାନଙ୍କରେ ଏହି ପଡିଆଟି ଅପାଂକ୍ତେୟ ହୋଇ ପଡିରହିଛି। ଏଥିପାଇଁ ଉକ୍ତ ସ୍ଥାନକୁ ସଫା କରାଯିବାର ଆବଶ୍ୟକତା ରହିଛି। ଅପରପକ୍ଷରେ ମାଳବନ୍ଧର ଶେଷମୁଣ୍ଡରେ ଠାକୁର ବିମାନରେ ଓହ୍ଲାଇବାରେ ସମସ୍ୟା ସୃଷ୍ଟି ହେବା ସମ୍ଭାବନା ଥିବାରୁ ଜଳ ସମ୍ପଦ ବିଭାଗ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

ଚଣ୍ଡିଖୋଲ,୨୪।୯(ପ୍ରଦୀପ୍ତ କୁମାର ପୃଷ୍ଟି) ବଡ଼ଚଣା ଥାନା ଅନ୍ତର୍ଗତ କାଞ୍ଜିଆ ଗ୍ରାମରେ ଅବସରପ୍ରାପ୍ତ ଶିକ୍ଷକ ହିମାଂଶୁ ଶେଖର ବିଶ୍ୱାଳଙ୍କ ଘର ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ସହ ନଗଦ ଅର୍ଥ ମଙ୍ଗଳବାର ରାତିରେ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କାଞ୍ଜିଆ ଗ୍ରାମର ବିଶ୍ୱାଳ ମଙ୍ଗଳବାର ଘରେ ଏକୁଟିଆ ଥିଲେ। ରାତିରେ ଏକୁଟିଆ ଦାଣ୍ଡ ଘରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଘର ପଛପଟ ଝରକା ଭାଙ୍ଗି ଘର ଭିତରକୁ ପଶି ଆଲମାରୀକୁ ଭାଙ୍ଗି ଦେଇଥିଲେ। ସେଥିରେ ଥିବା ୪ଟା ସୁନା ବାହୁଟି, ଶଙ୍ଖା ୨ ହଳ, ଲକେଟ ୨ଟା, କାନଫୁଲ ଦୁଇ ହଳ, ସୁନା ଚେନ ଗୋଟିଏ, ୧୦ ଗ୍ରାମ ଖୁଚୁରା ସୁନା, ରୁପା ପାଉଁଜି ୪ ହଳ ସହିତ ନଗଦ ୧୨ହଜାର ୫ଶହ ଟଙ୍କା ନେଇଯାଇଛନ୍ତି। ବିଶ୍ୱାଳ ବୁଧବାର ସକାଳେ ଉଠିଲା ପରେ ପାଖ ପଡ଼ୋଶୀ ଲୋକେ ତୁମ ଝରକା ଭଙ୍ଗା ଯାଇଥିବା କହିଥିଲେ। ପରେ ଲୁଟ୍ ସମ୍ପର୍କରେ ଥାନାକୁ ଯାଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ ସହିତ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି ବୋଲି ଆଇଆଇସି ସୁରେନ୍ଦ୍ର କୁମାର ଜେନା ସୂଚନା ଦେଇଛନ୍ତି।

### ଅର୍ଥ ଠକେଇ ମାମଲା: ଶିକ୍ଷକ ନିଲମ୍ବିତ

ବରୀ, ୨୪।୯(ମହେନ୍ଦ୍ର ସ୍ୱାଇଁ) ବରୀ ଶିକ୍ଷା ମଣ୍ଡଳ ଅଧୀନ ଗମ୍ଭ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କୁମାର ଶୁକ୍ଳ ଏକ ଅର୍ଥ ଠକେଇ ମାମଲାରେ ଗିରଫ ହୋଇ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ବିଚାରାଧୀନ କଏଦୀ ଭାବେ ହାଜତରେ ଥିଲେ। ତାଙ୍କୁ ବରୀ ଶିକ୍ଷା ମଣ୍ଡଳ ଅଧିକାରିଣୀ ପ୍ରତିଶ୍ରୁତି ସିଂ ପତ୍ର ସଂଖ୍ୟା ୧୯୦୩/୨୩।୦୯।୨୫ରେ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଶିକ୍ଷକ ଶୁକ୍ଳ ନିଜ ଗ୍ରାମରେ ଏକ ସୋସାଇଟି ଗଠନ କରି ଏଥିରେ ଅର୍ଥ ଜମା କଲେ ୫ ବର୍ଷରେ ଦୁଇ ଗୁଣା ହେବ ବୋଲି ଲୋକଙ୍କୁ ପ୍ରଲୋଭିତ କରିଥିଲେ। ଅର୍ଥ ଜମା ନେବା ସହିତ ନିଜ ଦସ୍ତଖତ ପ୍ରାପ୍ତି ସ୍ୱୀକାର ରସିଦ ପ୍ରଦାନ କରୁଥିଲେ। ଅର୍ଥ ଜମା ଅବଧି ୫ ବର୍ଷ ପୂରଣ ହେବା ପରେ ଜମାକାରୀମାନେ ଅର୍ଥ ଫେରସ୍ତ ପାଇଁ ଶୁକ୍ଳଙ୍କ ସହିତ ଯୋଗାଯୋଗ କରିଥିଲେ। ହେଲେ ସେ ଅର୍ଥ ନ ଫେରାଇବାରୁ ସେରପୁର ଗ୍ରାମର ଅମିୟ ପାଣିଗ୍ରାହୀ, କୃଷ୍ଣନଗର ଗ୍ରାମର ମାନସୀ ମହାନ୍ତି, ଅଣିକଣା ଗ୍ରାମର କାଞ୍ଚନବାଳା ଜେନାଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଜମାକାରୀ ପୃଥକ୍ ପୃଥକ୍ ଭାବେ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୨୨୬/୨୫ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଟ୍ରାକ୍ଟର ନ ପାଇବାରୁ ଏସ୍‌ପିଙ୍କୁ ଭେଟିଲେ ମାଲିକ

ପାଣିକୋଇଲି, ୨୩।୯ (ବିକାଶ ଚନ୍ଦ୍ର ମଲ୍ଲିକ) ପାଣିକୋଇଲି ଥାନା ଅନ୍ତର୍ଗତ ବଡବିରୁହାଁ ଗ୍ରାମର ଶ୍ରୀଧର ସ୍ୱାଇଁ ୨୦୨୩ ଫେବୃଆରୀରେ ତାଙ୍କ ଘର ନିକଟ ପାଲାମଣ୍ଡପରୁ ଟ୍ରାକ୍ଟର ଚୋରି ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୨୯/୨୩ରେ ମାମଲା ରୁଜୁ କରିଥିଲେ ବି ଟ୍ରାକ୍ଟର ମିଳି ନ ଥିଲା। ଶ୍ରୀଧର କୌଣସି ସୂତ୍ରରୁ ଉକ୍ତ ଟ୍ରାକ୍ଟରଟି ମୟୂରଭଞ୍ଜରେ ଥିବା ଜାଣି ତାକୁ ଠାବ କରିଥିଲେ। ପାଣିକୋଇଲି ପୋଲିସ ସହାୟତାରେ ଅଗଷ୍ଟ ୨୩ରେ ସେଠାରୁ ଉଦ୍ଧାର କରାଯାଇଥିଲା। ମାତ୍ର ଥାନା ଟ୍ରାକ୍ଟରଟିକୁ ତାଙ୍କୁ ପୋଲିସ ଜିମା ଦେଉନାହିଁ। ଆଜି କାଲି କହି ସମୟ ଗଡାଉଛି। ଫଳରେ ଟ୍ରାକ୍ଟରଟି ପାଇବା ପାଇଁ ଏସ୍‌ପିଙ୍କୁ ସେ ଗୁହାରୀ କରିଛନ୍ତି।

# ନଗଡ଼ା ସ୍କୁଲ ପିଲାଙ୍କ ପାଇଁ ବସ୍ ସେବା ସ୍ୱପ୍ନ

■ ୮ ବର୍ଷ ତଳେ ଆରମ୍ଭ ହୋଇଥିଲା, ୬ ମାସ ଚାଲିଲାନି
■ ଶିକ୍ଷା ଅଧିକାର ପାଇଁ ପୁଣି ଦାବି କଲେ ସାମାଜିକ କର୍ମୀ



ଯାଜପୁର,୨୪।୯(ହର୍ଷବର୍ଦ୍ଧନ ବେହେରା) ଶିଶୁ ଅପପୁଷ୍ଟି ପାଇଁ ଚର୍ଚ୍ଚିତ ନଗଡ଼ା ଏବଂ ଏହାର ନିକଟବର୍ତ୍ତୀ ଉପରନଗଡ଼ା, ତଳ ନଗଡ଼ା, ମଝି ନଗଡ଼ା, ଗୁହିଆଶାଳ ଓ ତୁମୁଣୀ ଗ୍ରାମର ୫୦ରୁ ଅଧିକ ଛାତ୍ରୀଛାତ୍ର ଉପଯୁକ୍ତ ବସ ସେବା ନ ପାଇ ଡ୍ରପ୍‌ଆଉଟ ହେଉଥିବା ଅଭିଯୋଗ ହୋଇଛି। ଏହି ଗ୍ରାମଗୁଡ଼ିକଠାରୁ ସୌରିକ ଉଚ୍ଚ ବିଦ୍ୟାଳୟର ଦୂରତା ଯିବାଆସିବା ପାଖାପାଖି ୪୦ କିମି ହୋଇଥିବାରୁ ପିଲାମାନେ ନବମ ଓ ଦଶମ ଶ୍ରେଣୀ ଶିକ୍ଷାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏ ନେଇ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଜିଲାପାଳ ଅମ୍ବର କୁମାର କରଙ୍କ ସହ ଆଲୋଚନା କରି ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠି ଜରିଆରେ ନଗଡ଼ା ଗ୍ରାମର ପିଲାମାନଙ୍କୁ ବସ ସେବା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏହି ଆଲୋଚନା ସମୟରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ମଙ୍ଗଳ ଅଧିକାରୀ ଶରତ ବେହେରା ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଉପସ୍ଥିତ ରହି ଏହି ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

୨୦୧୭ ଅଗଷ୍ଟ ୧୧ରେ ନଗଡ଼ାବାସୀଙ୍କ ସମେତ ଆଖପାଖ ଲୋକଙ୍କ ପାଇଁ ବସ ଚଳାଚଳ ଆରମ୍ଭ ହୋଇଥିଲା। ଦାନଗଦୀଠାରେ ପ୍ରଶାସନ ପକ୍ଷରୁ ଏକ ବେସରକାରୀ ବସ ଚଳାଚଳର ଉଦ୍‌ଘାଟନ କରାଯାଇଥିଲା। ୬ ମାସ ପର୍ଯ୍ୟନ୍ତ ବସଟି ସୁରୁଖୁରୁରେ ଚାଲିଥିଲା। ଏହିକ୍ରମରେ ଜୁଆଙ୍ଗ ଆଦିବାସୀମାନେ ବସ୍ ଯୋଗେ ଯାତାୟାତରେ କିଛିକାଂଶରେ ଅଭ୍ୟସ୍ତ ହୋଇ ପଡିଥିଲେ। ହେଲେ ଯାନ୍ତ୍ରିକ ତ୍ରୁଟି କାରଣରୁ ବସ୍‌ଟି ଆଉ ନଗଡ଼ାକୁ ଗଡି ନ ଥିଲା। ଏହାକୁ ୮ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି। ହେଲେ ବସ୍‌ଟି କୁଆଡେ ଗଲା ତା'ର ଖୋଜଖବର ମିଳୁନାହିଁ। ନଗଡ଼ାକୁ ଯୋଗାଯୋଗ ସଂଯୋଗ କରିବାକୁ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରି ପାହାଡ଼ କାଟି ଯେଉଁ ରାସ୍ତା ନିର୍ମାଣ ହୋଇଥିଲା ଏବେ ତାହା କେତେଜଣ ସରକାରୀ ବାବୁଙ୍କ ଗାଡି ଚଳାଚଳ ପାଇଁ କେବଳ ଉଦ୍ଦିଷ୍ଟ ବୋଲି ଚର୍ଚ୍ଚା ହେଉଛି। ୨୦୧୬ ଜୁଲାଇରେ ନଗଡ଼ାରେ ଶିଶୁ ମୃତ୍ୟୁ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମେ ରାସ୍ତା ନିର୍ମାଣ ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା। ଗମନାଗମନ ବିନା ବିକାଶ ଅସମ୍ଭବ ବୋଲି ସେତେବେଳେ ମତପ୍ରକାଶ ପାଇଥିଲା। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅଶୋକଝରଠାରୁ ଲୋୟର ନଗଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇଥିଲା। ଏହାପୂର୍ବରୁ ତଳ ନଗଡ଼ା, ମଝି ନଗଡ଼ା ଓ ଉପରନଗଡ଼ାକୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ତଥା ପାନୀୟ ଜଳ ଭଳି ମୌଳିକ ସୁବିଧା ସାତସପନ ହୋଇଥିଲା। ଏବେବି ତୁମୁଣି ଓ ଗୁହିଆଶାଳକୁ ରାସ୍ତା ନିର୍ମାଣ ହୋଇପାରିନାହିଁ। ସେଠାକାର ଗ୍ରାମବାସୀ ପାହାଡ଼ ଜଙ୍ଗଲ ଭିତରେ ପାଦଚଲା ରାସ୍ତାରେ ଯିବା ଆସିବା କରୁଛନ୍ତି। ସେଠାରେ ଏବେ ବି ସ୍ୱାସ୍ଥ୍ୟ, ଶିକ୍ଷା ଭଳି ମୌଳିକ ସୁବିଧା ଠିକ୍ ଭାବେ ପହଞ୍ଚି ପାରିନାହିଁ। ଅନୁରୂପ ଭାବେ ନଗଡ଼ା ଓ ସେଠାରେ ବସବାସ କରୁଥିବା ଜୁଆଙ୍ଗ ଆଦିବାସୀ ଲୋକଙ୍କ ଅବସ୍ଥା ଶୋଚନୀୟ ଅବସ୍ଥାରେ ରହିଛି। କେବଳ ଗମନାଗମନ ସୁବିଧା ନ ଥିବାରୁ ସରକାରଙ୍କ କୌଣସି ଯୋଜନା ନଗଡ଼ାରେ ପହଞ୍ଚି ପାରି ନ ଥିଲା। ନଗଡ଼ା ଆଦିବାସୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ସପନ ପରି ଲାଗୁଥିଲା। ସାମାଜିକ ଦାୟିତ୍ୱବୋଧକୁ ଖଣି କମ୍ପାନୀମାନେ ଭୁଲି ଯାଇଥିଲେ। ତେବେ ରାସ୍ତା ନିର୍ମାଣ ହେବା ପରେ ବସ୍ ସେବା ମଧ୍ୟ କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ସେହି ବସ୍ ସେବା ଏବେ ନଗଡ଼ାବାସୀଙ୍କୁ ସପନ ଭଳି ଲାଗୁଛି ବୋଲି ମତପ୍ରକାଶ ପାଇଛି।

# ମା' ଚଣ୍ଡୀ ମନ୍ଦିରରେ ନବରାତ୍ର ପୂଜା

ବଡ଼ଚଣା,୨୪।୯(ଦିଲୀପ କୁମାର ମହାନ୍ତି)



ରାଜ୍ୟର ସମସ୍ତ ଦେବୀ ପୀଠରେ ନବରାତ୍ର ପୂଜା ଉତ୍ସବ ପାଳିତ ହେଉଛି। ଏହିକ୍ରମରେ ବଡଚଣା ବ୍ଲକ ଅନ୍ତର୍ଗତ ବାରୁଣୀବନ୍ତ ପର୍ବତର ମଧ୍ୟ ଭାଗରେ ମା' ଚଣ୍ଡୀଙ୍କ ମନ୍ଦିର। ଏହି ଚଣ୍ଡିମାତା ମନ୍ଦିରକୁ ବାବା ଭୈରବାନନ୍ଦ ବ୍ରହ୍ମଚାରୀ ନିର୍ମାଣ କରି ପୂଜା ଉତ୍ସବ ପାଳନ କରିବା ସହିତ ଦଶହରା ସମୟରେ ପ୍ରତିପଦଠାରୁ ନବରାତ୍ର ପୂଜା କରୁଥିଲେ। ବାବାଙ୍କ ମହାପ୍ରୟାଣଠାରୁ ପ୍ରତ୍ୟେକ ବର୍ଷ ଏହି ନବରାତ୍ର ପୂଜା ହୋଇ ଆସୁଛି। ଚଳିତବର୍ଷ ପଣ୍ଡିତ ସନ୍ତୋଷ କୁମାର ପାଢ଼ୀ ଏବଂ ପଣ୍ଡିତମାନେ ମା' ଚଣ୍ଡୀଙ୍କ ପୀଠରେ ନବରାତ୍ର ପୂଜା କରୁଛନ୍ତି। ବୁଧବାର ୩ୟ ଦିବସରେ ମା' ଚଣ୍ଡୀଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ପୂଜା କରାଯାଇଛି। ଏହି ନବରାତ୍ର ପୂଜା ବିଜୟା ଦଶମୀ ପର୍ଯ୍ୟନ୍ତ ଚାଲିବ। ଦଶହରା ଦିନ ନବ କନ୍ୟାଙ୍କୁ ଚଣ୍ଡୀ ମାତାଙ୍କ ସମ୍ମୁଖରେ ବସାଇ ପୂଜା କରାଯିବ। ପ୍ରତ୍ୟେକ ଦିନ ଯଜ୍ଞରେ ଆହୁତି ଦିଆଯାଇ ଥାଏ। କର୍ତ୍ତା ଭାବେ ଚଣ୍ଡିମାତା ଟ୍ରଷ୍ଟିର କାର୍ଯ୍ୟକର୍ତ୍ତା ବ୍ରଜ କିଶୋର ଜେନା ଦାୟିତ୍ୱ ବହନ କରୁଛନ୍ତି। ଉତ୍ସବରେ ଟ୍ରଷ୍ଟିର ସଭ୍ୟ ତଥା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶେଷଦେବ ନାୟକ, ଶିଳ୍ପପତି ଶ୍ରୀବାସ ଜେନା, ବସନ୍ତ କୁମାର ସ୍ୱାଇଁ, ଶିବରାମ ସାହୁ, ଚଣ୍ଡୀ ମାତାଙ୍କ ସେବକ ଅନନ୍ତ ବେହେରାଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ସ୍ତ୍ରୀ ହତ୍ୟା ଅଭିଯୋଗ, ଥାନାରେ ସ୍ୱାମୀ ଅଟକ

ରସୁଲପୁର,୨୪।୯(ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ହରିପୁର ଗ୍ରାମର ମାଧବାନନ୍ଦ ବାରିକଙ୍କ ସ୍ତ୍ରୀ ମଧୁସ୍ମିତା(୨୪)ଙ୍କର ମଙ୍ଗଳବାର ରାତିରେ ସନ୍ଦେହଜନକ ଭାବରେ ମୃତ୍ୟୁ ଘଟିଛି। ମୃତା ମଧୁସ୍ମିତାଙ୍କ ବାପଘର ଲୋକଙ୍କ ପକ୍ଷରୁ ତାଙ୍କ ଝିଅକୁ ମାରି ଦିଆଯାଇଛି ବୋଲି ଦର୍ଶାଇ ଭାଇ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ମହିଳାର ସ୍ୱାମୀଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। ମାଧବାନନ୍ଦ ୫ବର୍ଷ ତଳେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମର ମଧୁସ୍ମିତାଙ୍କୁ ବୈଦିକ ମତେ ବିବାହ କରିଥିଲେ। ବିବାହ ପରଠାରୁ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ମତାନ୍ତର ଘଟୁଥିଲା। ଶାଶୁଘର ଲୋକେ ମଧୁସ୍ମିତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ହଠାତ୍ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ତାଙ୍କ ମୃତ୍ୟୁ ହୋଇଥିବା ଖବର ବାପଘର ଲୋକେ ଜାଣିବାକୁ ପାଇଥିଲେ। ଏହି ଖବରକୁ ସେ ବିଶ୍ୱାସ କରିପାରି ନ ଥିଲେ। ମଧୁସ୍ମିତାଙ୍କୁ ମାରି ଦେଇ ଦେହ ଅସୁସ୍ଥତା କାରଣରୁ ମୃତ୍ୟୁ ଘଟିଛି ବୋଲି ଦର୍ଶାଇବାକୁ ପ୍ରୟାସ କରାଯାଉଥିବା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ମଧୁସ୍ମିତାଙ୍କ ମୃତଦେହକୁ ଡାକ୍ତରଖାନାରୁ ଜବତ କରିବା ସହ ବୁଧବାର ବାପଘର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରିଥିବା ଜଣାଯାଇଛି। ଏ ନେଇ ପୋଲିସ ନଂ. ୩୭୪/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଟକ ସ୍ୱାମୀ ମାଧବାନନ୍ଦଙ୍କୁ ପୋଲିସ ପଚରାଉଚୁରା କରିବା ସମୟରେ ତାଙ୍କ ସ୍ତ୍ରୀଙ୍କ ଦେହ ଅସୁସ୍ଥ ଥିଲା। ସେ ଔଷଧ ଖାଇ ଶୋଇଥିବା ସମୟରେ ଅଧିକ ଅସୁସ୍ଥ ହୋଇପଡିଥିଲେ। ତାଙ୍କର ଦେହ ଥଣ୍ଡା ପଡିଯାଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ମଧୁସ୍ମିତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ ବୋଲି ସେ ପୋଲିସ ସମ୍ମୁଖରେ ପ୍ରକାଶ କରିଥିବା ପୋଲିସ ସୂତ୍ରରୁ ଜଣାଯାଇଛି।

# ବଜରଙ୍ଗ ଦଳ ପକ୍ଷରୁ ଥାନା ଆଗରେ ବିକ୍ଷୋଭ




ଯାଜପୁର ଟାଉନ ଥାନା ସମ୍ମୁଖରେ ଆନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଯାଜପୁରଟାଉନ, ୨୪।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଟାଉନ ଥାନା ରିଂ ରୋଡ଼ ମେଡ଼ିକାଲ କଲେଜ ନିକଟସ୍ଥ ମଙ୍ଗଳା ମନ୍ଦିର ସମ୍ମୁଖ ରାସ୍ତାରେ ମଙ୍ଗଳବାର ରାତିରେ ଗୋରୁ ମୁଣ୍ଡ ଓ ଚମଡ଼ା ପଡ଼ିଥିଲା। ଏହି ଘଟଣାର ପ୍ରତିବାଦ କରି ବୁଧବାର ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆଇଆଇସି ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବେଆଇନ କଂସେଇ ଖାନା ବନ୍ଦ କରାଯାଉ, ଏହାଦ୍ୱାରା ଭାଇଚାରା ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ବିଭିନ୍ନ ସମୟରେ ରାସ୍ତା ଉପରେ ଗୋରୁ କଟା ମୁଣ୍ଡ, ଚମଡ଼ା, ମାଂସ, ହାଡ଼ ପକାଯାଉଥିବାରୁ ହିନ୍ଦୁଙ୍କର ଧାର୍ମିକ ଭାବନା ପ୍ରତି କୁଠାର ଘାତ କରାଯାଉଛି। ଏହି ବ୍ୟକ୍ତିଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। କିଛି ମାସ ପୂର୍ବରୁ ପ୍ରଶାସନର ନିର୍ଦ୍ଦେଶକ୍ରମେ କଂସେଇ ଖାନା ସିଲ୍ କରାଯାଇଥିବା ବେଳେ କିପରି ଏହା ଚାଲୁଛି ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ୨୦୧୯ ଅଗଷ୍ଟ ୧୫ରେ ବୈତରଣୀ ନଦୀ କୂଳରେ ଗୋ-ମାଂସ ଭରା ବସ୍ତା ଠାବ କରାଯାଇଥିଲା। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେତେବେଳେ ସହରରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାର ଯେପରି ପୁନରାବୃତ୍ତି ନ ଘଟିବ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ବଜରଙ୍ଗ ସଂଯୋଜକ ଚିନ୍ମୟ ଚିର ସୁନ୍ଦର ପରିଡ଼ା, ଗୋ ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ଅନିଲ ଦାସ, ଚନ୍ଦ୍ରକାନ୍ତ ଜେନା, ଗୌତମ ପ୍ରସାଦ ସାହୁ, ବଙ୍ଗନ ଖିଲାର, ଦେବବ୍ରତ ମିଶ୍ର, ଅମୀୟ ମହାନ୍ତି, ପ୍ରଣୟ ଘଡ଼ାଇ ସମେତ ସଂଘର ଶତାଧିକ କାର୍ଯ୍ୟକର୍ତ୍ତା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

## ପୁଅକୁ କଟୁରିରେ ହାଣି ହତ୍ୟା ଘଟଣାରେ ବାପା କୋର୍ଟଚାଲାଣ

ଜେନାପୁର, ୨୪।୯ (ଅଶୋକ ଦାସ) ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଏଣ୍ଡଲବା ପଞ୍ଚାୟତ ବିଛାଖଣ୍ଡି ଗ୍ରାମର ଶବର ସାହିର କଣ୍ଢ ନାୟକ (୬୫) ମଙ୍ଗଳବାର ରାତିରେ ପୁଅ ଶମ୍ଭୁ(୩୨)ଙ୍କୁ ଏକ କଟୁରିରେ ହାଣି ହତ୍ୟା କରିଥିଲେ। ଏହି ଅଭିଯୋଗରେ ପୋଲିସ ବାପା କଣ୍ଢଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗ୍ରାମର କଣ୍ଢ, ପୁଅ ଶମ୍ଭୁ ପାହାଡରେ ନିୟୋଜିତ ହେଉଥିବା କମ୍ପ୍ରେସର୍‌ରେ କାମ କରନ୍ତି। ସବୁଦିନ ଭଳି ମଙ୍ଗଳବାର ସନ୍ଧ୍ୟାରେ ଘରକୁ ଫେରିବା ପରେ ପରିବାରରେ ଝଗଡା ଲାଗିଥିଲା। କଣ୍ଢ ପୁଅକୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କଳି ଉଗ୍ରରୂପ ନେଇଥିଲା। ଏଥିରେ କଣ୍ଢ ଉତ୍ତେଜିତ ହୋଇ ଘରେ ଥିବା ଏକ ଧାରୁଆ କଟୁରିରେ ପୁଅ ବେକକୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ପୁଅ ଶମ୍ଭୁ ଗୁରୁତର ହୋଇଥିବା ବେଳେ ପରିବାର ଲୋକେ ଧର୍ମଶାଳା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ କଣ୍ଢଙ୍କୁ ଗିରଫ କରିବା ସହ କଟୁରି ଜବତ କରିଥିଲା। ବୁଧବାର ପୋଲିସ କଣ୍ଢଙ୍କ ବିରୋଧରେ ନଂ. ୩୩୨/୨୫ରେ ହତ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ନିରୁପମା ଜେନା କହିଛନ୍ତି।

## ଶାନ୍ତି କମିଟିକୁ ଡକାଯାଇ ନ ଥିବାରୁ ଅଧାରୁ ଅଟକିଲା ବୈଠକ

ଯାଜପୁରଟାଉନ,୨୪।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁରର ଗଣପର୍ବ ମା' ଶ୍ୟାମାକାଳୀ ପୂଜାକୁ ନେଇ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପାଇଁ ବୁଧବାର ଆୟୋଜନ କରାଯାଇଥିଲା। ବୈଠକରେ ସମସ୍ତ ପୂଜା କମିଟି ଉପସ୍ଥିତ ରହିବାକୁ ସୂଚନା ଦିଆଯାଇଥିଲା। ଅପରାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା କ୍ଷଣି ଶାନ୍ତି କମିଟିକୁ ଡକାଯାଇ ନ ଥିବାରୁ ପୂଜା କମିଟିର କର୍ମକର୍ତ୍ତା ଘୋର ବିରୋଧ କରିଥିଲେ। ପରେ ପୂଜା କମିଟିର କର୍ମକର୍ତ୍ତା ବୈଠକ ସ୍ଥଳରୁ ଉଠି ଚାଲି ଆସିଥିଲେ। ଏପରିକି ବୈଠକକୁ କେତେଗୋଟି ପୂଜା କମିଟିର କର୍ମକର୍ତ୍ତାଙ୍କୁ ସୂଚନା ଦିଆଯାଇନାହିଁ ବୋଲି ବରିଷ୍ଠ ପୂଜା କମିଟି ତଥା ଶାନ୍ତି କମିଟିର ସଦସ୍ୟ କର୍ଣ୍ଣାଟକେଶରୀ ଦାସ ଅଭିଯୋଗ କରିଥିଲେ। ଅନୌପଚାରିକ ଭାବେ ସମସ୍ତ ପୂଜା କମିଟିକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କୁ ଏ ନେଇ ଅବଗତ କରାଯାଇଥିଲା। ଯଦି ଶାନ୍ତି କମିଟି ନୂତନ ଭାବେ ଗଢ଼ା ଯିବ ତେବେ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହା କରାଯାଉ ବୋଲି ଦାସ କହିଥିଲେ। କିନ୍ତୁ ଏହା କରା ନ ଯାଇ ରାଜନୀତିକରଣ କରାଯାଉଛି ବୋଲି କହିବା ସହ ବୈଠକ ସ୍ଥଳରୁ ଉଠି ଚାଲି ଯାଇଥିଲେ। ପରେ ଅଧିକାଂଶ ପୂଜା କମିଟିର କର୍ମକର୍ତ୍ତା ସଭାସ୍ଥଳ ଛାଡ଼ି ପଳାଇ ଆସିଥିଲେ। ବୈଠକରେ ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲାପାଳ(ପ୍ରଶାସନ) ଯୁଧିଷ୍ଠିର ନାୟକ, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର, ବରିଷ୍ଠ ପୂଜା କମିଟିର କର୍ମକର୍ତ୍ତା ବଳଭଦ୍ର ଦାସ, ବଟକୃଷ୍ଣ ମହାପାତ୍ର, ମନୋଜ କୁମାର ସାହୁ ସମେତ ଅଧିକାଂଶ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମଦ୍ୟପ ଚାଳକଙ୍କ ଯାଞ୍ଚ: ଜରିମାନା ଆଦାୟ

ପାଣିକୋଇଲି, ୨୪।୯ (ବିକାଶ ଚନ୍ଦ୍ର ମଲ୍ଲିକ): ଯାଜପୁର ପରିବହନ ବିଭାଗ ଓ ପାଣିକୋଇଲି ପୋଲିସ ମିଳିତ ସହଯୋଗରେ ବୁଧବାର ପାଣିକୋଇଲି ବଜାରରେ ମଦ୍ୟପ ଚାଳକଙ୍କୁ ଯାଞ୍ଚ କରାଯାଇଥିଲା। ୮ଟି ଗାଡ଼ିରୁ ୯୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିରେ ଜୁନିଅର ଏମ୍‌ଭିଆଇ ପ୍ରତିଶ୍ରୁତି ମଲ୍ଲିକ, ସୁରେଶ କୁମାର ପତି, ରାଜେଶ ମଙ୍ଗରାଜ, ଥାନା ଏଏସ୍‌ଆଇ ଶରତ ଚନ୍ଦ୍ର ବେହେରାଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ।

## ୱାର୍ଲଡବୁକ୍‌ଅଫରେକର୍ଡସ୍‌ରେ ସ୍ଥାନ ପାଇଲେ ଅବିନାଶ



ମାନପତ୍ର ଓ ପଦକ ସହ ଅବିନାଶ ପରିଡ଼ା।

ରସୁଲପୁର,୨୪।୯(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ୧ନଂ. ୱାର୍ଡରେ ମା' ସତ୍ୟଭାମା ମହାରଣା ଓ ପିତା ଅଭୟ କୁମାର ପରିଡାଙ୍କ ୩ ବର୍ଷୀୟ ଶିଶୁପୁତ୍ର ଅବିନାଶ ତୀକ୍ଷ୍ଣ ବୁଦ୍ଧିମତ୍ତାର ପରିଚୟ ଦେଇ ୱାର୍ଲଡ୍‌ୱାଡି ବୁକ୍ ଅଫ ରେକର୍ଡସ୍‌ରେ ସ୍ଥାନ ପାଇପାରିଛନ୍ତି। ଆୟୋଜକ ସଂସ୍ଥା ପକ୍ଷରୁ ଏହି ପ୍ରତିଯୋଗିତା ୩ରୁ ୫ବର୍ଷର ଶିଶୁମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଅବିନାଶ ଅନ୍ୟ ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ରେକର୍ଡ ସୃଷ୍ଟି କରିଛନ୍ତି। ଏ ଖବର ପ୍ରଚାରିତ ହେବା କ୍ଷଣି ରସୁଲପୁର ବ୍ଲକ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। କୁନି ପ୍ରତିଭା ଅବିନାଶ ଓ ତାଙ୍କ ପରିବାରବର୍ଗ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଅବିନାଶଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ତାଙ୍କର ସମ୍ପର୍କୀୟ, ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବ ଓ ପରିବାର ସଦସ୍ୟଗଣ। ଜେଜୀ ଦେବକୀ ପରିଡା ଓ ଜେଜେ ଅମଳ୍ଲ୍ୟ ପରିଡା ନାତିର ଶୁଭ ମନାସିଛନ୍ତି। ୱାର୍ଲଡୱାଡି ବୁକ୍ ଅଫ ରେକର୍ଡସ୍ ସଂସ୍ଥା ପକ୍ଷରୁ ୨୦୨୫ ଅଗଷ୍ଟ ୨୮ ରେ ଶିଶୁମାନଙ୍କ ମାନସିକ ଦକ୍ଷତା ପରୀକ୍ଷା କରାଯାଇଥିଲା। ଏହି ପ୍ରତିଯୋଗିତାରେ ଯାଜପୁର ଜିଲାରୁ ଅଂଶ ଗ୍ରହଣ କରିଥିବା ଅବିନାଶ ୪ ମିନିଟ୍ ୧୫ ସେକେଣ୍ଡ ସମୟ ବ୍ୟବଧାନରେ ୧୮୦ଟି ଦେଶର ଜାତୀୟ ପତାକାର ନାମକୁ ଆବୃତ୍ତି କରି ବୁକ୍ ଅଫ ରେକର୍ଡସ୍‌ରେ ସ୍ଥାନ ଅଧିକାର କରିବାକୁ ସକ୍ଷମ ହୋଇଥିଲେ।

# ଧର୍ମଶାଳା ବ୍ଲକ୍ ପ୍ରଶାସନ ଉଠାଇଲା ଅଳିଆ

ଧର୍ମଶାଳା,୨୪।୯(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଗେଟ ସମ୍ମୁଖରେ ପାଣି ଜମି ରହୁଥିଲା। ଫଳରେ ଯାତାୟାତରେ ସମସ୍ୟା ହେଉଥିବା ନେଇ ଧରିତ୍ରୀ ଖବରକାଗଜରେ ଅଳିଆ ଆର୍ବଜନା ଯୋଗୁ ପାଣି ଜମୁଥିବା ଖବରପ୍ରକାଶ ପାଇଥିଲା। ଫଳରେ ବୁଧବାର ବ୍ଲକ ସମ୍ମୁଖରେ ଥିବା ଡ୍ରେନଗୁଡ଼ିକୁ ସଫା କରାଯିବା ସହ ଅଳିଆ ଆବର୍ଜନାକୁ ଟ୍ରାକ୍ଟରରେ ଲୋଡ କରି ଅନ୍ୟତ୍ର ସ୍ଥାନକୁ ନିଆଯାଇଛି। ବ୍ଲକ ଅଧୀନରେ ୪୫ଟି ପଞ୍ଚାୟତ ରହିଛି। ପ୍ରତ୍ୟେକ ଦିନ ବୃଦ୍ଧାବୃଦ୍ଧଠାରୁ ଆରମ୍ଭ କରି ମହିଳା ପର୍ଯ୍ୟନ୍ତ ବହୁ ଲୋକ ସେମାନଙ୍କ ସମସ୍ୟା ନେଇ ବ୍ଲକ୍‌କୁ ଆସିଥାନ୍ତି। ମାତ୍ର ବ୍ଲକ ନିଜେ ସମସ୍ୟା ଘେରରେ ଥିବାରୁ ଏହାର ସମାଧାନ କରିବା ସ୍ଥାନୀୟ ଲୋକେ ପ୍ରଶାସନ ପାଖେ ନିବେଦନ କରିଥିଲେ। ଜାରକା ଅଞ୍ଚଳରେ ବହୁ ଅର୍ଥ ଖର୍ଚ୍ଚ କରାଯାଇ ଡ୍ରେନେଜ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଠିକ ଭାବେ ସଫେଇ ଅଭାବରୁ ଏହା ପୋତି ହେବା ସହ ରାସ୍ତା ଉପରେ ପାଣି ଜମୁଥିବା ଦେଖିବାକୁ ମିଳୁଛି। ତେଣୁ ପ୍ରଶାସନ ପକ୍ଷରୁ ଏହା ଉପରେ ଦୃଷ୍ଟି ଦେବା ସହ ଏହାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି କରାଯାଇଛି।



ଧର୍ମଶାଳା ବ୍ଲକ ପକ୍ଷରୁ ଟ୍ରାକ୍ଟର ଯୋଗେ ଅଳିଆ ଉଠା ଯାଉଛି।

# ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚାମ୍ପିୟନ

## ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ

ପାଣିକୋଇଲି, ୨୩।୯ (ବିକାଶ ଚନ୍ଦ୍ର ମଲ୍ଲିକ) ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ୍ରମେ ଯାଜପୁର ଜିଲା ଚିତାଳେ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବୁଧବାର ବାଳକ ବିଭାଗରେ ପାଣିକୋଇଲିର ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଢେଙ୍କାନାଳ ଜିଲା ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ହରାଇ ଚାମ୍ପିୟନ ହୋଇଛି। ଜୋନ-୧ରେ ଯାଜପୁର, ବାଲେଶ୍ୱର ଓ ଢେଙ୍କାନାଳ ଜିଲାର ୧୭ଟି ଟିମ ଭାଗ ନେଇଥିବାବେଳେ ପ୍ରଥମ ମ୍ୟାଚରେ ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋରାଇସ୍ଥିତ କାହ୍ନୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୩୫-୧୮ ପଏଣ୍ଟରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନରସିଂହ ଚୌଧୁରୀ ବିଦ୍ୟାଳୟକୁ ୪୨-୧୭ ପଏଣ୍ଟରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ମା' ତରିଣୀ ମହାବିଦ୍ୟାଳୟ ବରୁଣେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୨୮-୧୭ ପଏଣ୍ଟରେ ପରାସ୍ତ କରି ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲା। ଫାଇନାଲ ରାଉଣ୍ଡରେ ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇନ୍ଦୁପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ବିଜୟ ପରେ କଲେଜ ଅଧ୍ୟକ୍ଷା ବସନ୍ତ ମଞ୍ଜରୀ ସାହୁ, ଅଧ୍ୟାପକ ସୋମନାଥ ପତି, ପ୍ରଭାମୟୀ ସାମଲ ପ୍ରମୁଖ ଖେଳାଳିଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିରେ ଟିମର ମ୍ୟାନେଜର ଭାବେ ଅଧ୍ୟାପକ ଶୁଭକାନ୍ତ ପାତ୍ର ଯୋଗଦାନ କରିଥିଲେ।




ବିଦ୍ୟାଳୟରେ ଚାମ୍ପିୟନ ଦଳକୁ ସ୍ୱାଗତ କରାଯାଉଛି।

# ନିର୍ବାଚନମଣ୍ଡଳୀ ବିଲୋପ ପରେ ଅବହେଳିତ ପଟ୍ଟାମୁଣ୍ଡାଇ

**ପଟ୍ଟାମୁଣ୍ଡାଇ, ୨୪।୯ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ପଦ ଖାଲିପଡ଼ିଛି। ସରକାରୀ ଯୋଜନାକୁ କାର୍ଯ୍ୟାନ୍ୱୟନ କରିବା ପାଇଁ ଆବଶ୍ୟକ କର୍ମଚାରୀ ନାହାନ୍ତି। ଅଧିକାରୀଙ୍କଠାରୁ ଆରମ୍ଭକରି ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ ବହୁ ପଦ ଖାଲି ପଡ଼ିଛି। ରାଜନଗର, କେନ୍ଦ୍ରାପଡ଼ା ଓ ଆଳି ଅଞ୍ଚଳର ଏକାଧିକ ବିଭାଗୀୟ ଅଧିକାରୀ ଭାରପ୍ରାପ୍ତ ଦାୟିତ୍ୱରେ କାମ କରୁଛନ୍ତି। ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ନିର୍ବାଚନମଣ୍ଡଳୀ ଉଚ୍ଛେଦ ପରେ ପଟ୍ଟାମୁଣ୍ଡାଇର ନେତୃତ୍ୱ ଶୂନ ପାଇଁ ସବୁକ୍ଷେତ୍ରରେ ଅବହେଳିତ ହୋଇପଡ଼ିଛି। ଫଳରେ ଏଠାରେ ବିକାଶ ଅପହଞ୍ଚ ହୋଇଛି। ରାଜ୍ୟର ସମସ୍ତ ବ୍ଲକ ଓ ପୌର ପରିଷଦଠାରୁ ପଟ୍ଟାମୁଣ୍ଡାଇ ବ୍ଲକ ପଛରେ ଥିବା ଅଞ୍ଚଳବାସୀ ଅନୁଭବ କରୁଥିବା ବେଳେ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ଜନସାଧାରଣଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ଶତ୍ରୁଜିତ ନାୟକ କୁହନ୍ତି, ପଟ୍ଟାମୁଣ୍ଡାଇବାସୀଙ୍କ ଶୂନ ନେତୃତ୍ୱ ପାଇଁ ସବୁକ୍ଷେତ୍ରରେ ଷଡ଼ଯନ୍ତ୍ରର ଶିକାର ହୋଇଆସୁଛି। ଗମନାଗମନ, ପରିବହନ, ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି କ୍ଷେତ୍ରରେ ସହରକୁ ଅଣଦେଖା କରାଯାଉଛି। ବିଭିନ୍ନ ବିଭାଗରେ ଏମିତି ୨/୪ ଡଜନରୁ ଅଧିକ ପଦ ଖାଲି ପଡ଼ିଛି। ଶିକ୍ଷା ବିଭାଗରେ ସର୍ବାଧିକ ପଦ ଖାଲି ପଡ଼ିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗରେ ବହୁ ପଦ ଫାଙ୍କା ରହିଛି। ଗୃହ ବିଭାଗରେ ଏକାଧିକ ପଦ ଖାଲି ଥିବାବେଳେ ରାଜସ୍ୱ ବିଭାଗରେ ପ୍ରାୟ ୧୧ କର୍ମଚାରୀ ନାହାନ୍ତି। ସେହିପରି ପଞ୍ଚାୟତିରାଜ ବିଭାଗରେ ୧୦ ଅଧିକ ପଦ ଖାଲି ପଡ଼ିଛି। ଜଳ ସମ୍ପଦରେ ଏସ୍‌ଡିଓ ନାହାନ୍ତି,ପୂର୍ତ୍ତ ବିଭାଗରେ କନିଷ୍ଠ ଯନ୍ତ୍ରୀ କି ଏସ୍‌ଡିଓ ନ ଥିବା ବେଳେ ଭାରପ୍ରାପ୍ତ (ଆଇସିୟୁ)ରେ କାର୍ଯ୍ୟ ଚାଲିଛି। ଗ୍ରାମ୍ୟ ଉନ୍ନୟନ ବିଭାଗରେ କୌଣସି ଅଧିକାରୀ ନ ଥିବା ବେଳେ କାର୍ଯ୍ୟାଳୟ ଏକ ପ୍ରକାର ସ୍ଥାଣୁ ପାଲଟିଯାଇଛି। ଫଳରେ କୋଠାବାଡ଼ି ରାସ୍ତାଘାଟ ଶୋଚନୀୟ ହୋଇ ପଡ଼ିଛି। ପାନୀୟଜଳ ପରିମଳ, କୃଷି, ମତ୍ସ୍ୟ ସମ୍ପଦ ବିଭାଗରେ ବହୁ ପଦ ଖାଲି ପଡ଼ିଛି। କର୍ମଚାରୀଙ୍କ ଅଭାବରୁ ସରକାରୀ ଯୋଜନା ଠିକ୍ ରୂପାୟନ ହୋଇପାରୁନାହିଁ। ପୌର

- ଦୃଢ଼ ନେତୃତ୍ୱ ଅଭାବରୁ ବିକାଶ ଦୂରରେ
- ବିଭିନ୍ନ କାର୍ଯ୍ୟାଳୟରେ ପଦବୀ ଖାଲି
- ଭଡ଼ାଟିଆରେ ଚାଲିଛି ଅଫିସ୍

ପରିଷଦରେ ଆବଶ୍ୟକ ଅଧିକାରୀ ନ ଥିବାରୁ ଏବେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦିଆଯାଉଛି। ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳ ବିକାଶ ଯୋଜନ ଦୂରରେ ରହିଯାଇଛି।

ସାମାଜିକ କର୍ମୀ ରମେଶ ଦେବ ପଟ୍ଟାମୁଣ୍ଡାଇ ସହରରେ ଆଜି ପର୍ଯ୍ୟନ୍ତ ଆଖିଦୃଶିଆ ବିକାଶ ସ୍ପର୍ଶ କରିନାହିଁ। ୪୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ଏହି ଅଞ୍ଚଳରେ [illegible] ବୟସରେ ପୁରୁଣ ଡାକ୍ତରଖାନାଟିଏ ଅଛି। ସମସ୍ତ ଆନୁଷଙ୍ଗିକ ଚିକିତ୍ସା ଅଛି, ଏଥିରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଦୀର୍ଘବର୍ଷ ହେଲା ବିନା ବିଶେଷଜ୍ଞରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ର। ୨ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଥିବା କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ଦୀର୍ଘ ବର୍ଷ ହେଲା ଭାରପ୍ରାପ୍ତ ଅଧ୍ୟକ୍ଷରେ କାମ ଚାଲିଛି। ଶିକ୍ଷାବିତ୍ ପ୍ରେମାନନ୍ଦ ପଣ୍ଡା କୁହନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଏକାଧିକ ଗ୍ରାମାଞ୍ଚଳର ସଡ଼କ ଅବସ୍ଥା ଶୋଚନୀୟ। ଆଜି ବି ଏମିତି ଗାଁ ଅଛି ଯେଉଁଠିକି ପକ୍କା ସଡ଼କ ନାହିଁ। ୩୭ ବର୍ଷର ପୌର ପରିଷଦ ସହରର ମୁଖ୍ୟ ସଡ଼କ କଥା ନ କହିବା ଭଲ, ସହର ପାଇଁ ଅତି ଆବଶ୍ୟକ ବାଇପାସ୍ ସଡ଼କ ହୋଇପାରୁନାହିଁ। ପାନୀୟଜଳ ସମସ୍ୟା ଲାଗି ରହିଛି। ଡ୍ରେନ୍ ମରାମତି ହୋଇପାରୁନାହିଁ, ଫଳରେ ବିଭିନ୍ନ ସମୟରେ ଡ୍ରେନ୍ ପାଣି ଲୋକଙ୍କ ଘରେ ପଶିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଅନେକ ସମସ୍ୟା ରହିଛି, ଯାହାର ସମାଧାନ ହୋଇପାରୁନାହିଁ। ସରକାରୀସ୍ତରରେ ଯାହା ବିକାଶ ହେଉଛି ତାହା କେବଳ କାଗଜକଲମରେ ବାସ୍ତବରେ ବିକାଶ ଛୁଇଁ ହୋଇ ନ ଥିବା ଅଭିଯୋଗ ହୋଇଛି।

ଆଇନଜୀବୀ ରାମକୃଷ୍ଣ ଦାଶ କୁହନ୍ତି, ୨୦୦୯ ସୀମା ପୁନଃ ନିର୍ଦ୍ଧାରଣ ପରେ ପଟ୍ଟାମୁଣ୍ଡାଇ ସଂରକ୍ଷିତ ନିର୍ବାଚନ ଆସନର ବିଲୋପ ଘଟି ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୧୯ ପଞ୍ଚାୟତ, ପୌରାଞ୍ଚଳ ଏବଂ ରାଜନଗର ବ୍ଲକ୍‌ର ୨୯ ପଞ୍ଚାୟତକୁ ନେଇ ନୂତନ ରାଜନଗର ନିର୍ବାଚନମଣ୍ଡଳୀ ଗଠନ କରାଯିବା ସହ ୧୨ ପଞ୍ଚାୟତକୁ ନେଇ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ସହିତ ମିଶାଇ ଦିଆଗଲା। ଜନସାଧାରଣଙ୍କ ନିଷ୍ପତ୍ତିରେ ପୌର ପରିଷଦ, ବ୍ଲକ, ବିଧାନସଭା, ସଂସଦୀୟ କ୍ଷେତ୍ର ଜନପ୍ରତିନିଧିମାନେ ଜନତାଙ୍କୁ ବିକାଶର ପ୍ରତିଶ୍ରୁତି ଦେଇ ନିର୍ବାଚିତ ହୋଇଆସୁଛନ୍ତି। କିନ୍ତୁ ଅଞ୍ଚଳର ସେପରି ବିକାଶ ହୋଇପାରିନାହିଁ। ମାତ୍ର ସେମାନଙ୍କର ବ୍ୟକ୍ତିଗତ ଭାବେ ଯଥେଷ୍ଟ ଉନ୍ନତି ହୋଇଥିବା ନେଇ ଆଲୋଚନା ହେଉଛି। ଅଞ୍ଚଳର ବିକାଶ ଅପେକ୍ଷା ନିଜ ବ୍ୟକ୍ତିଗତ ସ୍ୱାର୍ଥ ହାସଲରେ ଲାଗିଥିବା ନିର୍ବାଚିତ ପ୍ରତିନିଧି ଅଞ୍ଚଳର ବିକାଶକୁ ପଛରେ ପକାଇ ନିଜେ ଠିକାଦାର ପାଲଟି ଅର୍ଥ ଉପାର୍ଜନରେ ମାତିଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ନିଷ୍କ୍ରିୟତା ସହରର ବିକାଶରେ ବାଟ ଓଗାଳି ରହିଛି। ଅନ୍ୟପକ୍ଷରେ ଗ୍ରାମୀୟ ଅଞ୍ଚଳରେ ଦୃଢ଼ ନେତୃତ୍ୱ ଅଭାବ ଯୋଗୁ ଆଜି ପଟ୍ଟାମୁଣ୍ଡାଇ ଅଞ୍ଚଳ ସବୁ କ୍ଷେତ୍ରରେ ଅବହେଳିତ ହୋଇରହିଛି।

# ଆନ୍ତଃ ମହାବିଦ୍ୟାଳୟ ଯୋଗ ପ୍ରତିଯୋଗିତା



ଅତିଥିଙ୍କ ସହ ମନୋନୀତ ହୋଇଥିବା କୃତି ପ୍ରତିଯୋଗୀମାନେ।

**ଡେରାବିଶ, ୨୪।୯ (ବେବର୍ତ୍ତା ଅଜୟ ଦାସ)**

ଉତ୍କଳବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଆୟୋଜିତ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଯୋଗ ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରିଥିବା ଡେରାବିଶ କଲେଜର ୩ ଛାତ୍ରୀ ବିଜୟୀ ହୋଇଛନ୍ତି। ଯୁକ୍ତ ୩ ଶ୍ରେଣୀର ତୃତୀୟ ବର୍ଷ ଛାତ୍ରୀ ଶୁଭଶ୍ରୀ ସରିତା ରାଉତ ଏବଂ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରିୟଦର୍ଶିନୀ ମଲ୍ଲିକ ଓ ସରସ୍ୱତୀ ସିଂହ ଏହି ଯୋଗ ପ୍ରତିଯୋଗିତାରେ ସଫଳତା ହାସଲ କରି ଆଗାମୀ ଦିନରେ ହେବାକୁ ଥିବା ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରି ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ତିନି ଛାତ୍ରୀଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର

- ଡେରାବିଶ କଲେଜ ଛାତ୍ରୀଙ୍କ କୃତିତ୍ୱ
- ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ମନୋନୀତ

ନାୟକଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରାଛାତ୍ରୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶରତଚନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଉକ୍ତ ୩ ଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଏହି କୃତିତ୍ୱ ହାସଲ କରିଛନ୍ତି।

# ଶୈକ୍ଷିକ ପରିବେଶ ପାଇଁ ଏବିଭିପିର ଦାବିପତ୍ର

**କେନ୍ଦ୍ରାପଡା, ୨୪।୯ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ଜିଲାର ସମସ୍ତ ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟା ରହିଛି। ଉଚ୍ଚ ଶିକ୍ଷା ଶିକ୍ଷାର୍ଥୀଙ୍କ ପାଇଁ ଜରୁରୀ ହୋଇଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ମହାବିଦ୍ୟାଳୟର ଶୈକ୍ଷିକ ପରିବେଶର ଭିତିଭୂମି ସୁଦୃଢ଼ ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକ ପତ୍ର ସମସ୍ତ ବିଦ୍ୟାଳୟର ଅଧକ୍ଷା, ଅଧ୍ୟକ୍ଷଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି।

ଏସମ୍ପର୍କରେ ଜିଲା ସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିଆ କହିଛନ୍ତି, ଛାତ୍ର ସୁରକ୍ଷା ବିଭିନ୍ନ ମହାବତଦ୍ୟାଳୟ କାମ୍ପସରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭିନ୍ନ ମହାବିଦ୍ୟାଳୟରେ ସୁରକ୍ଷା ବାଡ, ସିସିଟିଭି ସୁବିଧା ନାହିଁ। ସେହିପରି ଶୌଚାଳୟଠାରୁ ଆରମ୍ଭ କରି ସୁସ୍ଥ ପରିବେଶ ଚିନ୍ତାଜନକ ଭାବେ ଅଛି। ଲାଇବ୍ରେରୀରେ ପର୍ଯ୍ୟାପ୍ତ ବହି ନାହିଁ। ପୋଷ୍ଟ ମାଟ୍ରିକ ମେଧାବୃତ୍ତି ନିୟମିତ ନ ଥିବାରୁ ଶିକ୍ଷାର୍ଥୀଙ୍କ ଶିକ୍ଷା ବ୍ୟବସ୍ଥା ଭୁଶୁଡି ଯାଉଛି। ଶିକ୍ଷକ ଓ କର୍ମଚାରୀଙ୍କ ଅଭାବ ରହୁଛି। ଗତ ୭ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ହେଉନାହର୍ଇ। ଫଳରେ ମହାବିଦ୍ୟାଳୟର ସମସ୍ୟା ଅଣଦେଖା ହୋଇଯାଇଛି। ଯଥାଶୀଘ୍ର ଛାତ୍ର ସଂସଦ ନିର୍ବାଚନ ପାଇଁ ଏବିଭିପି ପକ୍ଷରୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସମସ୍ୟାର ସମାଧାନ ନ ହେଲେ ଏହି ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆନ୍ଦୋଳନ ହେବ ବୋଲି ସେ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡା ନଗରରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ବାହାଲିଆଙ୍କ ସହିତ କର୍ମକର୍ତ୍ତା ଶଶିପ୍ରସାଦ ମହାରଣା, ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ନେତୃତ୍ୱ ଦେଇଥିଲେ।

# ମହିଳା ଆୟୋଗ ଶିବିର: ଅଦାଲତରେ ୨୩ ଶୁଣାଣି




ଆୟୋଗ ଅଧକ୍ଷା ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି।

**କେନ୍ଦ୍ରାପଡା, ୨୪।୯ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ବ୍ଲକ ତରାଣ୍ଡୋ ସର୍କିଟ ହାଉସରେ ଓଡିଶା ରାଜ୍ୟ ମହିଳା ଆୟୋଗର ଏକ ଶିବିର ଅଦାଲତ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଗ ଅଧକ୍ଷା ଶୋଭନା ମହାନ୍ତି, ସଦସ୍ୟା କଳ୍ପନା ମଲ୍ଲିକ, ରେଜିଷ୍ଟ୍ରାର ସୁଶିଲ କୁମାର ରାୟ, କାଉନ୍‌ସିଲର ବନ୍ଦନା ମହାନ୍ତି ଓ ପ୍ରୀୟଦର୍ଶନୀ ଆଚାର୍ଯ୍ୟ ଏଥିରେ ଯୋଗଦେଇ ମୋଟ ୨୩ ମାମଲାର ଶୁଣାଣୀ କରିଥିଲେ। ଏଥିରୁ ୬ଟି ମାମଲାର ଆପୋଷ ବୁଝାମଣା ହୋଇଛି। ୫ଟି ମାମଲାକୁ ପୋଲିସ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୨ଟି ମାମଲାକୁ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇ ଘରୋଇ ହିଂସା ଆଇନରେ ମାମଲା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅବଶିଷ୍ଟ ୯ ମାମଲାର ପୁର୍ନବାର ଶୁଣଣୀ ପାଇଁ ଫଇସଲା ହୋଇଛି। ଏହି ଶିବିରରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମମତା ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ୫୦ ଗ୍ରାମ୍ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ପଟ୍ଟାମୁଣ୍ଡାଇ, ୨୪।୯ (କଳ୍ପତରୁ ନାୟକ)**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ପକ୍ଷରୁ ବୁଧବାର ନିମପୁର ଗ୍ରାମରେ ଚଢ଼ାଉ କରାଯାଇ ୫୦ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ନିମପୁର ଗ୍ରାମର ରାଜେଶ ସେଠୀ (୨୫)ଙ୍କୁ ଗିରଫ କରାଯାଇଛି। ତାଙ୍କୁ ବୁଧବାର ସଂନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ରାଜେଶଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କେନ୍ଦ୍ରାପଡା ଉପକାରାଗାର କାରାଗାରକୁ ପଠାଯାଇଛି। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ନିମପୁର ଗ୍ରାମରେ ବ୍ରାଉନସୁଗାର ବେପାର ଚାଲିଥିବା ନେଇ ଅବକାରୀ ବିଭାଗ ସବ୍ ଇନ୍ସପେକ୍ଟର ପ୍ରୀୟଦର୍ଶୀ ମାନଶ ମିଶ୍ର ଖବରପାଇ ଉପରିସ୍ତ ଅଧିକାରୀଙ୍କୁ ଜଣାଇଥିଲେ। ପଟ୍ଟାମୁଣ୍ଡାଇ ଅବକାରୀ ଭିଭାଗ ପକ୍ଷରୁ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ପଦ୍ମଲୋଚନ ନାୟକ, ଉପ ନିରୀକ୍ଷକ ଛାୟାକାନ୍ତ ମଳିକ, ସୁନିଲ ମିଶ୍ର ଓ କଳ୍ପନା ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ନିମପୁର ଗ୍ରାମର ଏକ ଦୋକାନ ପଛପଟେ ରାଜେଶ ବ୍ୟବସାୟ କରୁଥିବା ବେଳେ ଅଚାନକ ଚଢାଉ କରାଯାଇଥିଲା। ଚଢାଉରେ ତାଙ୍କ ନିକଟରୁ ୫୦ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲେ। ନଂ. ୧୫୯/୨୫ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଶିବିରରେ ୫୬୩ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଅତିଥିଙ୍କ ସହ ଏନ୍‌ସିସି କ୍ୟାଡେଟ୍ ଓ ଅନ୍ୟମାନେ ।

**କେନ୍ଦ୍ରାପଡା, ୨୪।୯ (ଜଗନ୍ନାଥ ଧଳ)**

**ଏନ୍‌ସିସି ଆଲୁମ୍‌ନି ଆସୋସିଏଶନ**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମାଇଁ ଏନ୍‌ସିସି ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୬୩ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଏହାକୁ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା ଓ ଏନ୍‌ସିସିର ଲ୍ୟୁଟେନାଣ୍ଟ ରଜନୀକାନ୍ତ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏ ସମ୍ପର୍କରେ ଆସୋସିଏଶନ ସଭାପତି ପ୍ରଭାସୀନୀ ସାହୁ, ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ କହିଛନ୍ତି, ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଅଧୀନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ସାଧାରଣ ବିଭାଗରେ ୧୫୭, ଚକ୍ଷୁ ବିଭାଗରେ ୨୦୬ ଓ ଦନ୍ତ ଚିକିତ୍ସା ବିଭାଗରେ ୧୯୦ ଜଣଙ୍କୁ ଚିକିତ୍ସା କରାଯିବା ସହ ଔଷଧ ବିତରଣ ହୋଇଥିଲା। ଡା. ବିଭୁ ପଦାରବିନ୍ଦ ଜେନା, ଡା. ସେଖ ଅଫସାର ଅଲ୍ଲୀ, ଏଡିଏମ୍‌ଓ ଡା. ପ୍ରମୋଦ କୁମାର ପ୍ରହରାଜ, ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକ ଓ ଡା. ମିର୍ଜା ବାବର ବେଗ ପ୍ରମୁଖ ସାମିଲ ହୋଇଥିଲେ। ଆସୋସିଏଶନର କର୍ମକର୍ତ୍ତା ଓ ସଦସ୍ୟ ଅନୁପ ରାଉତ, ରଞ୍ଜନ ଲେଙ୍କା, ବର୍ଷା ମିଶ୍ର ଓ ମାମୁନି ଥାଟୋଇ ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ।

# ମତ୍ସ୍ୟଜୀବୀଙ୍କ ତାଲିମ କେନ୍ଦ୍ର, ଶିଳ୍ପ ପ୍ରତିଷ୍ଠା ଦାବି

**ମହାକାଳପଡ଼ା, ୨୪।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ଧାନ ମୀନ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାରେ ଏକ ବୃହତ ଶିଳ୍ପ ଓ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ତାଲିମ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ବୁଧବାର ବିଧାନସଭାରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମହାକାଳପଡା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ। ପୂର୍ବ ସରକାର ସମୟରେ ଏକ ବୃହତ୍ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆର୍ସେଲର ମିତ୍ତଲ ଷ୍ଟିଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ୩ ମୌଜା ବଟୀଘର, ଖରିନାଶି ଓ ରାମନଗରଠାରେ ୨୦୨୩ ଡିସେମ୍ବର ୧୧/୧୨/୧୩ ତାରିଖରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ସରକାରୀ ଜମି ଅଧିଗ୍ରହଣ ସହ ପ୍ରଶାସନିକସ୍ତରରେ ଦୁଇ ପାଦ ଆଗେଇ ଥିଲେ। ପରେ ଅଦ୍ୟାବଧି ଶିଳ୍ପ ପ୍ରତିଷ୍ଠା ଧୀରେ ଧୀରେ ମଉଳିଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

- ବିଧାନସଭାରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କଲେ ବିଧାୟକ
- ଉପକୃତ ହେବେ ୧୦ ହଜାର ମତ୍ସ୍ୟଜୀବୀ

ଅପର ପକ୍ଷରେ ଶିଳ୍ପ ପ୍ରତିଷ୍ଠା ହେଲେ ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ପାଇବା ସହ ହଜାର ହଜାର ସଂଖ୍ୟାରେ ବେକାର ଯୁବତୀ ଯୁବକ ନିଯୁକ୍ତି ପାଇବେ ବୋଲି କୁହାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ନାୟକ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିଳ୍ପ ପ୍ରତିଷ୍ଠା ପାଇଁ ବିଧାନସଭାରେ ପ୍ରଶ୍ନ ଉଠାଇ ଥିବାରୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ମତ୍ସ୍ୟଜୀବୀଙ୍କ ପାଇଁ ତାଲିମ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଲେ ଏହି ଅଞ୍ଚଳର ୧୦ ହଜାର ପରିବାର ଉପକୃତ ହେବେ ବୋଲି ବହୁ ମତ୍ସ୍ୟଜୀବୀ କହିଛନ୍ତି।

# ମହିଳାଙ୍କ ଦ୍ୱାରା ଥାନା ଅଧିକାରୀ ସମ୍ମାନିତ



ଥାନା ଅଧିକାରୀଙ୍କୁ ସମ୍ମାନିତ କରିବା ଅବସରରେ ଉପସ୍ଥିତ ମହିଳାମାନେ।

**ରାଜକନିକା, ୨୪।୯ (ସଞ୍ଜୟ କୁମାର ଦାଶ)**

ମହିଳାମାନଙ୍କ ଦ୍ୱାରା ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସମ୍ମାନିତ ହୋଇଛନ୍ତି। ରାଜକନିକା ବ୍ଲକ୍ କୋରନ୍ଦ ପଞ୍ଚାୟତ ବାଂଶରରିଆ ଗାଁ ୧୧ନଂ. ୱାର୍ଡରେ ଚୋରା ମଦ, ଗଞ୍ଜେଇ ବିକ୍ରିକୁ ବିରୋଧକରି ମହିଳାମାନେ ଏକତ୍ରିତ ହୋଇ ରାଜକନିକା ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକଙ୍କୁ ଦେଖାକରି ଲିଖିତ ଅଭିଯୋଗ କରିଥିଲେ। ମହିଳାମାନଙ୍କ କହିବା କଥା ଆଇଆଇସି ଆମ ଅଭିଯୋଗକୁ ଗୁରୁତର ସହ ନେଇ ଚୋରାମଦ, ଗଞ୍ଜେଇ ବିକ୍ରି ବିପକ୍ଷରେ ଅପରେଶନ ଆରମ୍ଭ କରିଥିଲେ। ସେଥିରେ ମହିଳାମାନଙ୍କ ନେତୃତ୍ୱ ତଥା ଆଇଆଇସିଙ୍କ କାର୍ଯ୍ୟଦକ୍ଷତାରେ ଆମ ଅଞ୍ଚଳରେ ମାଦକଦ୍ରବ୍ୟ ଚୋରାରେ ବିକ୍ରି ବନ୍ଦ ହୋଇପାରିଛି। ଏହି କ୍ରମରେ ଗାଁରେ ନିଶା ନିବାରଣ କମିଟିର ମୁଖ୍ୟ ପରିଚାଳିକା

**ମାଦକଦ୍ରବ୍ୟ ଚୋରାରେ ବିକ୍ରି ବନ୍ଦ ପାଇଁ ଆଇଆଇସିଙ୍କ ସହଯୋଗ**

ତୁଳସୀ ମଳିକଙ୍କ ସଂଯୋଜନାରେ ସଭାପତି ପାସୁରୀ ମଳିକ ଓ ସମ୍ପାଦିକା ସବିତା ମଳିକ ଓ ପଞ୍ଚାୟତର ଯୁବ ଆଦର୍ଶ ସେବା ସଙ୍ଗଠନ ସଭାପତି ଯୁବ ପ୍ରତିଭା ଶୈଳେନ୍ଦ୍ର ମଲ୍ଲିକ, ମିନତି ମଳିକ, ଜୟନ୍ତୀ ମଳିକ, ଆରତୀ ମଳିକ, ବାସନ୍ତୀ ମଳିକ, ଦେବସ୍ମିତା ଦାସ, ରେବତୀ ବାରିକ, କୁନ୍ତଳା ପ୍ରଧାନ, କୁନିଲତା ମଳିକ ଓ ସାବିତ୍ରୀ ପ୍ରଧାନଙ୍କ ସମେତ ଶତାଧିକ ମହିଳା ଏକତ୍ର ହୋଇ ରାଜକନିକା ଥାନାରେ ପହଞ୍ଚି ଆଇଆଇସି ସଞ୍ଜୟ କୁମାର ମଲ୍ଲିକ, ଏସ୍‌ଆଇ ଦେବାଶିଷ ପଣ୍ଡା, ଗୌରୀମଣି ମୁର୍ମୁ, ମୌସମ କାଲୋ ଓ ଏଏସ୍‌ଆଇ ମାନସ ସାହୁ ଓ ମିନତି ରାଉଳ ପ୍ରମୁଖଙ୍କ ସମେତ ଅନ୍ୟ ଷ୍ଟାଫମାନଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ।

# ଶାରଦୀୟ ଦୁର୍ଗାପୂଜାର ରୌପ୍ୟ ଜୟନ୍ତୀ ପାଳନ ପ୍ରସ୍ତୁତି

**ରାଜନଗର, ୨୪।୯ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ଜରିମୂଳଠାରେ ଶାରଦୀୟ ଦୁର୍ଗାପୂଜା ୨୫ ବର୍ଷ ହେଲା ପାଳନ ହୋଇ ଆସୁଛି। ଚଳିତ ବର୍ଷ ରୌପ୍ୟ ଜୟନ୍ତୀକୁ ଯାକଜମକରେ ଓ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟମଙ୍ଗଳା ଦୁର୍ଗାପୂଜା କମିଟି ସଭାପତି ତଥା ଚାନ୍ଦିବାଉଁଶମୂଳ ପଞ୍ଚାୟତ ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡାଙ୍କ ପୌରହିତ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜନଗର ତହସିଲଦାର ତଥା ଶାନ୍ତି କମିଟି ଅଧକ୍ଷ ଯୀଶୁକୃଷ୍ଣ ଦାସ, ଆଇଆଇସି ନରେଶ କୁମାର ସାହୁ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ରାଜସ୍ୱ ନିରୀକ୍ଷକ ସ୍ମୃତି ରଞ୍ଜନ ନାଥ ଯୋଗଦେଇ ଶାନ୍ତି ଶୃଙ୍ଖଳାର ସହିତ ଚଳିତ ବର୍ଷ ଦୁର୍ଗାପୂଜାର ରୌପ୍ୟ ଜୟନ୍ତୀ ପାଳନ ପାଇଁ ମତ ରଖିଥିଲେ। ଚଳିତ ବର୍ଷ ପୂଜାକୁ ୨୫ ବର୍ଷ ପୁରୁଥିବାରୁ ଜରିମୂଳରେ ପୂଜା ଆରମ୍ଭ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ଓ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି ବୋଲି ଅନୁଷ୍ଠାନ ସଭାପତି ପଣ୍ଡା ସୂଚନା ଦେଇଛନ୍ତି। ବୈଠକରେ ଶାରଦୀୟ ଜୟମଙ୍ଗଳା ପୂଜା କମିଟି ସମ୍ପାଦକ ଧ୍ରୁବଚରଣ ମହାନ୍ତି, ରାମସୀତା କମିଟିର ଅଭୟ ରାଉତ, କ୍ଷୀରୋଦ ବେହେରା, ମହାବୀର କମିଟିର ଭରତ ଚନ୍ଦ୍ର ରାଉତ, ସୁମନ୍ତ କୁମାର ରାଉତ, ବନଦୁର୍ଗା କମିଟିର ହରେକୃଷ୍ଣ ଜେନା, ରବୀନ୍ଦ୍ର ସାହୁ, ଶିବପାର୍ବତୀ କମିଟିର ପାଣ୍ଡବ ଚରଣ ରାଉତ, ଆଶିଷ ରାଉଳ, ରାଧାକୃଷ୍ଣ କମିଟିର ଶରତ କୁମାର ଦାସ, ରଘୁନାଥ ସାହୁ, ଅନନ୍ତଶୟନ କମିଟିର ଅନାଦି ଚରଣ ବିଶାଳ, ଭୀମସେନ ଲେଙ୍କା, ମଙ୍ଗଳା କମିଟିର ନିରଞ୍ଜନ ସୂତାର ଓ ଅମିୟ ରାଉତରାୟ ପ୍ରମୁଖ ଯୋଗଦେଇ ରୌପ୍ୟ ଜୟନ୍ତୀ ପାଳନ ସମ୍ପର୍କରେ ମତ ରଖିଥିଲେ।

# ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମେଗା ସ୍ୱାସ୍ଥ୍ୟଶିବିର

**ଆଳି, ୨୪।୯ (ବନମାଳୀ ସେନାପତି)**

ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ସାମିଲ ହୋଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବୁଧବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏଡିଏମ୍‌ଓ ପ୍ରମୋଦ କୁମାର ପ୍ରହରାଜ ଉଦ୍‌ଘାଟନ କରିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ପ୍ରଣବ କୁମାର ଶୁକ୍ଳା, ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଇନ୍ଦ୍ରଭାନୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଶିଶୁ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଦନ୍ତ,ଚକ୍ଷୁ ଓ ମାନସିକ ବିଭାଗର ବରିଷ୍ଠ ଡାକ୍ତରମାନେ ଯୋଗଦେଇ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଶିବିରରେ ଆଳି ଅଞ୍ଚଳର ୪୫୦ ରୋଗୀ ଚିକିତ୍ସିତ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ରୋଗୀମାନଙ୍କୁ ଔଷଧ ଓ ଚଷମା ଯୋଗାଇ ଦିଆଯାଇଥିଲା। ଏହି ଶିବିରକୁ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସିଲି ପ୍ରିୟମ୍ବଦା ସାହୁ, ବ୍ଲକ ଡାଟା ମ୍ୟାନେଜର ଅଭିରାମ ସାହୁ, ଆକାଉଣ୍ଟାଣ୍ଟ ରବୀନ୍ଦ୍ର ଜେଠୀ ପ୍ରମୁଖ ପରିଚାଳନା କରିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।




ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇଥିବା ଡାକ୍ତର ଓ ଅନ୍ୟମାନେ।

# ଡାକ୍ତରଙ୍କ ବିୟୋଗରେ ଶୋକ

**ଡେରାବିଶ, ୨୪।୯ (ବେବର୍ତ୍ତା ଅଜୟ ଦାଶ)**

ଡେରାବିଶ ବ୍ଲକ ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନଜ୍ରୁଲ ଅଖତର (୪୫) ଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ନଜ୍ରୁଲ ଚାନ୍ଦୋଳ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୧୩ରୁ କାର୍ଯ୍ୟ କରିଆସୁଥିଲେ। ତାଙ୍କର ସେବା ମନୋଭାବ ଓ



ଆମାୟିକ ବ୍ୟବହାର ପାଇଁ ଅଞ୍ଚଳରେ ପ୍ରିୟ ଭାଜନ ହୋଇପାରିଥିଲେ। ସେ କିଛି ମାସ ହେବ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ବେଳେ ବୁଧବାର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମରଶରୀର ଚାନ୍ଦୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ କର୍ମଚାରୀ ନବଘନ ଘଡେଇ, ସୁଧୀର ଦଳେଇ ଓ ସମାଜକର୍ମୀ ଅକ୍ଷୟ କୁମାର ମିଶ୍ରଙ୍କ ସମେତ କର୍ମଚାରୀ ଓ ଜନସାଧାରଣ ଶେଷ ଦର୍ଶନ କରିଥିଲେ।

# କେନ୍ଦ୍ରାପଡ଼ା: ଜନଶୁଣାଣି ପାଲଟିଲା ପ୍ରହସନ

**ରାଜକନିକା, ୨୪।୯ (ସଞ୍ଜୟ କୁମାର ଦାଶ)**

**ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହଜାର ହଜାର ଲୋକ କାର୍ଯ୍ୟ ପାଉଛନ୍ତି। ଏ ସମ୍ପର୍କରେ ଲୋକଙ୍କୁ କିଭଳି ସଚେତନ କରାଯିବ ଓ ଏହା ଠିକ୍ ଭାବରେ ପଞ୍ଚାୟତସ୍ତରରେ କାର୍ଯ୍ୟକାରୀ ହେଉଛି କି ନାହିଁ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଆୟୋଜନ କରାଯାଉଛି। ହେଲେ ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ହେଲେ ଏହି ଶିବିର ପାଲଟିଛି ପ୍ରହସନ। କେତେଜଣ ହାତଗଣତି ବ୍ଲକ୍



ଜନଶୁଣାଣିରେ ଯୋଗଦେଇଥିବା ଅଧିକାରୀ।

କର୍ମଚାରୀ ଓ ବ୍ଲକ୍‌କୁ ଆସିଥିବା ୫ରୁ ୭ ଜଣଙ୍କ ଉପସ୍ଥିତିରେ ଏହି ଶିବିରରେ ଏମ୍‌ଜିଏନ୍‌ଆରଇଜିଏସ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିବିରରେ ସମସ୍ତ ପଞ୍ଚାୟତ ପ୍ରତିନିଧି, ଜନ ସାଧାରଣ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଉପସ୍ଥିତ ରହିବା କଥା। କିନ୍ତୁ ବୁଧବାର ଏଥିରେ କେବଳ ହାତଗଣତି ସରକାରୀ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏହାକୁ ନେଇ ଉପସ୍ଥିତ ଥିବା ଲୋକେ ବିରୋଧ କରିଥିଲେ।

ବିଡିଓଙ୍କୁ ପ୍ରଶ୍ନ କରିଥିଲେ,ଏହି ଜନଶୁଣାଣି ଶିବିର ସାଧାରଣ ଲୋକଙ୍କ ଲାଗି ନା ସରକାରୀ କର୍ମଚାରୀମାନଙ୍କ ଲାଗି। କେଉଁଠି ଦୁର୍ନୀତି ହୋଇଛି କିଏ କରିବେ ଅଭିଯୋଗ ଓ ସରକାରଙ୍କର ଏମ୍‌ଜିଏନ୍‌ଆରଇଜିଏସ୍ ଉପକାରିତା ସମ୍ପର୍କରେ ଜନସାଧାରଣଙ୍କୁ ଦୂରେଇ ରଖାଯାଉଛି କାହିଁକି, ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଜନସାଧାରଣ ଦାବି କରିଛନ୍ତି। ଶିବିରରେ ବିଡିଓ କୈଳାସ ଚନ୍ଦ୍ର ମହାଳିକ ଅଧକ୍ଷତା କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍ ସମ୍ପର୍କରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ହିସାବ ନିରୀକ୍ଷକ ଅନ୍ତିମ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ପାତ୍ର, ଜିଲା ସାମାଜିକ ସମୀକ୍ଷକ ମୃତ୍ୟୁଞ୍ଜୟ ବେହେରା, ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ ରଞ୍ଜନ ସାମଲ, ଏପିଓ ଆଲୋକ କୁମାର ପତି ପ୍ରମୁଖ ଯୋଗଦେଇଥିଲେ।

# ଶିକ୍ଷକ ବଦଳି ପ୍ରତିବାଦରେ ଅଶ୍ୱସ୍ତପଡାରେ ଧାରଣା

ନୟାଗଡ,୨୪।୯(ଲୋକନାଥ ମିଶ୍ର)

ନୟାଗଡ ଶିକ୍ଷା ଜିଲାରେ ଶିକ୍ଷକ ବଦଳି ପରେ ବିଭିନ୍ନ ସ୍ଥାନରେ ପ୍ରତିବାଦ ଉଠିଛି । ବଦଳିକୁ ବିରୋଧ କରି ନୟାଗଡ ବ୍ଲକ ଅଶ୍ୱସ୍ତପଡା ହାଇସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣା ଦେଇଥିଲେ । ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ତୀବ୍ରତର ହେବବୋଲି କୁହାଯାଇଛି। ଅଶ୍ୱସ୍ତପଡା ଅପଗ୍ରେଡେଡ ହାଇସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ରହିଥିବା ବେଳେ ୬ ଜଣ ଶିକ୍ଷକ ଥିଲେ । ଜଣେ ଶିକ୍ଷକ ଅବସର ନେଲା ପରେ ୫ଜଣ ଶିକ୍ଷକ ରହିଥିଲେ। ୫ଜଣରୁ ଜଣେ ଶିକ୍ଷକଙ୍କୁ ବଦଳି କରାଯିବା ପାଠପଢ଼ା ନେଇ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ ।

ସେପଟେ ଛାତ୍ରୀଛାତ୍ର ଅନୁପାତକୁ ନେଇ ବଦଳି କରାଯାଉଥିବା ଶିକ୍ଷା ବିଭାଗ କହୁ ବେଳେ ଜିଲାରେ ୨୮୦ ଶିକ୍ଷକଙ୍କ ବଦଳି କ୍ଷେତ୍ରରେ ସମାନୁପାତିକ ବ୍ୟବସ୍ଥା ଲାଗୁ କରାଯାଇ ନାହିଁ ବୋଲି ପ୍ରଶ୍ନ ଉଠାଇଛନ୍ତି ଭାଟସାହି ବାସିନ୍ଦା । ସେମାନେ ଯୁକ୍ତି ବାଢ଼ିଥିଲେ, ଭାଟସାହି ୟୁଜିଏମ୍‌ଇ ହାଇସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ୬ ଶିକ୍ଷକ ଥିଲେ । ୬ ଜଣରୁ ଜଣେ ଶିକ୍ଷକଙ୍କୁ ବରଦ୍ୱାର ୟୁପି ସ୍କୁଲକୁ ବଦଳି କରାଯାଇଛି। ୫ ଜଣ ଶିକ୍ଷକ ୮ କ୍ଲାସରେ ୨୪୩ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବେ କେମିତି । ଭାଟସାହି



ଅଶ୍ୱସ୍ତପଡା ହାଇସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକ ପ୍ରତିବାଦ କରୁଛନ୍ତି ।

## ସମାନୁପାତିକ ବଦଳି ନୁହେଁ ବୋଲି ପ୍ରଶ୍ନ ଉଠାଇଲେ ଭାଟସାହି ବାସିନ୍ଦା

## ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି କଲେ ପ୍ରତିବାଦ

ସ୍କୁଲକୁ ଶିକ୍ଷକ ଦରକାର ଥିବାବେଳେ ବଦଳି କରାଗଲା କାହିଁକି। ଯଦି ବଦଳି କରାଗଲା ନୂଆ ଶିକ୍ଷକ କାହିଁକି ନିଯୁକ୍ତି କରାଗଲାନି। ସେପଟେ ବରଦ୍ୱାର ୟୁପି ସ୍କୁଲରେ ୩୦ ଛାତ୍ରୀଛାତ୍ର ଥିବାବେଳେ ୨ ଶିକ୍ଷକ ଥିଲେ । ସେଠାକୁ ଭାଟସାହି ସ୍କୁଲର ଶିକ୍ଷକଙ୍କୁ କାହିଁକି ବଦଳି କରାଗଲା। ୩୦ ଛାତ୍ରୀଛାତ୍ରଙ୍କୁ ୩ ଶିକ୍ଷକ ଓ ୨୪୩ ଛାତ୍ରୀଛାତ୍ରଙ୍କୁ ୪ ଶିକ୍ଷକ କେଉଁ ନିୟମ ଆଧାରରେ ନିଯୁକ୍ତି ବୋଲି ପଚାରିଥିଲେ । ପୁଣି ଭାଟସାହ ହାଇସ୍କୁଲ ନୂଆ ହୋଇଛି । ସେଠାରେ ଶିକ୍ଷକ ନିଯୁକ୍ତି କରାଯାଇ ନାହିଁ । ୪ଜଣ ଶିକ୍ଷକ କିପରି ଦୁଇଟି ସ୍କୁଲରେ ପାଠ ପଢ଼ାଇବେ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କୁ କହିଥିଲେ ।

ବଦଳିରେ ନୟାଗଡ ବ୍ଲକ ଶିକ୍ଷା ଅଧିକାରୀ ଭୁଲ ତଥ୍ୟ ଦେଇଥିବାର ଜିଲା ଶିକ୍ଷା ଅଧିକାରୀ କହିଥିଲେ, ଲୋକ ବୁଝିବା ସ୍ଥିତିରେ ନ ଥିଲେ । ଅପରପକ୍ଷେ ନୟାଗଡ ବ୍ଲକ ଗୋବିନ୍ଦପୁର ଭାଗୀରାଥି ସରକାରୀ ଉପ୍ରା ବିଦ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ ଶିକ୍ଷକ ନାହାନ୍ତି । ତେବେ ୨ଜଣ ଶିକ୍ଷକ ବଦଳି ପରେ ପ୍ରତିବାଦ ଉଠିଛି । ଗୋବିନ୍ଦପୁର ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୨୦୭ ଛାତ୍ରୀଛାତ୍ର ଥିବାବେଳେ ୧୦ ଜଣ ଶିକ୍ଷକ ରହିଥିଲେ । ଏଠାରେ ୧୦ ଶିକ୍ଷକରୁ ୨ଜଣ ସିଆରସିସି ଓ ଜଣେ ପାର୍ଟ ଟାଇମ ଶିକ୍ଷକ ଥିବାବେଳେ ସେମାନେ ପାଠପଢ଼ାରେ ସାମିଲ ହେଉ ନାହାନ୍ତି । ଏଠାରୁ କାହିଁକି ଶିକ୍ଷକ ବଦଳି କରାଗଲା ବୋଲି ସ୍ଥାନୀୟ ଲୋକ ପ୍ରଶ୍ନକରି ବଦଳି ବାତିଲ କରିବାକୁ ଦାବି କରିଛନ୍ତି।

ନୟାଗଡ ବ୍ରଜେନ୍ଦ୍ର ହାଇସ୍କୁଲରେ ଓ ବାଳିକା ହାଇସ୍କୁଲରେ ଆବଶ୍ୟକତାଠାରୁ ଅଧିକଶିକ୍ଷକଅଛନ୍ତି । ଏଠାରେ ପୁଣି କାହିଁକି ୪ଜଣ ଲେଖାଏ ଶିକ୍ଷକ ନିଯୁକ୍ତି କରାଗଲା ବୋଲି କେତେକ ଶିକ୍ଷାବିତ୍ ପ୍ରଶ୍ନ ଉଠାଇ ସମାନୁପାତିକ ବଦଳିକୁ ସମାଲୋଚନା କରିଛନ୍ତି। ନୟାଗଡ ଏନ୍‌ଏସି ହାଇସ୍କୁଲରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନାହାନ୍ତି । ଏଠାରେ ୩ଜଣ ଅତିଥି ଶିକ୍ଷକ ନିଯୁକ୍ତି ପାଇଛନ୍ତି । ଏନ୍‌ଏସି ହାଇସ୍କୁଲ ୫୦୦ ଛାତ୍ରୀଛାତ୍ରରେ ୧୩ ଜଣ ଅଛନ୍ତି । ହେଲେ ଏଠାରେ ଅଧିକ ଶିକ୍ଷକ ନିଯୁକ୍ତି ଦରକାର ବୋଲି ଦାବି ଉଠୁଛି । ଏହି ପରି ଜିଲାର ବିଭିନ୍ନ ସ୍କୁଲରେ ବଦଳି ପରେ ଅବ୍ୟବସ୍ଥା ଦେଖା ଦେଇଥିବା ଅଭିଯୋଗ ଉଠିଛି ।

ଏନେଇ ଜିଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ କହିଛନ୍ତି ଜିଲାର ୨୨୨ ଏଲିମେଣ୍ଟାରି ଶିକ୍ଷକ ଓ ୫୩ ସେକେଣ୍ଡାରୀ ଶିକ୍ଷକଙ୍କର ବଦଳି ହୋଇଛି। ୨୨୨ ବଦଳି ମଧ୍ୟରୁ ୪୩ ଜଣ ବିଧାୟକ ଓ ଏମ୍‌ପିଙ୍କ ସୁପାରିସରେ ହୋଇଛି । ଇଣ୍ଟର ବ୍ଲକରୁ ୧୮ଜଣ ବଦଳି ହୋଇଛି। ଅପରପକ୍ଷେ ଭାପୁର ବ୍ଲକରୁ ୧୯, ଦଶପଲ୍ଲାରୁ ୧୨, ଗଣିଆରୁ ୬, ଖଣ୍ଡପଡାରୁ ୧୮, ନୂଆଗାଁରୁ ୨୮, ନୟାଗଡ ବ୍ଲକରୁ ୧୩, ଓଡଗାଁ ବ୍ଲକରୁ ୨୪ ଓ ରଣପୁର ବ୍ଲକରୁ ୪୧ ଜଣଙ୍କ ବଦଳି ହୋଇଛି । ବଦଳି ପରେ ଆଉ ଜିଲାରେ ଜଣେ ମାତ୍ର ଶିକ୍ଷକ ଥିବା ସ୍କୁଲ ନାହିଁ । ଛାତ୍ରୀଛାତ୍ର ଅନୁପାତକୁ ନେଇ ବଦଳି କରାଯାଇଛି । ତେବେ ଯଦି କିଛି ତ୍ରୁଟି ରହିଥାଏ ତେବେ ଏହାର ସଂଶୋଧନ କରାଯିବବୋଲି କହିଛନ୍ତି ।

# ରାଶନ କାର୍ଡ କେଳେଙ୍କାରୀ

## ଭାପୁର ବ୍ଲକ୍

## ୫୯ ମୃତ ବ୍ୟକ୍ତି ଉଠାଉଛନ୍ତି ସାମଗ୍ରୀ

ଭାପୁର,୨୪।୯(ପ୍ରଭାତ ବରାଡ)

ରାଜ୍ୟ ଓ କେନ୍ଦ୍ର ସରକାର ଜନସାଧାରଣଙ୍କ ହିତ ପାଇଁ ଅନେକ ଜନହିତକର ଯୋଜନା ପ୍ରଣୟନ କରିଛନ୍ତି। ଗରିବ ଅସହାୟ ପାଇଁ ରାଶନ କାର୍ଡ କରିଛନ୍ତି । ହେଲେ ମଲା ଲୋକ ନାମରେ ଉଠାଯାଉଛି ରାଶନ, ଗରିବ ଲୋକ ଖାଇବାକୁ ପାଉ ନଥିବା ବେଳେ କେତେକ ଲୋକ ଏପରି ଅଛନ୍ତି ନିଜ ସମ୍ପର୍କୀୟଙ୍କ ମୃତ୍ୟୁପରେ ମଧ ରାଶନକୁ ହଡ଼ପ କରୁଛନ୍ତି। ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ହିତାଧିକାରୀଙ୍କ ପାଇଁ ମାଗଣାରେ ରାଶନ ବ୍ୟବସ୍ଥା କରିଛନ୍ତି। କିନ୍ତୁ କେତେକ ସ୍ଥାନରେ ରିଟେଲର, ଯୋଗାଣ ଅଧିକାରୀ, ପଞ୍ଚାୟତର କେତେକ କୁଜିନେତାଙ୍କ ଅସାଧୁ କାର୍ଯ୍ୟ ଯୋଗୁ ଏହି ଯୋଜନାରେ ତ୍ରୁଟି ଦେଖା ଦେଇଛି। କେଉଁଠି ଓଜନରେ ଠକେଇ ହେଉଛି ତ, ଅନ୍ୟ କେଉଁଠି ମୃତ ବ୍ୟକ୍ତିଙ୍କ ନାମରେ ରାଶନ ସାମଗ୍ରୀ ହଡପ ହେଉଛି। ଫଳରେ ସାଧାରଣ ଗରିବ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ହରିଲୁଟ ହେଉଛି।

ଏଭଳିଘଟଣା ଘଟିଛିଭାପୁର ବ୍ଲକରେ । ଭାପୁର ବ୍ଲକର ୨୦ ପଞ୍ଚାୟତର ୫୯ରୁ ଉର୍ଦ୍ଧ୍ୱ ହିତାଧିକାରୀ ୪ରୁ୫ ବର୍ଷହେଲା ମୃତ୍ୟୁବରଣ କରିଥିଲେ ମଧ ସେମାନଙ୍କ ନାଁରେ ଏବେ ସୁଦ୍ଧା ରାଶନ ସାମଗ୍ରୀ ଉଠାଯାଉଛି। ବିଗତ ଦିନରେ ବ୍ଲକରେ କୂଅ, ପୋଖରୀ, ରାସ୍ତା ଘାଟ ନ ଖୋଳି, ଗୋଟିଏ ରାସ୍ତାକୁ ୨୧ ଥର ଫଲ୍ସ ବିଲ୍ କରି ରାଜ୍ୟରେ ଚର୍ଚ୍ଚିତ ଥିବାବେଳେ ଜାଲ ଭିନ୍ନକ୍ଷମ ସାର୍ଟିଫିକେଟ ହାତେଇ ଥିବା ଏବେ ଧରା ପଡ଼ିବା ପରେ ବୁଧବାର ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିରରରେ ୫୯ ମୃତ ହିତାଧିକାରୀ ରାଶନ ସାମଗ୍ରୀ ନେଉଥିବା ଜଣାପଡିଛି।

ଶାଳପଡା ପଞ୍ଚାୟତ ବାରବାଟି ଗ୍ରାମର ଇଶ୍ୱର ପଣ୍ଡା ଦୀର୍ଘ ପାଞ୍ଚ ବର୍ଷ ହେଲା ଆରପାରିକୁ ଗଲେଣି। ହେଲେ ଏବେ ସୁଦ୍ଧା ତାଙ୍କ ନାମରେ ରାଶନ ସାମଗ୍ରୀ ଉଠୁଛି। ସେହିପରି ଭାପୁର ପଞ୍ଚାୟତ ମନ୍ଦାରବେଣୀ ଗ୍ରାମର ରାଣୀ ତ୍ରିପାଠୀ ୪ ବର୍ଷ ହେଲା ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ନାମରେ ରାଶନ ସାମଗ୍ରୀ ଉଠାଯାଉଛି। ଫତେଗଡ ଗ୍ରାମର ବାଇଧର ପଶା, ଚକ୍ରଧରପ୍ରସାଦ ଗ୍ରାମର ଆର୍ତ୍ତ ବନ୍ଧୁ ନାଥ, ଗୋଳାପୋଖରୀ ଗ୍ରାମର ଶାନ୍ତିଲତା ଦଳେଇ ସମେତ ଭାପୁର ବ୍ଲକର ୫୯ ହିତାଧିକାରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଥିବା ବେଳେ ସେମାନଙ୍କ ନାଁରେ ରାଶନ ସାମଗ୍ରୀ ଉଠା ଯାଉଥିବା ନେଇ ଜଣାପଡିଛି। ଏନେଇ ଭାପୁର ବ୍ଲକର ବୁଦ୍ଧିଜୀବୀମାନେ ଏଥର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

# ୩ ପାକ୍ସ କାର୍ଯ୍ୟକ୍ଷମ ପାଇଁ ଉଠାଇଲେ ଦାବି

## ବିଧାନସଭାରେ ଦଶପଲ୍ଲା ବିଧାୟକଙ୍କ ପ୍ରଶ୍ନ

ନୟାଗଡ,୨୪।୯(ଲୋକନାଥ ମିଶ୍ର)

ଦଶପଲ୍ଲା ନିର୍ବାଚନମଣ୍ଡଳୀ ଦଶପଲ୍ଲା ବ୍ଲକର ମଧ୍ୟଖଣ୍ଡ, ଡିହଗାଁ ପଞ୍ଚାୟତର ଜଳେଶ୍ୱର ଓ ନୂଆଗାଁ ବ୍ଲକର ନୂଆଗାଁ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) କିଛି ବର୍ଷ ହେଲା ବନ୍ଦ ରହିଛି । ୩ଟି ପାକ୍ସ କାର୍ଯ୍ୟକ୍ଷମ କରିବାକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ବୁଧବାର ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ୩ଟି ପାକ୍ସ ବନ୍ଦ ପରେ ଚାଷୀ ହଇରାଣ ହେଉଛନ୍ତି। ପାକ୍ସଗୁଡିକର ଭିତ୍ତିଭୂମିର ଉନ୍ନତି ଓ ମରାମତି ହୋଇ ପାରୁନି। ପାକ୍ସ ସରକାରୀ ଅର୍ଥ ପାଇବାରୁ ବଞ୍ଚିତ ହୋଇ ଆସୁଛି । ପାକ୍ସ ଧାନ କିଣୁ ନ ଥିବାରୁ ଧାନ କିଣା ବାବାଦ ଅର୍ଥ ପାକ୍ସ ପାଇପାରୁ ନାହିଁ । ୩ଟି ପାକ୍ସକୁ ଚାଲୁ କରିବାକୁ ଜନପ୍ରତିନିଧି, ଚାଷୀ ବାରମ୍ବାର ଦାବି କରି ଆସୁଛନ୍ତି । ବାଚସ୍ପତିଙ୍କ ଜରିଆରେ ବିଧାୟକ ବିଧାନସଭାରେ ପ୍ରଶ୍ନ କରିଥିଲେ ୩ଟି ପାକ୍ସ କେବେଠାରୁ ଚାଲିବ । ୩ଟି ପାକ୍ସ ଚାଲୁ ନେଇ ଅଣତାରକା ପ୍ରଶ୍ନ ୨୧୧୮ ବୁଧବାର ପଚାରିଥିଲି । ଏହା ଚାଲୁ କରିବାକୁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉତ୍ତରରେ ଆସିଛି ଉପନିବନ୍ଧକ ସମବାୟ ସମିତି (ଏଆରସିଏସ୍) ନୟାଗଡ ୩ଟି ପାକ୍ସର ତଦନ୍ତ କରି ଚାଲିବାକୁ ଜିଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି । ଜିଲାପାଳ ମଧ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖିଥିବା କହିଛନ୍ତି । ତେବେ ଚଳିତ ବର୍ଷଠାରୁ ୩ ପାକ୍ସରେ ଧାନକିଣା ହେବ ବୋଲି କହି ନାହାନ୍ତି । ଏଣୁ ବାଚସ୍ପତିଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ୩ଟି ପାକ୍ସ ଚାଲୁ କରାଯାଉ ବୋଲି ଦଶପଲ୍ଲା ବିଧାୟକ ଅନୁରୋଧ କରିଛନ୍ତି ।

# ଭାପୁର: ସାମାଜିକ ସୁରକ୍ଷା ଜନଶୁଣାଣି

ଭାପୁର,୨୪।୯(ପ୍ରଭାତ ବରାଡ)

ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଭାପୁର ବ୍ଲକ ସଭାଗୃହରେ ଅତିରିକ୍ତ ଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୪-୨୫ ଆର୍ଥିକ ବର୍ଷରେ ୨୦ ପଞ୍ଚାୟତରେ ହୋଇଥିବା ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ କେଉଁ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ସୂଚନା ଫଳକ ଲଗା ଯାଇ ନ ଥିଲା ତ ପଞ୍ଚାୟତରେ ଆବାସ ନ ହୋଇ ଟଙ୍କ ଆକାଉଣ୍ଟକୁ ପଠାଯାଇଛି । ବାଉଁଶବାଟୀ ପଞ୍ଚାୟତରେ ଗଛ ନ ଲାଗି ବିଲ ହୋଇଥିବା ନେଇ ହର୍ଟିକଲଚର ଅଧିକାରୀଙ୍କୁ ୧ ହଜାର ଟଙ୍କା ଜୋରିମାନା ଆଦାୟ ପାଇଁ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ।

ଭାପୁର ପଞ୍ଚାୟତ ମନ୍ଦାରବେଣୀ ଗ୍ରାମରେ ଜଣେ ବ୍ୟକ୍ତି ୪ ବର୍ଷ ହେଲା ମୃତ୍ୟୁବରଣ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ରାସନ ସାମଗ୍ରୀ ତାଙ୍କ ପରିବାର ଉଠାଉଛନ୍ତି। ସେହିପରି ଶାଳପଡା ପଞ୍ଚାୟତ ବାରବାଟି ଗ୍ରାମର ଜଣେ ବ୍ୟକ୍ତି ୫ ବର୍ଷ ହେଲା ମତ୍ୟୁବରଣ କରିଥିବା ବେଳେ ରାସନ ସାମଗ୍ରୀ ନେଉଥିବା ନେଇ ଆଲୋଚନା ହୋଇଥିଲା। ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ୍, ଯନ୍ତ୍ରୀ, ଯୋଗାଣ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିବା ମାତ୍ର ତିନି ଚାରି ଜଣ ଜନପ୍ରତିନିଧି ଉପସ୍ଥିତ ରହିଥିଲେ। ଆମ୍ବୁଡ୍‌ସ୍ ମ୍ୟାନ ନୟାଗଡ ଏମ୍‌ଜିଏନ୍‌ଆରଇଜିଏସ୍ ମୁଖ୍ୟ ଗିରିଶ ଚନ୍ଦ୍ର ଦାଶ ଉପସ୍ଥିତ ରହିଥିବା ବେଳେ ଭାପୁର ବ୍ଲକ ଏପିଓ ଅରୁଣ କୁମାର ଚିନାରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଜନଶୁଣାଣିରେ ଯୋଗଦେଇଥିବା ଅଧିକାରୀମାନେ ।

# ତାଲା ପକାଇ ଅଫିସ୍ ଆଗରେ ଧାରଣା




ବ୍ଲକ ଅଫିସ ସମ୍ମୁଖରେ ଦିଆଯାଇଥିବା ଧାରଣା।

ଦଶପଲ୍ଲା, ୨୪।୯ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକସମ୍ମୁଖରେ ବ୍ଲକରେ କାର୍ଯ୍ୟରତ ସମସ୍ତ କମ୍ୟୁନିଟି ସପୋର୍ଟିଂ ଷ୍ଟାଫ ମାନେ ଚଳାଇଥିବା ଧାରଣା ବୁଧବାରକୁ ତୃତୀୟ ଦିବସରେ ପହଞ୍ଚିଛି, ପୂର୍ବରୁ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେଉଥିଲେ, ବର୍ତ୍ତମାନ ବ୍ଲକ ଛାତ ଉପରେ ଥିବା ସେମାନଙ୍କ ଅଫିସକୁ ତାଲା ପକାଇ ସେଠାରେ ଧାରଣା ଦେଉଥିବା ଜଣାଯାଇଛି। ପୂର୍ବରୁ ପାଉଥିବା ନିର୍ଦ୍ଦିଷ୍ଟ ପାରିଶ୍ରମିକ ପାଉନଥିବାରୁ ସଂଘ ତରଫରୁ ବାରମ୍ବାର ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସ୍ଥାୟୀ ସମାଧାନ ନ ହେବାରୁ ଧାରଣା ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଧାରଣା ସମ୍ପର୍କରେ ପୂର୍ବରୁ ଅବଗତ କରାଯାଇଥିଲା, ସଂଘର ନିଷ୍ପତ୍ତି ଅନୁଯାୟୀ ଯେ ପର୍ଯ୍ୟନ୍ତ ସରକାର ତାଙ୍କ ଦାବି ଶୁଣି ନାହାନ୍ତି, ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଧାରଣା କାରୀମାନେ ମତ ଦେଇଛନ୍ତି। ସଂଘର ସଭାନେତ୍ରୀ ସୁରେଖା ମଞ୍ଜରୀ ପଟ୍ଟନାୟକ,ସମ୍ପାଦିକା ବିଜୟଲକ୍ଷ୍ମୀ ପାତ୍ରଙ୍କ ନେତୃତ୍ୱରେ ପ୍ରାୟ ଶତାଧିକ ମହିଳା ଉକ୍ତ ଧାରଣାରେ ସାମିଲ ହୋଇଥିବା ଜଣାଯାଇଛି।

# ମିଶନ ଶକ୍ତି ମହିଳାଙ୍କ ଧାରଣା

ବୁଗୁଡ଼ା/ବେଲଗୁଣ୍ଠା,୨୪।୯(କାଳିଚରଣ ଦାଶ/କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ମିଶନ ଶକ୍ତି କର୍ମୀ ସଂଘର ଆହ୍ୱାନ କ୍ରମେ ବୁଗୁଡ଼ା ମିଶନ ଶକ୍ତି କର୍ମୀ ସଂଘ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ବୁଗୁଡ଼ା ଏନ୍‌ଏସି ଏବଂ ବ୍ଲକ୍‌ର ୨୧ ପଞ୍ଚାୟତର ଏସ୍‌ଏଚ୍‌ଜି ମହିଳାମାନେ ଧାରଣା ଦେବା ସହିତ ସେମାନଙ୍କ ଦାବି ପୂରଣ ପାଇଁ ସ୍ଲୋଗାନ ଦେଇଥିଲେ। ପୂର୍ବ ସରକାର ସମୟରେ ରାଜ୍ୟର ପ୍ରତ୍ୟେକ ଜିଲାର ତୃଣମୂଳସ୍ତରରେ ମହିଳା ସଶକ୍ତିକରଣ ଲକ୍ଷ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀମାନ ଗଠନ ହୋଇଥିଲା। ସେହି ଗୋଷ୍ଠୀର ଇସି ମେମ୍ବରମାନଙ୍କୁ ସରକାରୀ ସହାୟତା ମିଳୁଥିଲା ଏବଂ ଏହା ଦ୍ୱାରା ସେମାନେ ଉପକୃତ ହେଉଥିଲେ। ତେବେ ସରକାର ପରିବର୍ତ୍ତନ ହେବା ପରେ ସେମାନଙ୍କୁ ବହିଷ୍କାର କରାଯାଇ ନୂତନ ଇସି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାର ପ୍ରତିବାଦ କରି ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଗଣ ବିଡିଓ ଦ୍ୟୁତିକୃଷ୍ଣ ପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ବେଲଗୁଣ୍ଠା ବ୍ଲକ ଅଫିସ ସମ୍ମୁଖରେ ବୁଧବାର ମିଶନ ଶକ୍ତି ବିଭାଗର କମ୍ୟୁନିଟି ସପୋର୍ଟ ଷ୍ଟାଫ ଭାବେ କାର୍ଯ୍ୟରତ ଜିପିଏଲଏଫ୍ ସଦସ୍ୟମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଥିଲେ। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ସହିତ ପୂର୍ବ ପରି ସ୍ଥାୟୀ ଦରମା, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ପାରି ଶ୍ରମିକ, ଆକାଉଣ୍ଟରେ ଦରମା ପାଇବା, ୬ ମାସର ବକେୟା ରାଶି ପ୍ରଦାନ କରିବା ଏପରି ବିଭିନ୍ନ ଦାବି ସମ୍ପର୍କିତ ପତ୍ର ଏବିଡ଼ିଓ ସନ୍ତୋଷ ମନ୍ତ୍ରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି।

# ପୂର୍ବତନ ପୋଷ୍ଟ ମାଷ୍ଟରଙ୍କୁ ୩ ବର୍ଷ ଜେଲ

ପାରଳାଖେମୁଣ୍ଡି, ୨୪।୯(ଗିରିଧାରୀ ପରିଚ୍ଛା)

ଡାକଘରେ ଲୋକଙ୍କ ସଞ୍ଚିତ ଅର୍ଥକୁ ଆତ୍ମସାତ କରିଥିବା ମାମଲାରେ ଗଜପତି ଜିଲା ନୂଆଗଡ ବ୍ଲକ ଖଜୁରିପଦାର ପୂର୍ବତନ ବ୍ରାଞ୍ଚ ପୋଷ୍ଟମାଷ୍ଟର କାର୍ତ୍ତିକେଶ୍ୱର ପାଇକ ବୁଧବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଓ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଆର୍. ଉଦୟଗିରି ସିନିୟର୍ ସିଭିଲ ଜଜ୍ ସୌଦାମିନୀ ବିଶ୍ୱାଳ ଭାରତୀୟ ପିଙ୍ଗଳ କୋଡ ଧାରା ୪୦୯ ଅନୁସାରେ ଅଭିଯୁକ୍ତ କର୍ତ୍ତିକେଶ୍ୱରଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨ ହଜାର ଟଙ୍କା ଆର୍ଥିକ ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ସ୍ଥଳେ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, କାର୍ତ୍ତିକେଶ୍ୱର ଖଜୁରିପଦା ବ୍ରାଞ୍ଚ ପୋଷ୍ଟ ଅଫିସରେ ପୋଷ୍ଟମାଷ୍ଟର ରୂପେ କାର୍ଯ୍ୟ କରୁଥିଲେ। ସେ ଜାମାକାରୀଙ୍କ ସଞ୍ଚୟ ଖାତାରୁ ଅର୍ଥ ହେରଫେର କରିଥିବା ନେଇ ତତ୍କାଳୀନ ସବ୍‌ଡିଭିଜନାଲ ଇନ୍ସପେକ୍ଟର ସୁରେନ୍ଦ୍ରନାଥ ପଣ୍ଡା ସୁରାକ ପାଇବା ପରେ ଏହାର ତଦନ୍ତ କରିଥିଲେ। ତଦନ୍ତରୁ ଏହା ସ୍ପଷ୍ଟ ହେବା ପରେ ତାଙ୍କ ବିରୋଧରେ ୧୨।୨।୧୯୯୯ରେ ସେରଙ୍ଗ ଥାନାରେ ପଣ୍ଡା ଅଭିଯୋଗ କରିଥିଲେ। କାର୍ତ୍ତିକେଶ୍ୱର ଜମାକାରୀଙ୍କ ସଞ୍ଚୟ ଖାତାରୁ ୪୭ ହଜାର ୨୪୧ ଟଙ୍କା ଆତ୍ମସାତ କରିଥିବା ସେ ଏତଲାରେ ଉଲ୍ଲେଖ କରିଥିଲେ। ମାମଲା (୯/୯୯) ରୁଜୁ କରି ପୋଲିସ ତଦନ୍ତ କରି ଆର. ଉଦୟଗିରି ସିନିୟର୍ ସିଭିଲ ଜଜ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା।

# ଏମ୍‌ଜିଏନ୍‌ଆର୍‌ଇଜିଏସର ଜନ ଶୁଣାଣି କାର୍ଯ୍ୟକ୍ରମ

ଦାରିଙ୍ଗବାଡ଼ି,୨୪।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍‌ରେ ବୁଧବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ଜନ ଶୁଣାଣି କାର୍ଯ୍ୟକ୍ରମ ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଅକ୍ଟୋବର୨୦୨୪ ଠାରୁ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଏହି ଯୋଜନାରେ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଶୁଣାଣି କରାଯାଇଥିଲା। ବ୍ଲକ୍‌ର ୨୫ଟି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଓ ଉକ୍ତ ଯୋଜନାରେ ରହିଥିବା ସମସ୍ୟା ସମ୍ପର୍କରେ ଶୁଣାଣି ହୋଇଥିଲା। ମୋଟ ୧୭ ଶହ ୩୯ଟି ପ୍ରକଳ୍ପ ହାତକୁ ନିଆଯାଇଥିବା ବେଳେ ସେଥିରେ ଗାଁକୁ ସଂଯୋଗୀ ରାସ୍ତା ସହ ଜଳ ସେଚନ ପାଇଁ କେନାଲ କାର୍ଯ୍ୟ, ବ୍ୟକ୍ତିଗତ ଜମି ଉନ୍ନୟନ କାର୍ଯ୍ୟ ଆଦି ହାତକୁ ନିଆଯାଇଛି। ସେଥିରୁ ମୋଟ ୧ ହଜାର ୩୪ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ସେହିପରି ୧୯ ଶହ ୬୦ଜଣ ଜବକାର୍ଡ ପାଇଁ ପଞ୍ଜିକୃତ କରିଥିବା ବେଳେ ସମସ୍ତଙ୍କୁ ଏହା ଯୋଗାଇ ଦିଆଯାଇଛି। ସେହିପରି ୯ ହଜାର ୩ ଶହ ୮ ପରିବାର କାର୍ଯ୍ୟ ଯୋଗାଇଦେବାକୁ ଆବେଦନ କରିଥିଲେ। ସମସ୍ତ ଆବେଦନ ଶ୍ରମିକ ପରିବାରକୁ କାର୍ଯ୍ୟ ଯୋଗାଇଦିଆଯାଇଛି। ସେମାନଙ୍କ ମଧ୍ୟରୁ ୧ ହଜାର ୬ ଶହ ୭୫ ଶ୍ରମିକ ପରିବାର ଶହେ ଦିନର କାର୍ଯ୍ୟ ସାରିଥିବା କୁହାଯାଇଥିଲା। ମୋଟ ୩ ଲକ୍ଷ ୩୨ ହଜାର ୫୦୪ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ଜନ ଶୁଣାଣିରେ କୁହାଯାଇଥିଲା।

# କେରଳରୁ ଫେରୁଥିବା ଓଡ଼ିଆ ଶ୍ରମିକ ନିଖୋଜ

## ୧୩ ଦିନ ହେଲା ଘରେ ଚୁଲି ଜଳୁନି

ପୁରୁଷୋତ୍ତମପୁର,୨୪।୯(ସବିତା ମିଶ୍ର):

କେରଳରେ ଶ୍ରମିକ କାମ କରୁଥିବା ଜଣେ ଓଡ଼ିଆ ଶ୍ରମିକ ଗାଁକୁ ଫେରୁଥିବା ବେଳେ ଟ୍ରେନ୍‌ରେ ନିଖୋଜ ହୋଇ ଯାଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ତଥା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ରେଙ୍ଗପିଲ୍ଲୀ ଗ୍ରାମର ସନ୍ତୋଷ ବେହେରା(୪୦)। ୧୩ ଦିନ ହେଲା ସନ୍ତୋଷଙ୍କ ପତ୍ତା ମିଳୁ ନ ଥିବାରୁ ପରିବାର ଲୋକେ ଦୁଃଖରେ ଅଛନ୍ତି। ଘରେ ଚୁଲି ବି ଜଳୁନି। ସନ୍ତୋଷଙ୍କ ପରିବାର ଲୋକଙ୍କ ସହ ସ୍ତ୍ରୀ ଗାୟତ୍ରୀ ବେହେରା ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲା ଶ୍ରମ କାର୍ଯାଳୟ, ବ୍ରହ୍ମପୁର ରେଳବାଇ ପୋଲିସ ଓ ଥାନାକୁ ଦୌଡି ସ୍ୱାମୀଙ୍କୁ ଉଦ୍ଧାର କରିଆଣିବାକୁ ଗୁହାରି କରୁଥିଲେ ମଧ କେହି ଗୁରୁତ୍ୱ ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ସନ୍ତୋଷଙ୍କ ପରିବାର ଗରିବ ଶ୍ରେଣୀର। ୪ ଭାଇଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ସେ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି। ତାଙ୍କ ଉପରେ ବୃଦ୍ଧା ମା'ଙ୍କ ସମେତ ୩ ଭାଇଙ୍କ ପରିବାର ଓ ନିଜ ସ୍ତ୍ରୀ, ପିଲା ନିର୍ଭରଶୀଳ ଥିଲେ। ଗ୍ରାମରେ କାମଧନ୍ଦା ନ ପାଇବାରୁ ପରିବାର ଚଳାଇବା ନିମନ୍ତେ ବର୍ଷେତଳେ ଦାଦନ ଖଟିବା ଲାଗି କେରଳ ଯାଇଥିଲେ। ସେଠାରୁ ସେ ପଠାଉଥିବା ପଇସାରେ ପରିବାର ଚଳୁଥିଲା। ସନ୍ତୋଷ ଗ୍ରାମକୁ ଆସିବା ଲାଗି ଗତ ୧୦ ତାରିଖରେ ବିବେକ ଏକ୍ସପ୍ରେସ (ନଂ. ୨୨୫୦୩) ଯୋଗେ ଫେରୁଥିବା ବେଳେ ତାଙ୍କର ମୋବାଇଲରେ ପରିବାର ଲୋକଙ୍କ ସହ କଥା ହୋଇଥିଲେ। ୧୧ ତାରିଖ ଅପରାହ୍ନ ୪ଟା ପରଠାରୁ ତାଙ୍କ ସହ ଆଉ ଯୋଗାଯୋଗ ହୋଇପାରୁନାହିଁ କି ସେ ଘରକୁ ମଧ ଆସିନଥିବା ସ୍ତ୍ରୀ ଗାୟତ୍ରୀ କହିଛନ୍ତି। ସନ୍ତୋଷଙ୍କୁ ଉଦ୍ଧାର ବ୍ୟବସ୍ଥା ସହ ପରିବାର ଲୋକଙ୍କୁ ସହାୟତା ଦେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି ।




ଶ୍ରମିକ ସନ୍ତୋଷ ବେହେରା ଓ ଅଭିଯୋଗ ନେଇ ଆସିଥିବା ପରିବାର।

# ଖୋଲିଲା କଫି ବଗିଚା ବୁଲିଲେ ପର୍ଯ୍ୟଟକ

- ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟ ହାତରେ କଫି ବଗିଚା
- ଜିଲା ପ୍ରଶାସନର ବଡ଼ ପଦକ୍ଷେପ

ଦାରିଙ୍ଗବାଡ଼ି,୨୪।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ୍‌କୁ ପର୍ଯ୍ୟଟନକ୍ଷେତ୍ର ଭାବେ ସ୍ୱତନ୍ତ୍ର ପରିଚୟ ଦେଇଥିବା କଫି ବଗିଚା ଏବେ ବ୍ଲକ୍ ପ୍ରଶାସନ ହାତକୁ ଚାଲି ଯାଇଛି। କଫି ବଗିଚା ବୁଧବାର ଖୋଲିଛି। ପ୍ରଥମ ଦିନରେ ହିଲଭିୟୁ ପାର୍କଠାରୁ କଫି ବଗିଚା ବୁଲିଛନ୍ତି ପର୍ଯ୍ୟଟକ। ଦିନ ତମାମ କଫି ବଗିଚାରେ ଭିଡ ଦେଖିବାକୁ ମିଳିଥିଲା। ଟିକେଟ୍ ବାବଦକୁ ଅଧିକା ଅର୍ଥ ସଂଗ୍ରହ ହୋଇଥିବା ବିଡ଼ିଓ ପ୍ରୀତିରଞ୍ଜନ ରଥ କହିଛନ୍ତି। ରବିବାର ସାଞ୍ଜାସରୁ ଉନ୍ନୟନ ଟ୍ରଷ୍ଟର ଅଧକ୍ଷ ତଥା ବାଲିଗୁଡ଼ା ଉପଜିଲାପାଳ ପ୍ରଣୀତା ଦାସଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କଫିବାଗିଚାଟି ମୃତ୍ତିକା ସଂରକ୍ଷଣ ବିଭାଗ ହାତରେ ରହିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏହା ବ୍ଲକ୍ ପ୍ରଶାସନ ହାତକୁ ଆସିଥିଲା। ପ୍ରଥମଥର ପାଇଁ ମଙ୍ଗଳବାର ଠାରୁ ବ୍ଲକ୍ ପ୍ରଶାସନ ଓ ଟ୍ରଷ୍ଟ ପକ୍ଷରୁ ଟିକେଟ ସଂଗ୍ରହ କରାଯାଇଥିଲା। ପ୍ରଥମ ଦିନରେ ପର୍ଯ୍ୟଟକଙ୍କ ଭିଡ଼ ଜମିବା ସହ ଏହାର ରୋଜଗାର ହିଲଭିୟୁ ଠାରୁ ଅଧିକା ରହିଥିବା କୁହାଯାଇଛି। ବୁଧବାର ସକାଳ ସମୟରେ ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ ପ୍ରମୁଖ କଫି ବଗିଚା ପରିଦର୍ଶନ କରିବା ସହ ଏହାର ଉନ୍ନୟନ କାର୍ଯ୍ୟ କରାଯିବାକୁ ଯୋଜନା କରାଯାଇଥିବା କହିଛନ୍ତି। ପ୍ରକାଶ ଯେ, କଫି ବଗିଚା ଦାରିଙ୍ଗବାଡ଼ିକୁ ସ୍ୱତନ୍ତ୍ର ପରିଚୟ ଦେଇଥିଲେ ମଧ ତାର ରକ୍ଷଣବେକ୍ଷଣ ସଠିକ ଭାବେ କରାଯାଉ ନ ଥିଲା। ଏବେ ମୃତ୍ତିକା ସଂରକ୍ଷଣ ବିଭାଗର ଜଣେ ଅଧିକାରୀ ପ୍ରଫୁଲ୍ଲ କୁମାର ପ୍ରଧାନ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ତାର ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ତାଙ୍କ ପୂର୍ବରୁ ଯେତେଜଣ ଅଧିକାରୀ ଯୋଗ ଦେଇଥିଲେ କେହି କଫି ବଗିଚାର ଉନ୍ନତି ନ କରିବା ସହ ପର୍ଯ୍ୟଟକଙ୍କ ଠାରୁ ଆଦାୟ ହେଉଥିବା ଟିକେଟ୍ ପାଣ୍ଠିକୁ ଚଞ୍ଚକତା କରିଥିବା ଅଭିଯୋଗ ହୋଇଥିଲା। ଯେଉଁଥିରେ କି ବାଲିଗୁଡା ଉପଜିଲାପାଳ ଏବଂ କନ୍ଧମାଳ ଜିଲାପାଳ ଖପ୍ପା ହୋଇଥିଲେ। ଏହା ପରେ ପ୍ରଶାସନ ପକ୍ଷରୁ ଡୁଲୁରୀ ପାଇନ ବଣକୁ ମଧ ଟ୍ରଷ୍ଟ ହାତକୁ ନେବା କୁହାଯାଉଛି। ଏହାଦ୍ୱାରା ଡୁଲୁରି ପାଇନବଣ ର ବିକାଶ ହୋଇପାରିବ ବୋଲି ଜିଲାପ୍ରଶାସନ ତଥା ସିଡିଓ ଶମ୍ଭୁନାଥ ନନ୍ଦୀ କହିଛନ୍ତି।



## ଚୋରା ମଦ ବନ୍ଦ ପାଇଁ ଏକଜୁଟ ହେଲେ ଗ୍ରାମବାସୀ

ଦଶରଥପୁର, ୨୪।୯ (ସୁଶାନ୍ତ କୁମାର ବେହୁରିଆ):

ମଙ୍ଗଳପୁର ଥାନା ଅଧୀନ କୟାଁ ପଞ୍ଚାୟତରେ ଦିନକୁଦିନ ବୃଦ୍ଧି ପାଉଛି ଚୋରା ମଦର ବେପାର। ଫଳରେ କୟାଁଗୋଲା ଅଞ୍ଚଳରେ ଜନସାଧାରଣ ସମେତ ଛାତ୍ରୀଛାତ୍ର ଅସୁରକ୍ଷିତ ମଣୁଛନ୍ତି। ତେଣୁ ଉକ୍ତ ଚୋରା ମଦ ଦୋକାନ ବନ୍ଦ କରିବା ପାଇଁ କୟାଁ ଅଞ୍ଚଳର ଜନସାଧାରଣ ଏ ବିଷୟରେ ଯାଜପୁର ଜିଲା ଅବକାରୀ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହିତ ବୁଧବାର ମଙ୍ଗଳପୁର ଥାନରେ ଲିଖିତ ଅଭିଯୋଗ କରିଛନ୍ତି। କୟାଁଗୋଲାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କୟାଁଗୋଲା ହାଇସ୍କୁଲ, ବ୍ୟାଙ୍କ, କୟାଁ ପଞ୍ଚାୟତ ସହିତ ବଜାର ମଧ୍ୟ ଅଛି। ଉକ୍ତ ବଜାରରେ କେତେଜଣ ବ୍ୟବସାୟୀ ଚୋରା ମଦ ବହୁଳ ଭାବେ ବିକ୍ରି କରୁଥିବାରୁ ମଦ ପିଇ କେତେଜଣ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ମାରପିଟ୍ ମଧ୍ୟ ଲାଗିଥାନ୍ତି। ବିଭିନ୍ନ ସମୟରେ ଉକ୍ତ ବ୍ୟକ୍ତିମାନେ ବ୍ୟାଙ୍କ ପରିସରରେ, ପଞ୍ଚାୟତ ଅଫିସ ନିକଟରେ, ସ୍କୁଲ ନିକଟରେ ମଦ ପିଇ ଗାଳି କରୁଥିବା ଲକ୍ଷ୍ୟ କରାଯାଇଛି।

# ଅଧିକାରୀ, ପୋଲିସଙ୍କୁ ମାଡ଼ମାରି ଟ୍ରାକ୍ଟର ଛଡ଼ାଇନେଲେ

### ବେଆଇନ ବାଲି ଚାଲାଣ ଉପରେ ଚଢ଼ାଉ

ରସୁଲପୁର, ୨୪।୯ (ରଞ୍ଜିତ ରାଉତ)

କୁଆଖିଆ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ଗୋପାଳପୁର, ରାଜେନ୍ଦ୍ରପୁର ଆଦି ଘାଟରୁ ବେଆଇନ ବାଲି ଚାଲାଣ ହେଉଥିବା ଜାଣି ବୁଧବାର ସକାଳେ ଯାଜପୁର ସର୍କଲ ଖଣି ନିର୍ଦ୍ଦେଶାଳୟର କନିଷ୍ଠ ଖଣି ଅଧିକାରୀ ଶିତେଶ କୁମାର ନାୟକ ଯାଜପୁର ଜିଲା ରିଜର୍ଭ ପୋଲିସ ଫୋର୍ସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଚଢ଼ାଉ ବେଳେ ବାଲି ବ୍ରବସାୟୀ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ବେହେରା ଓ ଟ୍ରାକ୍ଟର ଡ୍ରାଇଭର ରଞ୍ଜନ ଜେନା ଖଣି ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ମାଡମାରି ଗାଡି ଛଡାଇ ନେଇଗଲେ। ଏ ନେଇ ଖଣି ଅଧିକାରୀ ନାୟକ ଥାନାରେ ଅଭିଯୋଗ କରିଛନ୍ତି।ଅଭିଯୋଗ ଆଧାରରେ ପୋଲିସ ନଂ. ୩୭୫/୨୫ରେ ମାମଲା ରୁଜୁ କରିଛି। ପୋଲିସ ପକ୍ଷରୁ ଏ ନେଇ ତଦନ୍ତ ଜାରି ରହିଛି। ସେମାନଙ୍କୁ ପୋଲିସ ଖୋଜୁଥିବା ଜଣାଯାଇଛି।



ଅଭିଯୁକ୍ତମାନେ ଫେରାର ଥିବାବେଳେ ଟ୍ରାକ୍ଟରଟିକୁ କେଉଁଠି ଲୁଚାଯାଇଛି। ତାକୁ ନେଇ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି।

ବ୍ରାହ୍ମଣୀ ନଦୀରେ ବନ୍ୟାଜଳ କମିବା ପରେ ବାଲି ବ୍ୟବସାୟୀ ପାଣିରୁ ବାଲିକୁ ଛାଣି ବେଆଇନ ଭାବେ ଚାଲାଣ କରିବାରେ ଲାଗି ପଡିଥିଲେ। ଏ ସମ୍ପର୍କରେ ଯାଜପୁର ସର୍କଲ ଖଣି ନର୍ଦ୍ଦେଶାଳୟ ନିକଟରେ ଅଭିଯୋଗ ହୋଇଥିଲା। ପୂର୍ବ ପ୍ରସ୍ତୁତି ମୁତାବକ ସକାଳେ ଖଣି ଅଧିକାରୀଙ୍କ ସହ ପୋଲିସ ୧୬ନଂ. ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ପହଞ୍ଚ ଥିଲେ। ଏହି ବାଟ ଦେଇ ଏକ ବାଲି ବୋଝେଇ ଟ୍ରାକ୍ଟର ଚଢାଉକାରୀ ଦଳ ହାବୁଡରେ ପଡିଥିଲା । ଚଢାଉ ଦଳକୁ ଦେଖି ଟ୍ରାକ୍ଟର ଚାଳକ ଗାଡିକୁ ଛାଡି ଫେରାର ହୋଇଯାଇଥିଲା। ବାଲି ବେଆଇନ ଭାବେ ଚାଲାଣ ହେଉଥିବା ଜାଣି ଚଢାଉକାରୀ ଦଳ ଗାଡିକୁ ଜବତ କରି କୁଆଖିଆ ଥାନାକୁ ଆଣିଥିଲେ। ଏଥିସହ ବ୍ରାହ୍ମଣୀ ନଦୀର ଗୋପାଳପୁରଠାରେ ଥିବା ବେଆଇନ ବାଲିଘାଟ ଉପରେ ଚଢାଉ କରିଥିଲେ। ପୂର୍ବରୁ ଖବରପାଇ ବାଲି ପରିବହନରେ ନିୟୋଜିତ ଟ୍ରାକ୍ଟରଗୁଡିକୁ ନେଇ ଚାଳକମାନେ ଫେରାର ହୋଇଯାଇଥିଲେ। ମାତ୍ର ଗୋଟିଏ ଟ୍ରାକ୍ଟର ଘାଟରେ ବାଲି ବୋଝେଇ କରୁଥିବାବେଳେ ଚଢାକାରୀ ଦଳ ହାତରେ ଧରା ପଡିଯାଇଥିଲା। ପୋଲିସକୁ ଦେଖି ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରା ହୋଇଯାଇଥିଲେ। ଖଣି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ କର୍ମଚାରୀମାନେ ଘାଟରେ ପହଞ୍ଚି ବାଲିକୁ ଖଲାସ କରିବା ସହ ଗାଡିକୁ ଥାନାକୁ ଆଣିବାକୁ ପ୍ରୟାସ କରୁଥିଲେ। ଏହି ସମୟରେ ପୂର୍ବତନ ସରପଞ୍ଚ ବେହେରା ଓ ଚାଳକ ଜେନା ସଂଘବଦ୍ଧ ହୋଇ ଘଟଣାସ୍ଥଳରେ ପହଁଚି ପୋଲିସ କର୍ମଚାରୀ ଓ ଖଣି ଅଧିକାରୀଙ୍କ ସହ ଝଗଡ଼ା କରିବା ସହ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିଥିଲେ। ପୋଲିସ କର୍ମଚାରୀ ଗାଡିକୁ ଜୋରଜବରଦସ୍ତ ଥାନାକୁ ଆଣିବାକୁ ପ୍ରୟାସ କରିବାରୁ ଚାଳକ ଜେନା ସେମାନଙ୍କୁ ଧକ୍କା ମାରିବା ସହ ଗାଡି ଉପରୁ ତଳକୁ ଠେଲି ମାରି ଦେବାକୁ ଧମକ ଦେଇ ଟ୍ରାକ୍ଟରକୁ ଛଡାଇ ନେଇଥିଲେ। ଏହି ସୁଯୋଗରେ ପୂର୍ବତନ ସରପଞ୍ଚ ବେହେରା ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏ ନେଇ ଖଣି ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ପକ୍ଷରୁ ଖୋଳତାଡ ଜାରି ରହିଛି।

## ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାରାଲିଗାଲ୍ ଭଲ୍ୟୁଣ୍ଟିୟରଙ୍କୁ ପ୍ରଶିକ୍ଷଣ

ଯାଜପୁର ଟାଉନ, ୨୪।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଆଇନ ସେବା ପ୍ରାଧିକରଣ ଓ ଇଣ୍ଟରନ୍ୟାଶନାଲ ଜଷ୍ଟିସ୍ ମିଶନର ମିଳିତ ସହଯୋଗରେ ପାରାଲିଗାଲ୍ ଭଲ୍ୟୁଣ୍ଟିୟରମାନଙ୍କ ପାଇଁ ଏକ ଦିବସୀୟ ପ୍ରଶିକ୍ଷଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦ ଉଦ୍‌ଘାଟନ କରି ଜନସାଧାରଣ ଓ ଆଇନ ସେବା ଅନୁଷ୍ଠାନ ସହ ପାରାଲିଗାଲ୍ ସ୍ୱେଚ୍ଛାସେବୀ ନ୍ୟାୟିକ ମଧ୍ୟବର୍ତ୍ତୀ ପ୍ରତିନିଧି ବା ସଂଯୋଗ ସରଣୀ। ସମାଜର ସର୍ବନିମ୍ନ ସ୍ତରରେ ରହୁଥିବା ସାଧାରଣ ଜନତା ସାମ୍ବିଧାନିକ ଅଧିକାର ନେଇ ସେମାନଙ୍କୁ ସଚେତନ କରାଇବା ସହ ବିନାମୂଲ୍ୟରେ ସେମାନଙ୍କୁ ଆଇନ ସେବା ଯୋଗାଇ ଦେଉଛନ୍ତି। ପ୍ରଶିକ୍ଷକ ଭାବେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ. ରୁଦ୍ର ନାରାୟଣ ପୃଷ୍ଟି, ଜିଲା ଶ୍ରମ ଅଧିକାରୀ ସୁଧୀର ସାହୁ, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଆଇଜେମ୍‌ର ଥଇଥାନ ପରିଚାଳକ ଆଶିଷ କୁମାର ଦୀପ, ବିରଜା ଆଇନ ମହାବିଦ୍ୟାଳୟ ଅଧାପିକା ମହେଶ୍ୱେତା ଯୋଗଦେଇ ପିଏଲ୍‌ଭିଙ୍କ ଭୂମିକା, ଦାୟିତ୍ୱ ଓ ମହକିଲ ଉପଭୋକ୍ତା ପରାମର୍ଶ, ଶ୍ରମ ଆଇନ, ଶିଶୁ ଶ୍ରମିକ ଉଚ୍ଛେଦ ଆଇନ ୧୯୮୬, ଶିଶୁ ଅଧିକାରୀ, ଶିଶୁ କିଶୋର ନ୍ୟାୟ ଆଇନ ୨୦୧୫, ମାନବ ଚାଲାଣ ଓ ଗୋତି ଶ୍ରମିକ, ବେସିକ୍ କ୍ରିମିନାଲ ଆଣ୍ଡ ପିଡ୍‌ଭ୍ୟୁଡିଭି ଏବଂ ଲ ରିଲେଟିଙ୍ଗ ଫ୍ୟାମିଲି ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାଧିକରଣ ସଚିବ ଲିପା ମହାନ୍ତି ପ୍ରଶିକ୍ଷଣ ପରିଚାଳନା କରିବା ସହିତ ଆଇନ ସେବା ପ୍ରାଧିକରଣ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଶିକ୍ଷାର୍ଥୀ ଭାବେ ୫୮ଜଣ ପିଏଲ୍‌ଭି ଅଂଶଗ୍ରହଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ଜିଲା ପରିଷଦ କର୍ମଚାରୀମାନେ ସହଯୋଗ କରିଥିଲେ।

## ତାଳଗଛ ଉପରେ ସଚେତନତା, ଚାରା ରୋପଣ



ସୁକିନ୍ଦ ପ୍ରେସ୍ କ୍ଲବ ଓ ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଉଛି।

କାଳିଆପାଣି, ୨୪।୯ ( ଅସିତ ମହାନ୍ତ):

ସୁକିନ୍ଦା ପ୍ରେସ୍ କ୍ଲବ ଓ ସୁକିନ୍ଦା ବନାଞ୍ଚଳ ପକ୍ଷରୁ ବୁଧବାର ମିଳିତ ଭାବେ ମା' ନାମରେ ଗୋଟିଏ ଗଛ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଦାମୋଦରପୁରଠାରେ ଚାରାରୋପଣ କରାଯିବା ସହିତ ତାଳ ଗଛ ଲଗାଇବା ଓ ଏହାର ସଂରକ୍ଷଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। କଟକ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସନ୍ତୋଷ କୁମାର ପତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଳଗଛର ଉପକାରିତା ଉପରେ ସଚେତନତା କରିଥିଲେ। ସୁକିନ୍ଦା ପ୍ରେସ୍ କ୍ଲବର ସଭାପତି ବିଶ୍ୱଜିତ ନାୟକ ଯୋଗଦେଇ ଅଞ୍ଚଳରେ ଚଳିତବର୍ଷ ବହୁ ପରିମାଣର ବଜ୍ରପାତ ହେଉଥିବାବେଳେ ଏଥିରେ ମଣିଷଙ୍କ ସହିତ ବହୁ ଗୃହ ପାଳିତ ପ୍ରାଣୀ ଓ ଜନ୍ତୁ ମୃତ୍ୟୁ ହୋଇଥିବା କହିଥିଲେ। କେବଳ ତାଳଗଛ ହିଁ ବଜ୍ରପାତରୁ ମୃତାହତ ସଂଖ୍ୟା କମ କରିପାରିବ ବୋଲି ଏହି କାର୍ଯ୍ୟକ୍ରମରେ ସାମିଲ ଥିବା ବନ ବିଭାଗ ଓ ଖବରଦାତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ନୀଳମାଧବ ନାୟକ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ଉପସଭାପତି ବିମଳେନ୍ଦୁ ବେହୁରା, ସଙ୍ଗଠନ ସମ୍ପାଦକ ସତ୍ୟଜିତ ଦାଶ, ସହ ସମ୍ପାଦକ ଅସିତ ମହାନ୍ତ, ସରୋଜ ନାୟକ, ମନୋଜ ନାୟକ, ଶେଖ୍ ଜହୁର, ସୌମ୍ୟରଞ୍ଜନ ବାରିକ, ସଞ୍ଜୀବ ମହାନ୍ତ, ଲମ୍ବୋଦର ଦଳବେହେରା ଓ ବନ ବିଭାଗ ପକ୍ଷରୁ ବନପାଳ ମନୋରମା ହାତୀ, ପ୍ରଶାନ୍ତ ହେମ୍ବ୍ରମ, ଦେବାଶ୍ରିତ ଦାସ ଓ ବନବିଭାଗର ସ୍କ୍ୱାଡ୍ ପ୍ରମୋଦ ମହାନ୍ତି, ସିପୁନ ଦାସ, ସୋମନାଥ ମହାନ୍ତ, ରାମ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ, ଜିଲା ପ୍ରଶାସନର ଗୁରୁତ୍ୱାରୋପ

### ଗୋରୁ ମୁଣ୍ଡ, ଚମଡ଼ା ରାସ୍ତା ପାର୍ଶ୍ୱରେ ପକାଇବା ଘଟଣା

ଯାଜପୁର ଟାଉନ, ୨୪।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଗୋରୁ ମୁଣ୍ଡ ଓ ଚମଡ଼ା ରାସ୍ତା ପାର୍ଶ୍ୱରେ ପକାଇବା ଘଟଣାକୁ ପୋଲିସ ଓ ଜିଲା ପ୍ରଶାସନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଗତ ମଙ୍ଗଳବାର ରାତିରେ ଏହି ଘଟଣାକୁ ଯାଜପୁର ଟାଉନ ଥାନା ପୋଲିସ ଗୁରୁତର ସହ ନେଇ ଏକ ମାମଲା ରୁଜୁ କରିଛି। ବୁଧବାର ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସହାୟତାରେ ପୋଲିସ ଗାନ୍ଧୀ ଛକ ସାହି ବସ୍ତିରେ ଥିବା କଂସେଇଖାନାଗୁଡ଼ିକ ଉପରେ ଚଢ଼ଉ କରିଥିଲେ। ଏପରିକି କେତେଜଣ ବ୍ୟକ୍ତି ବିଶେଷଙ୍କ ବିରୋଧରେ ନୋଟିସ ମଧ୍ୟ ଜାରି କରାଯାଇଥିଲା। ଏଣେତେଣେ ବର୍ଜ୍ୟବସ୍ତୁକୁ ନ ପକାଇବାକୁ ପୋଲିସ ଚେତାବନୀ ଦେଇଥିଲା। ଗୁରୁବାର ଏ ନେଇ ସମସ୍ତ ବସ୍ତିର ମୁରବୀଙ୍କୁ ନେଇ ଏକ ଆଲୋଚନା କରାଯିବ ବୋଲି ପୋଲିସ ସ୍ଥିର କରିଛି ବୋଲି ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର କହିଛନ୍ତି। ମଙ୍ଗଳବାର ଜବତ ହୋଇଥିବା ଗୋରୁ ମୁଣ୍ଡ ଓ ଚମଡ଼ାକୁ ପରୀକ୍ଷା ନିରୀକ୍ଷା ନିମନ୍ତେ ପ୍ରାଣୀ ଚିକିତ୍ସକଙ୍କୁ ହସ୍ତାନ୍ତର କରାଯାଇଛି। ପରୀକ୍ଷା ନିରୀକ୍ଷା ପରେ ଉକ୍ତ ବର୍ଜ୍ୟବସ୍ତୁକୁ ଅତି ସତର୍କତା ସହିତ ପରିତ୍ୟକ୍ତ ସ୍ଥାନରେ ପୋତାଯିବ ବୋଲି ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ଜିଲାପାଳ ଅମ୍ବର କୁମାର କର ପୋଲିସ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ ସହରରେ ଯେପରି ଭାଇଚାରା କ୍ଷୁର୍ଣ୍ଣ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ କର, ଏସ୍‌ପି ଯଶ୍ ପ୍ରତାପ ଶ୍ରୀମଲ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରିଂ ରୋଡ଼ ପାର୍ଶ୍ୱକୁ ପୌର ପ୍ରଶାସନ ସଫେଇ କରିଥିବା ଦେଖିବାକୁ ମିଳିଥିଲା। ରାସ୍ତାପାର୍ଶ୍ୱରେ ଅନାବନା ଗଛ ଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଏଠାରେ ବର୍ଜ୍ୟବସ୍ତୁକୁ ଫୋପାଡ଼ି ଦେଉଥିବା ନେଇ ଅଭିଯୋଗ ହେଉଥିଲା।



ପୋଲିସ ପକ୍ଷରୁ କଂସେଇଖାନାରେ ଯାଞ୍ଚ କରାଯାଉଛି।

## ନ୍ୟାୟ ଦାବିରେ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତ ପରିବାର

- ଘରେ ପଶି ଜାତିଆଣ, ଗାଳିଗୁଲଜ ଘଟଣା
- ମାମଲା ରୁଜୁ କରି ବସିଛି ପୋଲିସ

ପାଣିକୋଇଲି, ୨୪।୯ (ବିକାଶ ଚନ୍ଦ୍ର ମଲ୍ଲିକ)

ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଗୁଣନିଧି ମଲିକଙ୍କ ସ୍ତ୍ରୀ କାମିନୀ ମଲିକଙ୍କ ଅଭିଯୋଗ ମୁତାବକ ଅଗଷ୍ଟ ୩୧ରେ ପାଖ ଗ୍ରାମର କେତେଜଣ ଅସାମାଜିକ ଯୁବକ ତାଙ୍କ ଘରେ ପହଞ୍ଚି ଜାତିଆଣ ଆକ୍ଷେପ, ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ମାରଣାସ୍ତ୍ର ଓ ଠେଙ୍ଗା ବାଡିଧରି ଘରେ ପଶିବାକୁ ଉଦ୍ୟମ କରିଥିଲେ। କାମିନୀ ଓ ୩ ଝିଅ ପ୍ରତିବାଦ କରିବାରୁ ସେମାନଙ୍କୁ ମାଡ ମାରିବା ସହ ଅସଦାଚରଣ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ନ ଥିଲା। ପରେ ଉପରିସ୍ଥ ଅଧିକାରୀଙ୍କ ତାଗିଦ ପରେ ଗତ ୩ ତାରିଖରେ ମାମଲା ରୁଜୁ କରିଥିଲା। ଏହି ଘଟଣାକୁ ୨୪ ଦିନ ବିତିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ଦାବିରେ ପୀଡିତ ପରିବାର ବୁଧବାର ଏସ୍‌ପିଙ୍କୁ ଭେଟି ଗୁହାରି କରିଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଯିବାରୁ ସେମାନେ ରାସ୍ତାଘାଟରେ ଗାଳିଗୁଲଜ ଓ ଧମକ ଦେଉଛନ୍ତି। ଯାହାଦ୍ୱାରା ପରିବାର ପ୍ରତି ବିପଦ ରହିଛି ବୋଲି କାମିନୀ କହିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.33-SBP-TRD-OT-2025-26, ତା.17.09.2025ରିଖ

କାର୍ଯ୍ୟର ନାମ: "ସମ୍ବଲପୁର ମଣ୍ଡଳର ଲାଞ୍ଜିଗଡ଼ ରୋଡ୍-କୁନାଗଡ଼ ରୋଡ୍ ସେକ୍ସନରେ 02 ଗୋଟି ଲେଭେଲ କ୍ରସିଙ୍ଗ ଫାଟକ (LJ-06 ଏବଂ LJ-11) ଗୁଡ଼ିକର ଇଣ୍ଟରଲକିଙ୍ଗ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (ଟଙ୍କାରେ): 31,25,895.43, EMD (ଟଙ୍କାରେ): 62,500/-, ଶେଷ ହେବା ଅବଧି: 09 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.09.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-628/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIVBBS 2025042, ତା.18.09.2025ରିଖ

କାର୍ଯ୍ୟର ନାମ: ଅନୁଗୁଳ ଷ୍ଟୋର ଠାରେ ବୈଦ୍ୟୁତ୍ ସାମଗ୍ରୀଗୁଡ଼ିକର ଗଚ୍ଛିତ ନିମନ୍ତେ କଭର ସେଡ୍‌ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 158.19 ଲକ୍ଷ, EMD (ଟଙ୍କାରେ): 2,29,100/-, କାର୍ଯ୍ୟ ଶେଷ ହେବା ଅବଧି: 05(ପାଞ୍ଚ)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.10.10.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟୁକ୍ତ ଆବଶ୍ୟକତାଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-117/CI/25-26

**DISTRICT PROJECT OFFICE, SAMAGRA SHIKSHA, MAYURBHANJ**

ସମଗ୍ର ଶିକ୍ଷା Samagra Shiksha

Murgabadi, PO-Bhanjpur, Baripada, Pin-757002,
E-mail : dpcmayurssa.opepa@nic.in

**TENDER CALL NOTICE**

No. : 4590 Date : 23.09.2025

**Purchase of Category-A :TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding**

**No.n-167** : Sealed Tenders are invited from registered suppliers/ vendors having valid Authorisation Certificates, MSME/SSI, PAN, GST regd. no. for Supply of **Category-A: TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding items to 26 nos of KGBVs (Type-III) of Mayurbhanj District**. The tender papers/bid documents containing detailed specification with terms and conditions in 2 part bidding i.e. application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.odisha.gov.in. Cost Tender processing fees @Rs.6000.00 (Rupees Six Thousand) Only (Non-Refundable) for each category. The last date & time for submission of sealed tender is 27.10.2025 at 2 pm and the Tech & Fin bid will be opened on 28.10.2025 at 10:30 .A.M.

Sd./- Collector-cum-Chairman
Samagra Shiksha, Mayurbhanj

OIPR-27140/11/0014/2526

**Government of Jharkhand**
**Urban Development and Housing Department**
**Deoghar Municipal Corporation, Deoghar**

Short Term E Procurement Notice
Tender Notice No. DNN/31/2025-26 (2nd Call)

| Sl No. | Particulars | Details |
|---|---|---|
| 1 | Name of Work | O & M of Ajay and Dharwa Water Supply Scheme, under Deoghar Town |
| 2 | Mode of Submission | e-tendering https://jharkhandtenders.gov.in/nicgep/app |
| 3 | Estimated Cost (Rs.) | Rs. 5,57,50,268.00 (Rupees Five Crore Fifty Seven Lac Fifty Thousand Two Hundred Sixty Eight Only) |
| 4 | Tender Fee (Payable online) | Rs. 25,000/- ( Rupees Twenty Five Thousand Only) Not refundable |
| 5 | Bid Security (Payable online) | Rs. 5,57,503/- (Rupees Five Lac Fifty Seven Thousand Five Hundred Three Only) |
| 6 | Time Period of O&M | One Year |
| 7 | Date/Time of Publication of Tender on Website | 26.09.2025 by 01:00 PM |
| 8 | Last Date/Time for receipts of Bids Online | 10.10.2025 by 02:00 PM |
| 9 | Opening of Technical BID | 11.10.2025 by 3:00 PM at New DMC Building near Electric Office, Deoghar, Jharkhand 814112 |
| 10 | Name & Address of Officer Inviting Tender | Municipal Commissioner, Deoghar Municipal Corporation, Jharkhand |
| 11 | Helpline number of E - Procurement Cell | Mob No. – 9508112201 |

Note: (i) Only e- tenders will be accepted. Further Details can be seen on website https://jharkhandtenders.gov.in/nicgep/app
(ii) Contractor should be registered in appropriate class as per NIT
(iii) Estimated cost/ quantity may be increased or decreased, as per actual requirement.
(iv) e-tender will be in double envelop system.

ह0/–
नगर आयुक्त सह प्रशासक
देवघर नगर निगम, देवघर

PR 362826 Deoghar(25-26).D

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, MOHANA**

No.O-787

E-mail : rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 04/MOHANA/2025-26**

1. Name of the work : Building works, 2. Total No. of work : 03 (Three) Nos., 3. Estimated cost : 2.94 Lakhs to 7.02 lakhs, 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 04/MOHANA/ 2025-26 | 03 (Three) Nos. | 26.09.2025 from 11.00 | 08.10.2025 upto 5.00 PM | 04.10.2025 upto 5.00 PM | 09.10.2025 at 11.00 AM |

Further details can be seen from the Website www.tenderodisha.gov.in

Sd./- Executive Engineer
R.W. Division, Mohana

OIPR-25148/11/0043/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, GUNUPUR**

E-mail id : eerwgunupur@gmail.com

No.O-808

**GEPNIC e-Procurement Notice**
**Bid Identification No. : EERWGNP - Online - 04/2025-26**

No.:/3461 Date : 17.09.2025

1. Name of the Work : Building Works, 2. Total No. of Works : 05 Nos (Percentage rate tender), 3. Estimated Cost : As mentioned in Col.3 of Annexure, 4. Class of Contractor : As mentioned in Col.5 of Annexure, 5. Period of Completion : As mentioned in Col.4 of Annexure, 6. EMD : As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | EERWGNP -Online-04/2025-26 | 26.09.2025 at 10.00 A.M. | 08.10.2025 upto 5.00 P.M. | 09.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Gunupur

OIPR-25170/11/0018/2526

**Jharkhand BijliVitran Nigam Limited**
(CIN : U40108JH2013SGC001702)
Regd. Office : Engineering Building, H.E.C., Dhurwa, Ranchi-834004,
Telephone :-0651-2400799 & Fax : 0651-2400799
https://www.jbvnl.co.in

**E-Tender Notice No. 201/PR/JBVNL/25-26**

Jharkhand BijliVitran Nigam Limited, Engineering Building, HEC Admin, Dhurwa, Ranchi – 834004, Jharkhand invites E-tender for bid from eligible Bidders for 'Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL)'.

The tender documents with detailed conditions can be obtained through web site http://jharkhandtenders.gov.in and should be submitted in the envelope containing all relevant documents as mentioned in the tender document.

| Sl. No. | Name of Work | Details |
|---|---|---|
| 1 | Name of Work | Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL) |
| 2 | Date of Publication of NIT on website | 26/09/2025 |
| 3 | Date of Pre-Bid Meeting / Time | 09/10/2025 / 03:00 PM |
| 4 | Last Date / Time for receipt of bids | 09/10/2025 / 04:00 PM |
| 5 | Date and Time for Opening of Technical bid | 31/10/2025 / 01:00 PM |
| 6 | Tender fee (Non – Refundable) | Rs. 1,000/- + GST @ 18% |
| 7 | Earnest Money Deposit (EMD) | Rs. 12,950/- |
| 8 | Contact email | itcelljbvnl@gmail.com |

स्वहित एवं राष्ट्र हित में ऊर्जा बचायें। कृपया अपनी शिकायतों को टॉल फ्री नं० 1800 345 6570 पर दर्ज करायें।

Sd/-
General Manager (IT)
JBVNL

PR 362770 Jharkhand Bijlee Vitran Nigam Ltd(25-26)D

**WALK-IN-INTERVIEW**
**JODA WOMEN'S COLLEGE, JODA, KEONJHAR**

Applications are invited from suitable candidates for the following posts on contractual engagement.

| Sl. # | Name of the Post | No. of Post | Qualification |
|---|---|---|---|
| 1. | Lecturer in English | 01 | PG (55% Min.) |
| 2. | Assistant Librarian | 01 | B. Lib. |

The engagement of the person for the above post is purely temporary in nature and the authority reserves the right to cancel/postponed the same at any point of time without assigning any reason thereof. Salary is negotiable. Desirous candidates with requisite qualification carrying the photocopy of their documents with original may appear in the Walk-in-Interview at Joda Women's College, Joda, Keonjhar on **Dt.13.10.2025 (Monday, 11 A.M.)**.

Sd./- Principal I/C-cum-Secretary
Joda Women's College, Joda, Keonjhar

**Contact No.: 9438340548**

No.B-554

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**GANJAM (R&B) DIVISION NO. I, BERHAMPUR**

Phone / Fax : (0680) 2233683, e-mail : sernb1.ganjam@yahoo.com

"e" Procurement Notice
Bid Identification No. SE R&B Divn. No.I Bam. 15/2025-26

Lr. No. 11205 Dated : 20.09.2025

| | | |
|---|---|---|
| Name of work | : | E.I. Work |
| No. of works | : | 11 (Eleven) Nos |
| Estimated Cost | : | Approximately Rs.5.86 to 15.71 Lakh |
| Period of Completion | : | 1 (One) Year |
| Date and time of Availability of bid document in the portal | : | From 10.00 hours of 26.09.2025 to 16.00 hours of 13.10.2025 |
| Last date / time for receipt of bids in the portal | : | Upto 16.00 hours of 14.10.2025 |
| Name and address of the Officer inviting Bid | : | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur

OIPR-34109/11/0046/2526

No.A-660

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SUNDARGARH IRRIGATION DIVISION, SUNDARGARH**
**ଅଧୀକ୍ଷଣ ଯନ୍ତ୍ରୀ, ସୁନ୍ଦରଗଡ଼ ଜଳସେଚନ ବିଭାଜନ, ସୁନ୍ଦରଗଡ଼**

E.mail-ID : irreesng@yahoo.in / irreesng@gmail.com

'e' Procurement for Civil Works
Bid-Identification No. SID-03/2025-26 (On-line), Dt. 23.09.2025

Letter No. 11462 Dt. 23.09.2025

| | | | |
|---|---|---|---|
| 1 | No. of works | : | Six (06 Nos.) |
| 2 | Estimated Cost | : | Rs.8.48 Lakh to Rs.29.17 Lakh |
| 3 | Period of completion | : | Four (04) Calendar Months |
| 4 | Date & Time of availability | : | Dt.26.09.2025 at 10:00 A.M. to Dt.16.10.2025 up to 5:30 P.M. |
| 5 | Last date/Time for receipt of bids in the portal | : | Dt.16.10.2025 up to 5:30 P.M. |
| 6 | Date and time of opening of tender | : | Dt.18.10.2025 at 11:00 A.M. |

Further details can be seem from the State Govt. Portal : www.tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- Superintending Engineer
Sundargarh Irrigation Division
Sundargarh

OIPR-32134/11/0011/2526

# ପୂର୍ବ ଭାରତର ପ୍ରବେଶ ପଥ ହେବ ପାରାଦୀପ ବନ୍ଦର

**ପାରାଦୀପ,୨୪।୯(ଶରତ ରାଉତ)**


ସାମୁଦ୍ରିକ ସପ୍ତାହ ଉପଲକ୍ଷେ ଆୟୋଜିତ ରୋଡ ଶୋ'ରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ ଅନ୍ୟ ଅତିଥିମାନେ।

## ସାମୁଦ୍ରିକ ସପ୍ତାହ ପାଇଁ ସ୍ୱତନ୍ତ୍ର ରୋଡ୍ ଶୋ'

ପାରାଦୀପ ବନ୍ଦର ପକ୍ଷରୁ ଭୁବନେଶ୍ୱରଠାରେ ବୁଧବାର ଭାରତୀୟ ସାମୁଦ୍ରିକ ସପ୍ତାହ କାର୍ଯ୍ୟକ୍ରମ ଉପଲକ୍ଷେ ରୋଡ ଶୋ' କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ, ଅନ୍ୟତମ ଅତିଥିଭାବେ ଏମ୍‌ପି ବିଭୁପ୍ରସାଦ ତରାଇ, ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା, ନଗର ଉନ୍ନୟନ ସଚିବ ଉଷା ପାଢ଼ୀ, ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଯୋଗଦେଇଥିଲେ। ଆସନ୍ତା ଅକ୍ଟୋବର ୨୭ରୁ ୩୧ ପର୍ଯ୍ୟନ୍ତ ମୁମ୍ବାଇଠାରେ ଭାରତ ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ସାମୁଦ୍ରିକ ସପ୍ତାହ କାର୍ଯ୍ୟକ୍ରମ ହେବ। ଏହି ଅବସରରେ ବନ୍ଦର ଭିତ୍ତିଭୂମି ବିକାଶ ଓ ପଣ୍ୟ କାରବାର ନେଇ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ନେଇ ଭିତ୍ତିଭୂମି କରାଯାଉଛି ବୋଲି ଅଧ୍ୟକ୍ଷ ହାରାନ୍ଧ କହିଥିଲେ। ମନ୍ତ୍ରୀ ସ୍ୱାଇଁ କହିଥିଲେ, ଏବେ ଡବଲ ଇଞ୍ଜିନ ସରକାର ରାଜ୍ୟ ଓ ଦେଶର ବିକାଶ ପାଇଁ ଭିତ୍ତିଭୂମି ବିକାଶ କରୁଛି। ଆସନ୍ତା ୨୦୩୬ ସୁଦ୍ଧା ଓଡ଼ିଶାର ପାରାଦୀପ ବନ୍ଦର ୫୦୦ମିଲିୟନ ଟନ ପଣ୍ୟ କାରବାର କରିବାକୁ ଲକ୍ଷ୍ୟ ରଖାଯାଇଛି। ଏବେଠାରୁ ଗଞ୍ଜାମ ଜିଲାରେ ବାହୁଦା ବନ୍ଦର ପାଇଁ ୨୧,୫୦୦ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି। ସେହିପରି କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାର ମଧ୍ୟସ୍ଥଳ ମହାନଦୀ ମୁହାଣରେ ଜାହାଜ ନିର୍ମାଣ କାରଖାନା କରାଯିବ। ଏଥିପାଇଁ ୨୪,୭୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କହିଥିବା କଥା ପାରାଦୀପ ହେବ ପୂର୍ବ ଭାରତର ବିକାଶ ପଥ ଏବେ ତାହା ସାକାର ହେବାକୁ ଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ।

## ସଂକ୍ଷେପରେ

### କୋଲଡିଆ ଗାଁରେ ବୁଲା କୁକୁର କାମୁଡ଼ାରେ ୫ ଆହତ

**ପାରାଦୀପ,୨୪।୯ (ଶରତ ରାଉତ)**

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ କୋଲଡିଆ ଗାଁରେ ବୁଧବାର ଏକ ବୁଲା କୁକୁର ୫ ଜଣଙ୍କୁ କାମୁଡି



ଆହତ କରିଛି। ମାତ୍ର ଅଧଘଣ୍ଟା ମଧ୍ୟରେ କୁକୁର ପ୍ରଥମେ ଏକ ବାଛୁରୀକୁ କାମୁଡି ଦେଇଥିଲା। ପରେ ଜଣେ ବୃଦ୍ଧ, ୩ ବର୍ଷର ଶିଶୁପୁତ୍ର, ମହିଳା ଓ ୨ ଜଣଙ୍କୁ କାମୁଡି ଥିଲା। କୁକୁର କାମୁଡ଼ିବାରୁ ବୃଦ୍ଧ ରବୀନ୍ଦ୍ର ପତିଙ୍କ ହାତ ପାପୁଲିରେ ଗଭୀର ଆଘାତ ଲାଗିଛି। ସେହିପରି ସୁମିତ୍ରା ସାମଲଙ୍କ ଆଙ୍ଗୁଠି କାମୁଡି ଛିଣ୍ଡାଇ ଦେଇଛି। ପରେ ଗାଁ ଲୋକେ ଏକାଠି ହୋଇ ଉକ୍ତ କୁକୁରକୁ କାବୁ କରିଥିଲେ। ଆହତମାନଙ୍କୁ ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲ, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜଗତ୍‌ସିଂହପୁର ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ସାପ କାମୁଡ଼ାରେ ୨ ମହିଳା ଗୁରୁତର

**ଏରସମା, ୨୪। ୯ (ଦୀପ୍ତି ଖଣ୍ଡୁଆଳ)**

ଏରସମା ବ୍ଲକ ଅନ୍ତର୍ଗତ ଦୁଇଟି ଭିନ୍ନ ସ୍ଥାନରେ ୨ ଜଣ ମହିଳା ବୁଧବାର ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୁଞ୍ଜକୋଠି ପଞ୍ଚାୟତ ଅନ୍ତର୍ଗତ କାନାଗୁଳି ଗ୍ରାମର ସସ୍ମିତା ସ୍ୱାଇଁ (୩୦) ଓ ବାଳେଇପୁର ପଞ୍ଚାୟତ ଅନ୍ତର୍ଗତ ସିଂହପୁର ଗ୍ରାମର କୌଶଲ୍ୟା ସ୍ୱାଇଁ (୪୮)। ସସ୍ମିତା ବାଡ଼ିରେ ଜାଳ ସଂଗ୍ରହ କରୁଥିବା ବେଳେ ତାଙ୍କୁ ସାପ କାମୁଡି ଦେଇଥିଲା। ସେହିପରି କୌଶଲ୍ୟା ଘାସ କାଟୁଥିବା ବେଳେ ସାପ କାମୁଡି ଦେଇଥିଲା। ଉଭୟଙ୍କୁ ଚିକିତ୍ସା ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# 'ପୂଜା ପତ୍ରିକା କମିବା ସାହିତ୍ୟ ସମୃଦ୍ଧିରେ ପ୍ରତିବନ୍ଧକ'


ବାଲିଘର ପୂଜା ସଂଖ୍ୟା ଉନ୍ମୋଚନ ଉତ୍ସବରେ ଯୋଗଦେଇଥିବା ଅତିଥି।

## ବାଲିଘର ପୂଜା ସଂଖ୍ୟା ଉନ୍ମୋଚନ

**ତିର୍ତ୍ତୋଲ,୨୪।୯(ଗୌରାଙ୍ଗ ଚରଣ ସ୍ୱାଇଁ)**

ଆଗରୁ ଓଡ଼ିଶାରେ ଦଶହରା ପୂଜା ସମୟରେ ବହୁ ମାତ୍ରାରେ ବିଭିନ୍ନ ପତ୍ରପତ୍ରିକାର ପୂଜା ସଂଖ୍ୟା ପ୍ରକାଶ ପାଉଥିଲା। ପାଠକମାନେ ମଧ୍ୟ ପୂଜା ସମୟରେ ପତ୍ରପତ୍ରିକା କିଣିବା ଲାଗି ଅପେକ୍ଷା କରୁଥିଲେ। କିଛି ବର୍ଷ ହେବ ପୂଜା ସମୟରେ ଆଗଭଳି ପୂଜା ସଂଖ୍ୟା ପ୍ରକାଶ ପାଉନାହିଁ। ସାହିତ୍ୟ ପତ୍ରିକାର ପୂଜା ସଂଖ୍ୟା ଅଧିକ ମାତ୍ରାରେ ପ୍ରକାଶ ନ ପାଇବା ସାହିତ୍ୟ ସମୃଦ୍ଧିରେ ପ୍ରତିବନ୍ଧକ ସାଜିଛି। ଏହା ସାହିତ୍ୟ ଲାଗି ଶୁଭଙ୍କର ନୁହେଁ ବୋଲି ବାଲିଘର ପୂଜା ସଂଖ୍ୟା ଉନ୍ମୋଚନ ଉତ୍ସବରେ ମତ ପ୍ରକାଶ ପାଇଛି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇଟ୍ରିସିଂ ପଞ୍ଚାୟତସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ଉତ୍ତରେଶ୍ୱରୀଙ୍କ ମନ୍ଦିର ପରିସରରେ ବୁଧବାର ଉକ୍ତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲାର ଏହି ସର୍ବପୁରାତନ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେଶନ ପକ୍ଷରୁ ବାଲିଘରର ପୂଜା ସଂଖ୍ୟା ୨୦୨୫ ଉନ୍ମୋଚନ ଉତ୍ସବର ଆୟୋଜନ କରାଯାଇଥିଲା। ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ସାମାଜିକ କର୍ମୀ ନିର୍ଲିପ୍ତ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ନାରାୟଣ ନାୟକ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ ପଣ୍ଡିତ ନାଗମଣି କର, ଗାଳ୍ପିକ ତଥା ଗଙ୍ଗୋତ୍ରୀର ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, କବି ହୃଷିକେଶ ଜେନା, ଶ୍ୟାମସୁନ୍ଦର ବେହେରା, ଶ୍ରୀକାନ୍ତ ଦାଶ, ଗୌରାଙ୍ଗ ସ୍ୱାଇଁ, ଶିକ୍ଷକ ବୃନ୍ଦାବନ ନାୟକ, କବି ବିଜୟ ଖଟେଇ, ମହମ୍ମଦ ମନସୁର୍ ଅଲ୍ଲୀ, କୁଳମଣି ଦାସ, କବୟିତ୍ରୀ ଗୀତା ଦାସ ଓ ହେମନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ବାଲିଘର କେବଳ ପତ୍ରିକା ବା ଅନୁଷ୍ଠାନ ନୁହେଁ ସାହିତ୍ୟ ଓ ସମାଜ ସେବା କ୍ଷେତ୍ରରେ ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଲିଘରର ପୂଜା ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ତୃପ୍ତି ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୨୭୭.୩୪୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

## ଆନୁମାନିକ ମୂଲ୍ୟ ୨୮ ଲକ୍ଷ ଟଙ୍କା ହେବ

**ଜଗତ୍‌ସିଂହପୁର, ୨୪।୯ (ପ୍ରମୋଦ କୁମାର ନାୟକ)**


ଖବରଦାତା ସମ୍ମିଳନୀରେ ୩ ଅଭିଯୁକ୍ତଙ୍କ ସହ ଏସ୍‌ପି ଅଙ୍କିତ କୁମାର ବର୍ମା ଓ ଅନ୍ୟ ପୋଲିସ କର୍ମଚାରୀମାନେ।

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ୧୨ନଂ. ରାଜ୍ୟ ରାଜପଥ (କଟକ–ପାରାଦୀପ ରାସ୍ତା) ପାର୍ଶ୍ୱବର୍ତ୍ତୀ ତାଳଦଣ୍ଡା କେନାଲ ପଠା ଷଣ୍ଢକୁଦ ଶନିଦେବ ମନ୍ଦିର ନିକଟରୁ ୨୭୭.୩୪୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏକ ପଲିଥିନ୍ ପ୍ୟାକେଟ ସହ ଏହାର ମୋଟ ଓଜନ ୪.୧୩୦ ଗ୍ରାମ ହୋଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୨୮ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏଥିସହ ଅଭିଯୁକ୍ତମାନଙ୍କ ନିକଟରୁ ୩ ମୋବାଇଲ ଓ ୫ ହଜାର ଟଙ୍କା ଜବତ କରାଯାଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଷଣ୍ଢକୁଦ ଗ୍ରାମର ଅମର କୁମାର ସ୍ୱାଇଁ ଓରଫ କାଳିଆ (୩୭), ପ୍ରହ୍ଲାଦ ପରିଡ଼ା ଓରଫ ପହଲି (୨୮) ଓ ବଣିକୁଦ ଗ୍ରାମର ସଂଗ୍ରାମ ଲେଙ୍କା ଓରଫ କାଳିଆ (୨୪)। ଏସ୍‌ଆଇ ରଶ୍ମିରଞ୍ଜନ ସାହୁଙ୍କ ଅଭିଯୋଗ ଆଧାରରେ କୁଜଙ୍ଗ ଥାନାରେ ମାମଲା (ନଂ.୩୫୩/୨୫) ରୁଜୁ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି।

ବୁଧବାର ଜଗତ୍‌ସିଂହପୁର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମଙ୍ଗଳବାର ଏକ ବିଶେଷସୂତ୍ରରୁ ଖବରପାଇ କୁଜଙ୍ଗ ଆଇଆଇସିଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଆର୍‌ଆର୍ ସାହୁଙ୍କ ନେତୃତ୍ୱରେ ଏକ ଦଳ ଗଠନ କରାଯାଇଥିଲା। ଉକ୍ତ ଦଳ ଜାଣିବାକୁ ପାଇଥିଲ ଯେ, ଅଭିଯୁକ୍ତମାନେ ଉପରୋକ୍ତ ସ୍ଥାନରେ ସନ୍ଦେହଜନକ ଭାବେ ଅଛନ୍ତି। ଏହାପରେ ପୋଲିସ ଟିମ୍ ସେଠାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରିଛି। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ତଥା କୁଜଙ୍ଗ ଅତିରିକ୍ତ ତହସିଲଦାର ବ୍ୟୋମକେଶ ପ୍ରଧାନଙ୍କ ଉପସ୍ଥିତିରେ ବ୍ରାଉନ୍‌ସୁଗାର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି ବୋଲି ବର୍ମା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସମ୍ମିଳନୀରେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ଓ କୁଜଙ୍ଗ ଆଇଆଇସି ବଂଶୀଧର ପ୍ରଧାନ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କାଳିଆଙ୍କ ନାମରେ କୁଜଙ୍ଗ ଥାନାରେ ପୂର୍ବରୁ (ନଂ. ୧୨/୨୨ ଓ ୧୩/୨୨) ଓ ସଂଗ୍ରାମଙ୍କ ନାମରେ (ନଂ. ୪୨୩/୨୩)ରେ ମାମଲା ରହିଛି।

# ମା' ସିଦ୍ଧିଦାତ୍ରୀଙ୍କ ଚନ୍ଦ୍ରଘଣ୍ଟା ବେଶ

**ନାଉଗାଁ,୨୪।୯(ସୁଧା ବେହୁରା)**



ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ୟୋସ୍ଥିତ ସିଦ୍ଧିଶ୍ରୀକ୍ଷେତ୍ର ପୀଠରେ ଶାରଦୀୟ ପାର୍ବଣର ଦଶମ ଦିବସ ଓ ନବରାତ୍ରର ତୃତୀୟ ଦିବସ ପୂଜା ଅବସରରେ ମା' ସିଦ୍ଧିଦାତ୍ରୀଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ସୁସଜ୍ଜିତ କରାଯାଇଛି। ଏହି ବେଶକୁ ପୀଠର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ଓ ଆଶ୍ରମବାସୀ ପରିଚାଳନା କରୁଛନ୍ତି। ମା'ଙ୍କ ଏହି ବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

# ମହାସାଗର ସହ ଯୋଡ଼ିହୋଇଛି ସମଗ୍ର ବିଶ୍ୱ

## ଆଜି ଆନ୍ତର୍ଜାତିକ ନୌବାଣିଜ୍ୟ ଦିବସ

**ପାରାଦୀପ, ୨୪।୯(ଶରତ ରାଉତ)**

ସମଗ୍ର ବିଶ୍ୱରେ ଗୁରୁବାର ବିଶ୍ୱ ନୌବାଣିଜ୍ୟ ଦିବସ ପାଳନ କରାଯିବ। ବନ୍ଦର ଭିତ୍ତିକ ସହର ଓ ବନ୍ଦର ସହ ଜଡ଼ିତ ବ୍ୟବହାରକାରୀ ସଂସ୍ଥା ପକ୍ଷରୁ ଏହି ଦିବସ ପାଳନ କରାଯିବ। ଏହିକ୍ରମରେ ଦେଶର ୧ନଂ. ମାନ୍ୟତା ପାଇଥିବା ଓଡ଼ିଶାର ପାରାଦୀପଠାରେ ମଧ ଏହି ଦିବସ ପାଳନ କରାଯିବ। ଚଳିତ ବର୍ଷର ଇଣ୍ଟରନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେଶନ (ଆଇଏମଓ) ପକ୍ଷରୁ ବାର୍ତ୍ତା ରହିଛି 'ଆମର ମହାସାଗର, ଆମର ଦାୟିତ୍ୱ ଓ ଆମର ସୁଯୋଗ'। କ୍ୟାପଟେନ ପ୍ରେମାନନ୍ଦ ରାଉତଙ୍କ କହିବାନୁଯାୟୀ, ଏହି ମହାସାଗର ଦେଇ ସମଗ୍ର ବିଶ୍ୱର ୮୦ ପ୍ରତିଶତ ପଣ୍ୟ କାରବାର ହେଉଛି। ମହାସାଗର ହିଁ ବିଶ୍ୱକୁ ବାଣିଜ୍ୟକ ଓ ସାଂସ୍କୃତିକ ଭାବେ ଯୋଡ଼ିଛି। ବିଶ୍ୱସ୍ତରରେ ସବୁ ଦେଶର ସମ୍ବିଧାନ ଅଲଗା। କିନ୍ତୁ ଜାହାଜ ଚଳାଚଳ କ୍ଷେତ୍ରରେ ଯେଉଁ ଆଇନ ପ୍ରଣୟନ ଆଇଏମ୍‌ଓ ଦ୍ୱାରା କରାଯାଇଛି ତାକୁ ପ୍ରାୟ ସବୁ ଦେଶ ମାନିଥାନ୍ତି। ଏହି ମହାସାଗର ଏବେ ବିଭିନ୍ନ କାରଣ ପାଇଁ ପ୍ରଦୂଷିତ ହେବାରେ ଲାଗିଛି। ଏହାର ପ୍ରଭାବ ଆଗାମୀ ଦିନରେ ପଡ଼ିପାରେ ବୋଲି ସେ କୁହନ୍ତି। ସମୁଦ୍ର ଶାନ୍ତ ରହିଲେ ମାନବସମାଜ ଶାନ୍ତିରେ ରହିବ। ତା'ର ସୁରକ୍ଷା ସମସ୍ତେ କରିବା ଜରୁରୀ ବୋଲି ରାଉତ କହିଛନ୍ତି।


ପାରାଦୀପ ସମୁଦ୍ର ବେଳାଭୂମି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.33-SBP-TRD-OT-2025-26, ତା.17.09.2025ରିଖ

**କାର୍ଯ୍ୟର ନାମ:** "ସମ୍ବଲପୁର ମଣ୍ଡଳର ଲାଞ୍ଜିଗଡ଼ ରୋଡ଼-କୁନାଗଡ଼ ରୋଡ଼ ସେକ୍ସନରେ 02 ଗୋଟି ଲେଭେଲ କ୍ରସିଙ୍ଗ୍ ଫାଟକ (LJ-06 ଏବଂ LJ-11) ଗୁଡ଼ିକର ଇଣ୍ଟରଲିଙ୍କ୍" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 31,25,895.43, EMD (ଟଙ୍କାରେ): 62,500/-, ଶେଷ ହେବା ଅବଧି: 09 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-628/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIVBBS 2025042, ତା.18.09.2025ରିଖ

**କାର୍ଯ୍ୟର ନାମ:** ଅନୁଗୁଳ ଷ୍ଟୋର ଠାରେ ବୈଦ୍ୟୁତ୍ ସାମଗ୍ରୀଗୁଡ଼ିକର ଗଚ୍ଛିତ ନିମନ୍ତେ କଭର ସେଡ୍‌ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 158.19 ଲକ୍ଷ, EMD (ଟଙ୍କାରେ): 2,29,100/-, କାର୍ଯ୍ୟ ଶେଷ ହେବା ଅବଧି: 05(ପାଞ୍ଚ)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.10.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-117/CI/25-26

**DISTRICT PROJECT OFFICE, SAMAGRA SHIKSHA, MAYURBHANJ**
ସମଗ୍ର ଶିକ୍ଷା / Samagra Shiksha
Murgabadi, PO-Bhanjpur, Baripada, Pin-757002,
E-mail : dpcmayurssa.opepa@nic.in

**TENDER CALL NOTICE**
**No. : 4590 Date : 23.09.2025**

**Purchase of Category-A :TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding**

**No.n-167** : Sealed Tenders are invited from registered suppliers/ vendors having valid Authorisation Certificates, MSME/SSI, PAN, GST regd. no. for Supply of **Category-A: TLM & Equipments (Sports Item, LED TV, Musical Equipment, Library Furniture) and Category-B: Bedding items to 26 nos of KGBVs (Type-III) of Mayurbhanj District**. The tender papers/bid documents containing detailed specification with terms and conditions in 2 part bidding i.e. application of Technical Bid & application of Financial Bid & the tender paper can be downloaded in the website at www.osepa.odisha.gov.in and www.mayurbhanj.odisha.gov.in. Cost Tender processing fees @Rs.6000.00 (Rupees Six Thousand) Only (Non-Refundable) for each category. The last date & time for submission of sealed tender is 27.10.2025 at 2 pm and the Tech & Fin bid will be opened on 28.10.2025 at 10:30 .A.M.

Sd./- Collector-cum-Chairman
Samagra Shiksha, Mayurbhanj
OIPR-27140/11/0014/2526

**Government of Jharkhand**
**Urban Development and Housing Department**
**Deoghar Municipal Corporation, Deoghar**

**Short Term E Procurement Notice**
**Tender Notice No. DNN/31/2025-26 (2nd Call)**

| Sl No. | Particulars | Details |
|---|---|---|
| 1 | Name of Work | O & M of Ajay and Dharwa Water Supply Scheme, under Deoghar Town |
| 2 | Mode of Submission | e-tendering https://jharkhandtenders.gov.in/nicgep/app |
| 3 | Estimated Cost (Rs.) | Rs. 5,57,50,268.00 (Rupees Five Crore Fifty Seven Lac Fifty Thousand Two Hundred Sixty Eight Only) |
| 4 | Tender Fee (Payable online) | Rs. 25,000/- ( Rupees Twenty Five Thousand Only) Not refundable |
| 5 | Bid Security (Payable online) | Rs. 5,57,503/- (Rupees Five Lac Fifty Seven Thousand Five Hundred Three Only) |
| 6 | Time Period of O&M | One Year |
| 7 | Date/Time of Publication of Tender on Website | 26.09.2025 by 01:00 PM |
| 8 | Last Date/Time for receipts of Bids Online | 10.10.2025 by 02:00 PM |
| 9 | Opening of Technical BID | 11.10.2025 by 3:00 PM at New DMC Building near Electric Office, Deoghar, Jharkhand 814112 |
| 10 | Name & Address of Officer Inviting Tender | Municipal Commissioner, Deoghar Municipal Corporation, Jharkhand |
| 11 | Helpline number of E - Procurement Cell | Mob No. – 9508112201 |

Note: (i) Only e- tenders will be accepted. Further Details can be seen on website https://jharkhandtenders.gov.in/nicgep/app
(ii) Contractor should be registered in appropriate class as per NIT
(iii) Estimated cost/ quantity may be increased or decreased, as per actual requirement.
(iv) e-tender will be in double envelop system.

ह०/–
नगर आयुक्त सह प्रशासक
देवघर नगर निगम, देवघर
PR 362826 Deoghar(25-26).D

No.O-787
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, MOHANA**
E-mail : rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 04/MOHANA/2025-26**

1. Name of the work : Building works, 2. Total No. of work : 03 (Three) Nos., 3. Estimated cost : 2.94 Lakhs to 7.02 lakhs, 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 04/MOHANA/ 2025-26 | 03 (Three) Nos. | 26.09.2025 from 11.00 | 08.10.2025 upto 5.00 PM | 04.10.2025 upto 5.00 PM | 09.10.2025 at 11.00 AM |

Further details can be seen from the Website www.tenderodisha.gov.in

Sd./- Executive Engineer
R.W. Division, Mohana
OIPR-25148/11/0043/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, GUNUPUR**
E-mail id : eerwgunupur@gmail.com
No.O-808
**GEPNIC e-Procurement Notice**
**Bid Identification No. : EERWGNP - Online - 04/2025-26**
**No.:/3461 Date : 17.09.2025**

1. Name of the Work : Building Works, 2. Total No. of Works : 05 Nos (Percentage rate tender), 3. Estimated Cost : As mentioned in Col.3 of Annexure, 4. Class of Contractor : As mentioned in Col.5 of Annexure, 5. Period of Completion : As mentioned in Col.4 of Annexure, 6. EMD : As mentioned in Col.6 of Annexure, 7. Paper Cost : As mentioned in Col.7 of Annexure, 8. Other details

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Gunupur | EERWGNP -Online-04/2025-26 | 26.09.2025 at 10.00 A.M. | 08.10.2025 upto 5.00 P.M. | 09.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Gunupur
OIPR-25170/11/0018/2526

**Jharkhand BijliVitran Nigam Limited**
(CIN : U40108JH2013SGC001702)
Regd. Office : Engineering Building, H.E.C., Dhurwa, Ranchi-834004,
Telephone :-0651-2400799 & Fax : 0651-2400799
https://www.jbvnl.co.in

**E-Tender Notice No. 201/PR/JBVNL/25-26**

Jharkhand BijliVitran Nigam Limited, Engineering Building, HEC Admin, Dhurwa, Ranchi – 834004, Jharkhand invites E-tender for bid from eligible Bidders for 'Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL)'.

The tender documents with detailed conditions can be obtained through web site http://jharkhandtenders.gov.in and should be submitted in the envelope containing all relevant documents as mentioned in the tender document.

| Sl. No. | Name of Work | Details |
|---|---|---|
| 1 | Name of Work | Annual Maintenance Charges (AMC) & development of website of Jharkhand BijliVitran Nigam Limited (JBVNL) |
| 2 | Date of Publication of NIT on website | 26/09/2025 |
| 3 | Date of Pre-Bid Meeting / Time | 09/10/2025 / 03:00 PM |
| 4 | Last Date / Time for receipt of bids | 09/10/2025 / 04:00 PM |
| 5 | Date and Time for Opening of Technical bid | 31/10/2025 / 01:00 PM |
| 6 | Tender fee (Non – Refundable) | Rs. 1,000/- + GST @ 18% |
| 7 | Earnest Money Deposit (EMD) | Rs. 12,950/- |
| 8 | Contact email | itcelljbvnl@gmail.com |

स्वहित एवं राष्ट्र हित में ऊर्जा बचावें। कृपया अपनी शिकायतों को टॉल फ्री नं० 1800 345 6570 पर दर्ज करायें।

Sd/-
General Manager (IT)
JBVNL
PR 362770 Jharkhand Bijlee Vitran Nigam Ltd(25-26)D

**WALK-IN-INTERVIEW**
**JODA WOMEN'S COLLEGE, JODA, KEONJHAR**

Applications are invited from suitable candidates for the following posts on contractual engagement.

| Sl. # | Name of the Post | No. of Post | Qualification |
|---|---|---|---|
| 1. | Lecturer in English | 01 | PG (55% Min.) |
| 2. | Assistant Librarian | 01 | B. Lib. |

The engagement of the person for the above post is purely temporary in nature and the authority reserves the right to cancel/postponed the same at any point of time without assigning any reason thereof. Salary is negotiable. Desirous candidates with requisite qualification carrying the photocopy of their documents with original may appear in the Walk-in-Interview at Joda Women's College, Joda, Keonjhar on **Dt.13.10.2025 (Monday, 11 A.M.)**.

Sd./- Principal I/C-cum-Secretary
Joda Women's College, Joda, Keonjhar

**Contact No.: 9438340548**

No.B-554
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**
Phone / Fax : (0680) 2233683, e-mail : sernb1.ganjam@yahoo.com
**"e" Procurement Notice**
**Bid Identification No. SE R&B Divn. No.I Bam. 15/2025-26**
Lr. No. 11205 Dated : 20.09.2025

| | | |
|---|---|---|
| Name of work | : | E.I. Work |
| No. of works | : | 11 (Eleven) Nos |
| Estimated Cost | : | Approximately Rs.5.86 to 15.71 Lakh |
| Period of Completion | : | 1 (One) Year |
| Date and time of Availability of bid document in the portal | : | From 10.00 hours of 26.09.2025 to 16.00 hours of 13.10.2025 |
| Last date / time for receipt of bids in the portal | : | Upto 16.00 hours of 14.10.2025 |
| Name and address of the Officer inviting Bid | : | Superintending Engineer, Ganjam (R&B) Division No.I, Berhampur |

